


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୦୬ ଡିସେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 06 DECEMBER 2022

Vol.No. 33 ■ No. 317 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ପଦ୍ମପୁର ଉପନିର୍ବାଚନ : ସରିଲା ଭୋଟିଂ, ଇଭିଏମ୍‌ରେ ସିଲ୍ ପ୍ରାର୍ଥୀଙ୍କ ଭାଗ୍ୟ



ଭୁବନେଶ୍ୱର, ୦୫/୧୨ (ନି.ପ୍ର): ପଦମପୁର ଉପନିର୍ବାଚନ ପାଇଁ ମତଦାନ ଶେଷ ହୋଇଛି। ଇଭିଏମ୍ ରେ ସିଲ୍ ହୋଇଛି ୧୦ ପ୍ରାର୍ଥୀଙ୍କ ଭାଗ୍ୟ। ସଂଧ୍ୟା ୫ଟା ସୁଦ୍ଧା ୭୫.୮୯ ପ୍ରତିଶତ ମତଦାନ ହୋଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ସୋମବାର ସକାଳ ୭ଟାରୁ ଭୋଟିଂ ଆରମ୍ଭ ହୋଇଥିବା ବେଳେ ଅପରାହ୍ନ ୪ଟା ସୁଦ୍ଧା ଭୋଟ୍ ଗ୍ରହଣ ଅବଧି ଶେଷ ହୋଇଥିଲେ ହେଁ ଭୋଟର ଲାଇନ୍ ରେ ଥିବାରୁ ସଂଧ୍ୟା ପର୍ଯ୍ୟନ୍ତ ଭୋଟିଂ ଜାରି ରହିଥିଲା। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ ଲୋହାନୀ ଏସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ଅପରାହ୍ନ ୩ ଟା ସୁଦ୍ଧା ୬୫.୨୮% ଭୋଟିଂ ହୋଇଛି। ୮୯ଟି ବୁଥ୍ ରେ ପ୍ରାୟ ୧୨ ହଜାର ଜଣ ଭୋଟ ଦେବାକୁ ଲାଇନ୍ ରେ ଅଛନ୍ତି। ୪ଟା ସୁଦ୍ଧା ଯେଉଁମାନେ ବୁଥ୍ ରେ ପହଂଚିଥିଲେ, ଟୋକନ ଧରି ଲାଇନ ଦେଇଛନ୍ତି। ଯାହା ଜଣାପଡୁଛି ୬ଟା/ସାଢ଼େ ୬ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ଚାଲିବ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ୨୦୧୯ରେ ମତଦାନ ହାର ୭୯.୦୫% ଥିଲା। ଏଥର ସେତିକି ହେବା ଅନୁମାନ କରାଯାଉଛି। ଅପରପକ୍ଷରେ ଆସନ୍ତା ୮ ତାରିଖ ସକାଳୁ ଗଣତି ଆରମ୍ଭ ହେବ। ସୋମବାର ସକାଳ ସାଢ଼େ ୫ଟାରୁ ମକ୍ ପୋଲିଂ ଆରମ୍ଭ ହୋଇଥିଲା। ପଦ୍ମପୁର ନିର୍ବାଚନମଣ୍ଡଳୀର ମୋଟ୍ ୩୧୯ ବୁଥ୍‌ରେ ୨ ଲକ୍ଷ ୬୯ ହଜାର ୩୨୬ଜଣ ଭୋଟର ରହିଛନ୍ତି। ସେଥିମଧ୍ୟରୁ ୧ ଲକ୍ଷ ୩୦ ହଜାର ୩୩୧ ପୁରୁଷ ଓ ୧ ଲକ୍ଷ ୨୮ ହଜାର ୯୮୧ ମହିଳା ଭୋଟର ଅଛନ୍ତି। ଭୋଟ୍ ଗ୍ରହଣ ପାଇଁ ମୋଟ୍ ୧୨ ଶହ ୭୬ ଜଣ ପୋଲିଂ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଥିଲା। ମୋଟ୍ ୧୨୦ ବୁଥ୍‌ରେ ୱେବ୍ କାଷ୍ଟିଂ ବ୍ୟବସ୍ଥା ସାଙ୍ଗକୁ ୬୬ଟି ବୁଥ୍ ସିସିଟିଭି ସର୍ଭେଲାନ୍ସ ଭିତରେ ରହିଥିଲା। ଅନ୍ୟ ପକ୍ଷରେ ପଦ୍ମପୁର ଉପନିର୍ବାଚନ ପାଇଁ ଆଜି ସକାଳେ ବିଜେଡି ପ୍ରାର୍ଥୀ ବର୍ଷା ସିଂ ବରିହା ଓ ବିଜେପି ପ୍ରାର୍ଥୀ ପ୍ରଦୀପ ପୁରୋହିତ ନିଜର ମତଦାନ ଅଧିକାର ସାବ୍ୟସ୍ତ କରିଛନ୍ତି। ବର୍ଷା ସିଂ ବରିହା ଲାଇନରେ ଛିଡ଼ା ହୋଇଥିଲେ। ତାପରେ ସେ ୨୧୩ ନଂ ବୁଥରେ ଭୋଟ ଦେଇଥିଲେ। ଏହାପରେ ସେ କହିଛନ୍ତି, ପଦ୍ମପୁରର ବିକାଶ ପାଇଁ ସମସ୍ତେ ଭୋଟ ଦିଅନ୍ତୁ। ସେହିପରି ବିଜେପି ପ୍ରାର୍ଥୀ ପ୍ରଦୀପ ପୁରୋହିତ ନିଜର ଧର୍ମପତ୍ନୀ, ମା ଓ ଦୁଇ ପୁତୁରାଙ୍କ ସହ ଲମ୍ବା ଧାଡ଼ିରେ ଠିଆ ହୋଇଭୋଟ ଦେଇଥିବା ଦେଖିବାକୁ ମିଳିଛି । ସେ ୧୨୮ ନଂ ବୁଥରେ ଭୋଟ ଦେଇଥିଲେ। ପଦ୍ମପୁରବାସୀଙ୍କ ଭିତରେ ବି ପ୍ରବଳ ଆଗ୍ରହ ପରିଲକ୍ଷିତ ହୋଇଛି। ଭୋଟ ଦେବା ପରେ ସେ ଖୁବ୍ ଉତ୍ସାହିତ ଥିବା ▶▶ପୃଷ୍ଠା ୭

## ଏକଜିଟ ପୋଲ : ଗୁଜରାଟରେ ବିଜେପିକୁ ୪୬% ଓ କଂଗ୍ରେସକୁ ୨୬% ଭୋଟ



ଅହମଦାବାଦ, ୦୫/୧୨ (ନି.ପ୍ର): ଗୁଜରାଟରେ ବିଜେପି ଏକତରଫା ଭାବେ ବାଜିମାତ କରିବ ବୋଲି ଏକଜିଟ ପୋଲରୁ ସ୍ପଷ୍ଟ ହୋଇଛି। ଦୀର୍ଘ ୨୭ ବର୍ଷ ହେଲା ବିଜେପି ଶାସନରେ ଥିଲେ ମଧ୍ୟ ଏଥର ପୂର୍ବାପେକ୍ଷା ଅଧିକ ସଂଖ୍ୟକ ଆସନ ଜିତି ସରକାର ଗଠନ କରିବ। ନିର୍ବାଚନ ମୈଦାନରେ ଥିବା ଆପ୍ ଓ କଂଗ୍ରେସ ବିଜେପିର ଆଖପାଖ ମଧ୍ୟ ମାଡ଼ିବାକୁ ସକ୍ଷମ ହେବେନି। ବିଜେପି ୧୦୦ରୁ ଅଧିକ ଆସନ ଜିତିବା ସହ କ୍ରମାଗତ ୭ମଥର ପାଇଁ ରାଜ୍ୟରେ ସରକାର ଗଠନ କରିବ। ଦଳର ଭୋଟ ଶେୟାର ମଧ୍ୟ ୪୬% ଟପିବ ବୋଲି ଏକଜିଟ ପୋଲରେ ପୂର୍ବାନୁମାନ କରାଯାଇଛି। ୨୦୧୯ ସାଧାରଣ ନିର୍ବାଚନରେ ସଠିକ ଏକଜିଟ ପୋଲ ରିପୋର୍ଟ ଦେଇଥିବା ଇଣ୍ଡିଆ ଟୁଡେ-ଆକ୍ସିସ ମାଇଁ ଇଣ୍ଡିଆ କହିଛି ଯେ ବିଜେପି ଗୁଜରାଟରେ ୪୬% ଭୋଟ ପାଇବାକୁ ଥିବା ବେଳେ ଆପ୍ ୨୦% ଓ କଂଗ୍ରେସ ୨୬% ଭୋଟ ପାଇବ। ଆସନ ସଂଖ୍ୟା ଦେଖିଲେ ବିଜେପି ୧୮୨ଟି ବିଧାନସଭା ଆସନରୁ ୧୨୯ରୁ ୧୫୧ଟି, କଂଗ୍ରେସ ୧୬ରୁ ୩୦ ସିଟ ଆସନ ଓ ଅରବିନ୍ଦ କେଜ୍ରିୱାଲଙ୍କ ଆପ୍ ୯ରୁ ୨୧ଟି ଆସନ ଜିତବ। ▶▶ପୃଷ୍ଠା ୭

## ରାଜଧାନୀରେ ବ୍ୟାନ ହେଲା ବିଏସ୍ ୩ ଓ ବିଏସ୍ ୪ ଗାଡ଼ି



ନୂଆଦିଲ୍ଲୀ, ୦୫/୧୨ : ପୁଣିଥରେ ରାଜଧାନୀ ଦିଲ୍ଲୀରେ ବାୟୁ ପ୍ରଦୂଷଣର ମାତ୍ରା ବୃଦ୍ଧି ପାଇଛି। ଏହାର ମୁକାବିଲା କରିବା ପାଇଁ ଦିଲ୍ଲୀ ସରକାର ପେଟ୍ରୋଲରେ ଚାଲିଥିବା ବିଏସ୍-୩ ଓ ଡିଜେଲରେ ଚାଲିଥିବା ବିଏସ୍ ୪ର ସମସ୍ତ ୪ ଚକିଆ ଗାଡ଼ି ଉପରେ ବ୍ୟାନ ଲଗାଇଛନ୍ତି। ଏହି ବ୍ୟାନ ଅବଧି ଆସନ୍ତା ୯ ତାରିଖ ଯାଏ ବଳବତ୍ତର ରହିବ। କେନ୍ଦ୍ର ସରକାରଙ୍କ ବାୟୁ ଗୁଣବତ୍ତା ସୂଚକାଙ୍କର ଷ୍ଟେଜ ଅନ୍ତର୍ଗତ ଗ୍ରେଡେଡ ରେସପନ୍ସ ଆକ୍ସନ ପ୍ଲାନ(ଜିଆରଏପି)ର କଟକଣା ଆଧାରରେ ଏପରି ନିଷ୍ପତ୍ତି ନିଆଯାଇଛି। ଜିଆରଏପିର ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ରବିବାର ସବ କମିଟି ବୈଠକ ବସିଥିଲା। ଏହି ସମୟରେ ଦିଲ୍ଲୀର ବାୟୁ ଗୁଣବତ୍ତା ଓ ପାଣିପାଗ ବିଭାଗ କରିଥିବା ଆକଳନକୁ ସମୀକ୍ଷା କରାଯାଇଥିଲା। ଏହି ସମୀକ୍ଷା ବୈଠକର ଦିନକ ପରେ ଗାଡ଼ି ଉପରେ ବ୍ୟାନ ଲଗାଯାଇଛି। ଦିଲ୍ଲୀ ସରକାର କହିଛନ୍ତି ଯେ ଗାଡ଼ିଗୁଡ଼ିକ ଉପରେ ଲାଗିଥିବା କଟକଣାକୁ କଡ଼ାକଡ଼ି ଭାବେ ପାଳନ କରାଯିବ। ତେବେ ଜରୁରୀ ସେବା, ସରକାର କିମ୍ବା ନିର୍ବାଚନ କାମରେ ନିୟୋଜିତ ଗାଡ଼ିଗୁଡ଼ିକୁ କଟକଣାରୁ ବାଦ ଦିଆଯିବ। ଯଦି କେହି ନିୟମ ଉଲ୍ଲଙ୍ଘନ କରନ୍ତି, ତେବେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହ ୨୦ ହଜାର ଟଙ୍କା ଜୋରିମାନା ଲାଗୁ କରାଯିବ। ନଭେମ୍ବର ୪ ପରେ ଦିଲ୍ଲୀର ବାୟୁ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଇଛି। ବର୍ତ୍ତମାନ ଦିଲ୍ଲୀର ଏୟାର କ୍ୱାଲିଟି ଇଣ୍ଡେକ୍ସ ୪୪୭ ରହିଛି।

## ବଙ୍ଗୋପସାଗରରେ ଭୂମିକମ୍ପ ଅନୁଭୂତ

ଭୁବନେଶ୍ୱର, ୦୫/୧୨ (ନି.ପ୍ର): ବଙ୍ଗୋପସାଗରର ଗଭୀର ସମୁଦ୍ରରେ ଭୂମିକମ୍ପ ଅନୁଭବ ହୋଇଛି । ସକାଳ ୮ଟା ୩୨ ମିନିଟରେ ଏହି ଭୂମିକମ୍ପ ଅନୁଭୂତ ହୋଇଥିବା ନ୍ୟାସନାଲ ସେଣ୍ଟର୍ ଫର୍ ସେସମୋଲୋଜୀ ପକ୍ଷରୁ ସୂଚନା ଦିଆଯାଇଛି । ରିକ୍ଟର ସ୍କେଲରେ ଭୂକମ୍ପର ତୀବ୍ରତା ୫.୧ ରେକର୍ଡ ହୋଇଥିବା ଜଣା ପଡିଛି । ମିଳିଥିବା ସୂଚନା ଅନୁସାରେ ବଙ୍ଗଳାଦେଶର ରାଜଧାନୀ ଢାକା ଠାରୁ ଦକ୍ଷିଣ-ପଶ୍ଚିମ ଦିଗରେ ୫୨୯ କିମି, କକ୍ସ ବଜାରଠାରୁ ଦକ୍ଷିଣ ପଶ୍ଚିମ ଦିଗରେ ୩୪୦ କିମି ଏବଂ ଚଟ୍ଟଗ୍ରାମ ଠାରୁ ୩୭୯ କିମି ଦୂରରେ ଏହି ଭୂକମ୍ପର କେନ୍ଦ୍ରସ୍ଥଳ ଆକଳନ କରାଯାଇଛି ।

## ଦିଲ୍ଲୀରେ ପହଂଚିଲେ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ, ୦୫/୧୨ : ଦିନିକିଆ ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସେଠାରେ ଅନୁଷ୍ଠିତ ହେବାକୁ ଥିବା ଜି୨୦ ବୈଠକରେ ସେ ଯୋଗଦେବେ। ସୋମବାର ଦିନ ଦିଲ୍ଲୀରେ ପହଂଚିବା ପରେ ଗଣମାଧ୍ୟମକୁ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏଠାରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଜି୨୦ ବୈଠକରେ ଯୋଗ ଦେବାକୁ ତାଙ୍କୁ ନିମନ୍ତ୍ରଣ କରାଯାଇଛି। ସେଥିରେ ସେ ଯୋଗ ଦେଉଛନ୍ତି।

## ଅର୍ଚ୍ଚନା ନାଗକୁ ୭ ଦିନିଆ ରିମାଣ୍ଡରେ ନେବ ଇଡି



ଭୁବନେଶ୍ୱର, ୦୫/୧୨ (ନି.ପ୍ର): ଲେଡି ବ୍ଲାକମେଲର ଅର୍ଚ୍ଚନା ନାଗକୁ ୭ ଦିନିଆ ରିମାଣ୍ଡରେ ନେବାକୁ ଇଡ଼ିକୁ ଅନୁମତି ଦେଇଛନ୍ତି ଭୁବନେଶ୍ୱର ଏସଡିଜେଏମ୍ କୋର୍ଟ। ଆସନ୍ତା ୧୩ ତାରିଖରେ କୋର୍ଟରେ ହାଜର କରିବାକୁ ଇଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ମିଳିଥିବା ସୂଚନା ମୁତାବକ ଅର୍ଚ୍ଚନା ନାଗକୁ ୧୫ ଦିନ ପାଇଁ ରିମାଣ୍ଡରେ ନେବାକୁ ପ୍ରବର୍ତନ ନିର୍ଦ୍ଦେଶାଳୟ ବା ଇଡି ଆବେଦନ କରିଥିଲା। ସୋମବାର ଦିନ ଲେଡି ବ୍ଲାକମେଲର୍ ଅର୍ଚ୍ଚନା ନାଗକୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ଝାରପଡ଼ା ଜେଲରୁ କଡ଼ା ସୁରକ୍ଷା ମଧ୍ୟରେ ତାଙ୍କୁ କୋର୍ଟକୁ ଅଣାଯାଇଥିଲା। ଏହି ସମୟରେ ସେ ଗଣମାଧ୍ୟମକୁ କହିଥିଲେ ମୋ ମୁହଁ ବନ୍ଦ କରି ମୋତେ କୋର୍ଟ ଫରଓ୍ୱାର୍ଡ କରାଯାଉଛି। ମୁଁ ଚାହୁଁଛି ସବୁ ଜିନିଷର ତଦନ୍ତ ହେଉ। ସିବିଆଇ ତଦନ୍ତ ହେଉ । ତଦନ୍ତ ହେଲେ ତ ସତ ବାହାରିବ ବୋଲି କହିଛନ୍ତି ଅର୍ଚ୍ଚନା। ଅପରପକ୍ଷରେ ଆସନ୍ତା ୭ ତାରିଖରେ କୋର୍ଟରେ ହାଜର ହେବେ ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁ। ସୂଚନାଯୋଗ୍ୟ ଯେ ଅର୍ଚ୍ଚନା ନାଗଙ୍କ ସହ କେଉଁ କେଉଁ ହାଇ ପ୍ରୋଫାଇଲ ବ୍ୟକ୍ତିମାନଙ୍କର ସମ୍ପୃକ୍ତି ରହିଛି ଏବଂ କେତେ ଟଙ୍କାର ନେଣ ଦେଣ ହୋଇଛି ତାର ଉତ୍ସ ଖୋଜୁଛି ଇଡି। ଏ ନେଇ ଇଡି ବର୍ତମାନ ସୁଦ୍ଧା ସିନେ-ପ୍ରଯୋଜକ ଅକ୍ଷୟ ପରିଜା, ଶ୍ରଦ୍ଧାଞ୍ଜଳି ବେହେରା, ଅମୀୟ ଦାସ, ଖଗେଶ୍ୱର, ପ୍ରଭାତରଂଜନ ପତି, ଶିବ ପ୍ରସାଦ ଦାସ, ଗଙ୍ଗାଧର ସାମଲ, ଚନ୍ଦନ ଓ ପ୍ରମୋଦ ସ୍ୱାଇଁ ପ୍ରମୁଖଙ୍କୁ ଜେରା କରିସାରିଛି।

## ଏକଜିଟ୍ ପୋଲ : ଦିଲ୍ଲୀ ମହାନଗର ନିଗମରେ ହାରିବ ବିଜେପି, ଜିତିବ ଆପ୍




ନୂଆଦିଲ୍ଲୀ, ୦୫/୧୨ : ଦୀର୍ଘ ୧୫ ବର୍ଷ ହେଲା ଦିଲ୍ଲୀ ମହାନଗର ନିଗମରେ ଜାରି ରହିଥିବା ବିଜେପି ଶାସନରେ ପଡ଼ିବ ପୂର୍ଣ୍ଣଚ୍ଛେଦ। ଦିଲ୍ଲୀରେ କ୍ଷମତାସୀନ ଆପ୍ ମହାନଗର ନିଗମକୁ ବି ନିଜ ଦଖଲକୁ ନେବ ବୋଲି ଆଜି ସାମ୍ନାକୁ ଆସିଥିବା ଏକଜିଟ ପୋଲରୁ ସ୍ପଷ୍ଟ ହୋଇଛି। ରବିବାର ଦିଲ୍ଲୀର ୨୫୦ ମହାନଗର ନିଗମ ଆସନରେ ଭୋଟ ହୋଇଥିଲା। ଆସନ୍ତା ବୁଧବାର ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ। ତେବେ ଏହାପୂର୍ବରୁ ଆଜି ବିଭିନ୍ନ ଜାତୀୟ ଗଣମାଧମ ଓ ସଂସ୍ଥା ପକ୍ଷରୁ ଏକଜିଟ ପୋଲ ରେଜଲ୍ଟ ପ୍ରକାଶ କରାଯାଇଛି। ଏହାର ଅର୍ଥ ଭୋଟ ଦେବା ପରେ ଲୋକମାନେ ଦେଇଥିବା ମତାମତକୁ ଆଧାର କରି ଏହି ରେଜଲ୍ଟ ପ୍ରକାଶ କରାଯାଇଛି। ▶▶ପୃଷ୍ଠା ୭

## ହକି ବିଶ୍ୱକପ୍ ଟ୍ରଫି ପରିକ୍ରମା ଅଭିଯାନର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ


ଭୁବନେଶ୍ୱର, ୦୫/୧୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଦିନ ହକି ବିଶ୍ୱକପ୍ ଟ୍ରଫି ପରିକ୍ରମା ଅଭିଯାନର ଶୁଭାରମ୍ଭ କରିଛନ୍ତି । ଏହାସହ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କୀଙ୍କୁ ଟ୍ରଫି ହସ୍ତାନ୍ତର କରିଛନ୍ତି । ମିଳିଥିବା ସୂଚନା ଅନୁସାରେ ଏହି ହକି ବିଶ୍ୱକପ ଟ୍ରଫି ଆଗାମୀ ୨୧ ଦିନ ଧରି ହକି ବିଶ୍ୱକପ ଟ୍ରଫି ଦେଶର ୧୩ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ପରିକ୍ରମା କରିବ । ଏହି ଟ୍ରଫି ପଶ୍ଚିମବଙ୍ଗ, ମଣିପୁର, ଆସାମ, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ, ପଞ୍ଜାବ, ହରୟାଣା, ଦିଲ୍ଲୀ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ତାମିଲନାଡୁ, କେରଳ, କର୍ଣ୍ଣାଟକ ଓ ଛତିଶଗଡ଼ ଟ୍ରଫି ପରିକ୍ରମା କରିବା ସହ ଆଗାମୀ ଡିସେମ୍ବର ୨୫ରେ ଟ୍ରଫି ଓଡ଼ିଶା ଫେରିବ । ଏହାପରେ ଓଡ଼ିଶାର ସବୁ ଜିଲ୍ଲାକୁ ଏହି ଟ୍ରଫି ପରିକ୍ରମା କରିବ । ଏହା ସହ ଟ୍ରଫିଟି ସୁନ୍ଦରଗଡ଼ର ୧୭ଟି ବ୍ଲକ୍ ବୁଲିବ। ଏହି ଟ୍ରଫି ଟି ଦେଶରେ ହକି ବିଶ୍ୱକପ୍ ନେଇ ଉତ୍ସାହ ଭରିବ ବୋଲି ଆଶା ବ୍ୟକ୍ତ କରିଛନ୍ତି ମୁଖ୍ୟମନ୍ତ୍ରୀ । ଟ୍ରଫି ହସ୍ତାନ୍ତର ଅବସରରେ ମନ୍ତ୍ରୀ ତୁଷାରକାନ୍ତି ବେହେରା, ହକି ଇଣ୍ଡିଆର ସାଧାରଣ ସମ୍ପାଦକ ଭୋଳାନାଥ ସିଂ, କ୍ରୀଡ଼ା ସଚିବ ଆର ଭିନିଲ କ୍ରିଷ୍ଣା, ହକି ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ । ଜାନୁଆରୀ ୧୩ରୁ ହକି ବିଶ୍ୱକପ ଆରମ୍ଭ ହେବ। ବିଶ୍ୱକପ୍‌ରେ ୧୬ଟି ଟିମ୍ ଅଂଶଗ୍ରହଣ କରିବେ । ଭୁବନେଶ୍ୱର ଓ ରାଉରକେଲାରେ ହେବ ମ୍ୟାଚ୍ । ୨୩ ଜାନୁଆରୀରେ କଳିଙ୍ଗ ଷ୍ଟାଡିଅମରେ ହେବ ଖେଳାଯିବ ଫାଇନାଲ ମ୍ୟାଚ୍ ।

## ବଙ୍ଗୋପସାଗରରେ ଆସୁଛି ବାତ୍ୟା !



ନୂଆଦିଲ୍ଲୀ, ୦୫/୧୨ : ଦକ୍ଷିଣ ଆଣ୍ଡାମାନ୍ ସମୁଦ୍ରରେ ଏକ ଲଘୁଚାପକ୍ଷେତ୍ର ସୃଷ୍ଟି ହୋଇଛି। ଏହା ଧିରେ ଧିରେ ଘନିଭୂତ ହୋଇ ଏକ ସାମୁଦ୍ରିକ ଝଡ଼ର ରୂପ ନେଇପାରେ। ଏହି ସାମୁଦ୍ରିକ ଝଡ଼ ଦକ୍ଷିଣ-ପଶ୍ଚିମମୁହାଁ ହୋଇ ଉତ୍ତର ତାମିଲନାଡୁର ପୁଡୁଚେରି ଏବଂ ଦକ୍ଷିଣ ଆନ୍ଧ୍ରପ୍ରଦେଶର ଉପକୂଳବର୍ତ୍ତୀ ଅଞ୍ଚଳ ଦେଇ ଗତି କରିପାରେ। ଡିସେମ୍ବର ୮ ସୁଦ୍ଧା ଏହି ସାମୁଦ୍ରିକ ଝଡ଼ ପହଞ୍ଚିବା ନେଇ ଭାରତୀୟ ପାଣିପାଗ ବତଭାଗ ପକ୍ଷରୁ ଆକଳନ କରାଯାଇଛି । ଦକ୍ଷିଣ ଆଣ୍ଡାମାନ ସାଗରର ସାମୁଦ୍ରିକ ଘୂର୍ଣ୍ଣିବଳୟ ଓ ତତ୍‌ସଂଲଗ୍ନ ବିଷୁବରେଖୀୟ ଭାରତ ମହାସାଗର-ମଲାକା ପ୍ରଣାଳୀ ଉପରେ ଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ସୋମବାର ସକାଳେ ଦକ୍ଷିଣ ଆଣ୍ଡାମାନ ସମୁଦ୍ର ଉପରେ ଲଘୁଚାପ ଅଞ୍ଚଳ ସୃଷ୍ଟି ହୋଇଛି। ସାମୁଦ୍ରିକ ଘୂର୍ଣ୍ଣିବଳୟ ପ୍ରଭାବରେ ସୃଷ୍ଟି ହୋଇଥିବା ସିଷ୍ଟମଟି ଟ୍ରୋପୋସ୍ଫିୟରିକ୍‌ର ମଧ୍ୟସ୍ତର ପର୍ଯ୍ୟନ୍ତ ଲମ୍ବି ରହିଛି। ଏହି ସିଷ୍ଟମଟି ପଶ୍ଚିମ-ଉତ୍ତରପଶ୍ଚିମ ଆଡ଼କୁ ଗତିଶୀଳ ହୋଇ ଦକ୍ଷିଣପଶ୍ଚିମ ବଙ୍ଗୋପସାଗର ଉପରେ ଡିସେମ୍ବର ୬ ତାରିଖ ସନ୍ଧ୍ୟା ସୁଦ୍ଧା ଘନୀଭୂତ ହେବାର ସମ୍ଭାବନା ଅଛି। ଏହାର ପ୍ରଭାବରେ ତାମିଲନାଡୁର ୭ଟି ଜିଲ୍ଲା, ପୁଡୁଚେରୀ, କରାଇକଲ୍ ଓ ଦକ୍ଷିଣ ଆନ୍ଧ୍ର ପ୍ରଦେଶ ଉପକୂଳରେ ଡିସେମ୍ବର ୭ ତାରିଖ ରାତିରୁ ବର୍ଷା ଆରମ୍ଭ ହୋଇ ଯିବ। ସେହିପରି, ଡିସେମ୍ବର ୪ରୁ ୬ ତାରିଖ ପର୍ଯ୍ୟନ୍ତ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ସମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବ। ତେବେ ଏହାର ପ୍ରଭାବ ଓଡ଼ିଶା ପ୍ରତି ନଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

## କରୋନା ମନୁଷ୍ୟକୃତ, ଉତ୍ପତ୍ତିସ୍ଥଳ ଚାଇନାର ଉହାନ ଇନଷ୍ଟିଚ୍ୟୁଟ୍




ଭୁବନେଶ୍ୱର, ୦୫/୧୨ (ନି.ପ୍ର): ମନୁଷ୍ୟକୃତ ଥିଲା ମହାମାରୀ କରୋନା ଭାଇରସ୍। ସାରା ବିଶ୍ୱକୁ ଦୋହଲାଇ ଦେଇଥିବା କୋଭିଡ୍-୧୯ ଭାଇରସର ସୃଷ୍ଟି ପ୍ରାକୃତିକ ନୁହେଁ, ବରଂ ଥିଲା କୃତ୍ରିମ। ଆଉ ଚାଇନାର ବିବାଦୀୟ ଉହାନ ଇନଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲଜି ଥିଲା ଏହାର ଉତ୍ପତ୍ତି ସ୍ଥଳ। ପୂର୍ବରୁ ବିଭିନ୍ନ ଦେଶ ଓ ଭିନ୍ନ ଭିନ୍ନ ବୈଜ୍ଞାନିକ ବହୁବାର ଏଭଳି ଦାବି କରି ଆସୁଥିବା ବେଳେ ଏ ସନ୍ଦେହକୁ ଏବେ ସତ ବୋଲି କହିଛନ୍ତି ଉହାନ ଗବେଷଣା କେନ୍ଦ୍ରରେ ଗବେଷଣା କରୁଥିବା ଆମେରିକୀୟ ବୈଜ୍ଞାନିକ ଆଣ୍ଡ୍ରୁ ହଫ୍। ସେ ତାଙ୍କ ପୁସ୍ତକ ‘ଦ ଟ୍ରୁଥ୍ ଏବାଉଟ୍ ଉହାନ’ରେ ସ୍ପଷ୍ଟ ଭାବେ ଲେଖିଛନ୍ତି ଯେ ଆମେରିକୀୟ ସରକାରଙ୍କ ଅନୁଦାନରେ ଚାଲିଥିବା ଚାଇନାର ସେହି ସରକାରୀ ଗବେଷଣା କେନ୍ଦ୍ରରୁ ଭାଇରସ ଲିକ ହୋଇଥିଲା।

## ମୁଣ୍ଡ ନୁଆଁଇଲେ ଇରାନ୍ ସରକାର, ହଟିଲା ମୋରାଲିଟି ପୁଲିସ

ତେହରାନ, ୦୫/୧୨ : ଦୀର୍ଘ ଅଢ଼େଇ ମାସର ଆନ୍ଦୋଳନ ପରେ ଶେଷରେ ମୁଣ୍ଡ ନୁଆଁଇଲେ ଇରାନ୍ ସରକାର। ଚାରିଆଡୁ ଚାପ ବଢ଼ିବା ପରେ ଇବ୍ରାହିମ ରଇସିଙ୍କ ଅତି ରକ୍ଷଣଶୀଳ ସରକାର ରବିବାର ମୋରାଲିଟି ପୁଲିସକୁ ଉଚ୍ଛେଦ କରିଛି। ଏଥିସହ ମହିଳାଙ୍କ ହିଜାବ ପିନ୍ଧିବା ଆଇନର ସମୀକ୍ଷା କରିବାକୁ ଘୋଷଣା କରିଛି। ନ୍ୟାୟପାଳିକା ସହ ମୋରାଲିଟି ପୁଲିସର କୌଣସି ସମ୍ପର୍କ ନାହିଁ। ଏହି ପୁଲିସ ବାହିନୀକୁ ଉଚ୍ଛେଦ କରାଯାଇଛି ବୋଲି ଆଟର୍ଣ୍ଣି ଜେନେରାଲ ମହମ୍ମଦ ଜାଫର ମୋଣ୍ଟାଜେରି ସ୍ପଷ୍ଟ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ସେପ୍ଟେମ୍ବର ୧୩ରେ ୨୨ ବର୍ଷୀୟ କିର୍ଦ୍ଦିଶ ବଂଶୋଦ୍ଭବ ମହସା ଅମିନୀ ଠିକ୍ ଭାବେ ହିଜାବ ପିନ୍ଧିନଥିବା ଦର୍ଶାଇ ମୋରାଲିଟି ପୁଲିସ ତାଙ୍କୁ ଗିରଫ କରିଥିଲା। ଏହାର ତିନି ଦିନ ପରେ ମହସା ଅମିନୀଙ୍କ ପୁଲିସ ହାଜତରେ ହିଁ ମୃତ୍ୟୁ ହୋଇଥିଲା। ତେବେ ପୁଲିସର ବର୍ବରତା ଯୋଗୁଁ ମହସାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା। ସେବେଠାରୁ ଏହାର ପ୍ରତିବାଦ କରି ▶▶ପୃଷ୍ଠା ୭

# ଇସ୍ପାତ୍ ରାଜଧାନୀକୁ ବାଟ ନାହିଁ




ଯାଜପୁର, ୦୫/୧୧ (ନି.ପ୍ର): ଇସ୍ପାତ ରାଜଧାନୀ କୁହାଯାଉଥିବା କଳିଙ୍ଗନଗରକୁ ଏବେ ବାଟ ନାହିଁ। କଳିଙ୍ଗନଗର ଶିଳ୍ପାଞ୍ଚଳ ଓ ଦେଶର ସର୍ବାଧିକ କ୍ରୋମାଇଟ୍ ଉପତ୍ୟକା କାଳିଆପାଣିକୁ ଯୋଗାଯୋଗ କରୁଥିବା ୫୩ନମ୍ବର ନମ୍ବର ଜାତୀୟ ରାଜପଥର ବ୍ରାହ୍ମଣୀ ପୋଲ (କବାଟବନ୍ଧ) ଓ ଦାନଗଦୀର ମାନପୁର(ଓଭର ବ୍ରିଜ) ଉପରେ ଭାରୀଯାନ ଚଳାଚଳକୁ ଜିଲ୍ଲା ପ୍ରଶାସନ ଅଙ୍କୁଶ ଲଗାଇଛି। ଫଳରେ ଜନସାଧାରଣଙ୍କ ଜୀବନଜୀବିକା ଓ ଖଣିଜପଥର ପରିବହନ ଗୁରୁତର ବାଧାପ୍ରାପ୍ତ ହୋଇଛି। ୫୩ନମ୍ବର ଜାତୀୟ ରାଜପଥରେ ଥିବା କବାଟବନ୍ଧ ବ୍ରାହ୍ମଣୀ ପୋଲ ମରାମତି ନାମରେ ଜିଲ୍ଲା ପ୍ରଶାସନ ଏକ ମାସ ( ୨୧ ନଭେମ୍ବରରୁ ଚଳିତ ମାସ ୨୦ତାରିଖ) ଗାଡ଼ି ଚଳାଚଳ ବନ୍ଦ କରିଦିଆଯାଇଛି। ଫଳରେ, ଏହି ରାଜପଥରେ ପ୍ରତିଦିନ ଚଳାଚଳ କରୁଥିବା ହଜାରହଜାର ଟ୍ରକ ଦ୍ୱାରା ଖଣିଜପଥର ଓ ଶିଳ୍ପାନୁଷ୍ଠାନ ସାମଗ୍ରୀ ଠପ୍ ହୋଇଯାଇଛି। ଏହି ପୋଲ ଉପରେ ଚଳାଚଳ ବନ୍ଦ କରିବା ଯୋଗୁଁ ପାରାଦୀପ ବନ୍ଦରକୁ ଏହି ବାଟେ କେନ୍ଦୁଝର ଜିଲ୍ଲାର ଲୁହାପଥର, ମାଙ୍ଗାନିଜ, ଅନୁଗୁଳର କୋଇଲା, ଯାଜପୁର ଜିଲ୍ଲାର କ୍ରୋମାଇଟ୍ ଓ କଳିଙ୍ଗନଗର ଶିଳ୍ପାନୁଷ୍ଠାନର ସାମଗ୍ରୀ ଓ ଧର୍ମଶାଳାର କଳାପଥର ପରିବହନ ଠପ୍ ହୋଇଯାଇଛି। ଏପରିକି ଏହି ଅଞ୍ଚଳ ଲୋକ ୧କିମି ପରିବର୍ତ୍ତେ ୫୦ କିମି ବାଟ ବୁଲି ଯାଜପୁରରୋଡ୍ ବାଟେ ଯାତାୟାତ କରୁଛନ୍ତି। ବ୍ରାହ୍ମଣୀ ନଦୀରେ ଡଙ୍ଗା ଗୋଟିଏ ଦିନ ଚାଲିଥିବା ବେଳେ କଳିଙ୍ଗନଗର ପୁଲିସ ତାକୁ ମଧ ବନ୍ଦ କରି ଦେଇଛି। ଡଙ୍ଗାରେ ମଧ କିଛି ଲୋକ ଓ ମୋଟରସାଇକେଲ ଯାତ୍ରୀ ଯାତାୟାତ କରିବାକୁ ସୁଯୋଗ ପାଉଥିଲେ। ସଚେତନ ନାଗରିକ ମଞ୍ଚର ଦାବି ପ୍ରତି କାହାରି ଗୁରୁତ୍ୱ ନାହିଁ। ଶିଳ୍ପାନୁଷ୍ଠାନରେ କାମ କରୁଥିବା ଏହି ଅଞ୍ଚଳର ଶହଶହ ଲୋକ ନାହିଁନଥିବା ଅସୁବିଧା ଭୋଗୁଛନ୍ତି। ଅଥଚ ୩ବର୍ଷ ପୂର୍ବରୁ ଏହି ରାସ୍ତା ଓ ପୋଲ ପାଇଁ ଟେଣ୍ଡର ହୋଇଥିଲା। ଠିକାଦାରଙ୍କ ମନମାନି ପାଇଁ ଏବେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏପରିକି ୧.୨୫କିମି ଏହି ପୋଲ ମରାମତି ମଧ ଠିକ୍ ଭାବେ ଚାଲୁନାହିଁ। ଅତି ମନ୍ଥର ଗତିରେ ହେଉଛି। ସେହିପରି କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖ୍ୟ ରାସ୍ତା ଦାନଗଦୀରୁ ଡୁବୁରୀ ରାସ୍ତା ଉପରେ ଥିବା ମାନପୁର ରେଲୱେ ଓଭରବ୍ରିଜରେ ସକାଳ ଓ ସଂଧାରେ ଭାରୀଯାନ ଚଳାଚଳକୁ ବନ୍ଦ କରିଦିଆଯାଇଛି। ଏହି ପୋଲ ନିର୍ମାଣ ପାଇଁ ବହୁଦିନ ଲାଗିଲା। ଏବେ ପୁଣି ଟ୍ରାଫିକ ପାଇଁ ଗାଡ଼ି ଚଳାଚଳ ଏକପ୍ରକାର ବନ୍ଦ। ଦ୍ୱିତୀୟ ପୋଲ ନିର୍ମାଣ ୨ବର୍ଷ ହେଲା ମନ୍ଥର ଗତିରେ ଚାଲିଛି। ଜିଲ୍ଲାବାସୀଙ୍କ ସର୍ବନିମ୍ନ ଆବଶ୍ୟକତା ପ୍ରତି ଜିଲ୍ଲା ପ୍ରଶାସନର ଦୂରଦୃଷ୍ଟି ଅଭାବ ଏବେ ଏଭଳି ସ୍ଥିତି ସୃଷ୍ଟି କରିଛି।

# ରାଜ୍ୟରେ ବଢୁଛି ଜାଲ୍ ନୋଟ୍ କାରବାର: ୪ ମାସରେ ଜବତ ହେଲାଣି ଅଧ କୋଟି




ଭୁବନେଶ୍ୱର, ୦୫/୧୧ (ନି.ପ୍ର): ଗତ ୪ମାସ ମଧରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଅଧ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଜାଲ୍ ନୋଟ୍ ଜବତ ହୋଇସାରିଲାଣି। ଯାହାକି ରାଜ୍ୟର ଜାଲ୍ ନୋଟ୍ କାରବାରର ବାସ୍ତବ ଚିତ୍ରକୁ ପଦାରେ ପକାଇଛି। ବଜାର, ହାଟ, ମଲ୍ ଏମିତିକି ଏଟିଏମ୍‌ରୁ ବି ମିଳୁଛି ନକଲି ନୋଟ୍। ବେଳେବେଳେ ବ୍ୟାଙ୍କରୁ ବି ଧରାପଡୁଛି ଜାଲ ନୋଟ୍। ଦେଶରୁ କଳାଟଙ୍କା ଓ ଜାଲ୍ ନୋଟ୍ କାରବାର ଉପରେ ରୋକ୍ ଲଗାଇବା ପାଇଁ କେନ୍ଦ୍ର ସରକାର ୨୦୧୬ ନଭେମ୍ବର ୮ ତାରିଖରେ ରାତିଅଧିଆ ନୋଟ ବନ୍ଦୀ ଭଳି ଏକ ବଡ଼ ଘୋଷଣା କରିଥିଲେ। ସେହି ରାତିରୁ ୫ଶହ ଟଙ୍କିଆ ଓ ହଜାର ଟଙ୍କିଆକୁ ନୋଟ୍‌କୁ ଅବୈଧ ଘୋଷଣା କରାଗଲା। ନୂଆ ନୋଟ୍ ଆସିଲେ ସବୁ ସମସ୍ୟାର ସମାଧାନ ହୋଇଯିବ ବୋଲି କୁହାଯାଇଥିଲା। ଏମିତି ବି କୁହାଯାଇଥିଲା କି ନୂଆ ନୋଟ୍ ଆସିବା ପରେ ଆଉ ଏହାର ନକଲ ତିଆରି କରିହେବନାହିଁ, କି ଆଉ ବଜାରରେ ନକଲି ନୋଟ୍ ପଶିପାରିବ ନାହିଁ। ୨୦୧୬ ନଭେମ୍ବର ୧୦ ତାରିଖରେ ଲୋକେ ନୂଆ ୨ହଜାର ଟଙ୍କିଆ ଠାରୁ ଆରମ୍ଭ କରି ୫ଶହ, ୨ଶହ, ୫୦ ଓ ୧୦ ଟଙ୍କିଆ ନୋଟ୍ ଦେଖିଲେ। ୨୦୧୮ ସେପ୍ଟେମ୍ବର ପହିଲାରେ ନୂଆ ଶହେ ଟଙ୍କିଆ ନୋଟ୍ ବି ବଜାରକୁ ଆସିଲା। ହେଲେ ଜାଲ୍ ନୋଟ୍ କାରବାର ବନ୍ଦ ହେଲାନାହିଁ। ବରଂ ଏବେ ସବୁଠି ପୂର୍ବଭଳି ପୁଳାପୁଳା ଜାଲ୍ ନୋଟ୍ ଦେଖିବାକୁ ମିଳୁଛି। ଏବେ ସାଧାରଣ ଦୋକାନ ବଜାରଠାରୁ ଆରମ୍ଭ କରି ବଡ଼ ବଡ଼ ମଲ୍, ପେଟ୍ରୋଲ୍ ପମ୍ପ ସବୁଠି ଜାଲ୍ ନୋଟ୍ ପଶିସାରିଛି। ଏମିତି କି ଏଟିଏମ୍, ବ୍ୟାଙ୍କରୁ ବି ଜାଲ୍ ନୋଟ୍ ବାହାରୁଛି। ଜାଲ୍ ନୋଟ୍ ତିଆରି କରୁଥିବା ଲୋକମାନେ ଏତେ ଚତୁରତାର ସହ ନୋଟ୍ ପ୍ରସ୍ତୁତ କରୁଛନ୍ତି ଯେ ଟଙ୍କା ଗଣା ମେସିନ୍ ବି ଧରିପାରୁନାହିଁ। ବ୍ୟାଙ୍କ କର୍ମଚାରୀ ବି ସହଜରେ ନକଲି ନୋଟ୍‌କୁ ପରଖି ପାରୁନାହାନ୍ତି। କାହିଁକି ଫେଲ୍ ମାରିଲା ଯୋଜନା କିପରି ତିଆରି ହୋଇପାରୁଛି ନକଲି ନୋଟ୍ କିଏ ଯୋଗାଉଛି କଞ୍ଚାମାଲ୍ ଏହାପଛରେ କେଉଁ ରାକେଟ୍ କାମ କରୁଛି ଏମିତି ମାଳମାଳ ପ୍ରଶ୍ନ ମୁଣ୍ଡ ଟେକିଛି।

# ଯାଦବ ମହାସଭାର କାର୍ଯ୍ୟକାରିଣୀ ବୈଠକ

କେନ୍ଦ୍ରାପଡ଼ା, ୦୫/୧୧ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଯାଦବ ମହାସଭାର ନବ ନିର୍ବାଚିତ କର୍ମକର୍ତ୍ତା ମାନଙ୍କ କାର୍ଯ୍ୟକାରିଣୀ ବୈଠକ ମୁଖ୍ୟ ଉପଦେଷ୍ଟା ଜଗନ୍ନାଥ ମହାକୁଡଙ୍କ ସଭାପତିତ୍ୱରେ ଇଛାପୁର ସ୍ଥିତ ମାଉସୀ ମା' ମନ୍ଦିର ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକାରିଣୀ ବୈଠକରେ ପୌରାଂଚଳର ୨୧ଟି ୱାର୍ଡର ସମସ୍ତ କର୍ମକର୍ତ୍ତା ଓ ପୂର୍ବତନ କର୍ମକର୍ତ୍ତାଙ୍କ ସମେତ ଜିଲ୍ଲା ଯାଦବ ମହାସଭାର ଉପଦେଷ୍ଟା ଚୌଧୁରୀ ରମାକାନ୍ତ ଦାସ, ସଂପାଦକ ପ୍ରଭାକର ପଲାଇ, ଉପ ସଭାପତି ଚିନ୍ମୟ ଦାସ, ବିଜୟ କୁମାର ପରିଡା, କୋଷାଧକ୍ଷ ଛବି ପ୍ରସାଦ ମହାକୁଡ, ବ୍ଲକ ସଭାପତି ନବ କିଶୋର ଦାସ, ସଂପାଦକ ବିରେନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇ ଯାଦବ ମାନଙ୍କର ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ଜାତି ଭିତିକ ଜନ ଗଣନାକୁ ପଞ୍ଜିକୃତ ବହି ଛପାଯାଇ ଜିଲ୍ଲା ଯାଦବ ମହାସଭା ଆମ ଜାତି ଭିତିକ ଜନ ଗଣନା କରି ସରକାରଙ୍କ ନିକଟରେ ଆମ ଦାବି ଉପସ୍ଥାପନା କରିବାକୁ ସ୍ଥିର କରାଯାଇଛି । ଏବଂ ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ସ୍ତରରେ ଅଧିକାର ସାବ୍ୟସ୍ତ କରାଯିବା ପାଇଁ ଉପସ୍ଥିତ ଅତିଥି ମାନେ ମତବ୍ୟକ୍ତ କରିଥିଲେ । ପଟ୍ଟାମୁଣ୍ଡାଇ ପୌରାଂଚଳ ରେ ଯାଦବ ମାନଙ୍କର ନିର୍ବାଚିତ କର୍ମକର୍ତ୍ତା ଆଗାମୀ ଦିନରେ ଏହିଭଳି ମହତ କାର୍ଯ୍ୟକ୍ରମ କରିବାକୁ ପରାମର୍ଶ ଦେଇଥିଲେ । ସର୍ବ ଶେଷରେ ସଭାପତି ଅଜୟ କୁମାର ଦାସ ସମସ୍ତ କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇ ଥିବାବେଳେ ରାଜେଶ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ନିଖୋଜ ଯୁବକଙ୍କ ମୃତଦେହ ନଦୀରୁ ଉଦ୍ଧାର

ପଟ୍ଟାମୁଣ୍ଡାଇ, ୦୫/୧୧ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଥାନା ଅନ୍ତର୍ଗତ ଚିତ୍ରୋତ୍ପଳା ନଦୀର ବିଚଣା ଗାଁ ଶନିମନ୍ଦିର ଘାଟକୁ ଗାଧୋଇବାକୁ ଯାଇ ନିଖୋଜ ଥିବା ଯୁବକଙ୍କ ମୃତଦେହ ଆଜି ସକାଳେ ଉଦ୍ଧାର ହୋଇଛି। ଯୁବକ ଜଣକ ତିନି ଦିନ ତଳେ ସାଙ୍ଗ ମାନଙ୍କ ସହିତ ନଦୀକୁ ଗାଧୋଇବାକୁ ଯାଇଥିଲେ । ଗାଧୋଇବା ସମୟରେ ଅସାବଧାନତାବଶତଃ ସେ ଗଭୀର ଜଳରାଶି ମଧକୁ ଚାଲିଯାଇ ନିଖୋଜ ଥିଲେ । ଦୁଇ ଦିନ ଧରି ଦମକଳବାହିନୀ ଖୋଜାଖୋଜି କରିଥିଲେ ସୁଦ୍ଧା ତାଙ୍କର କୌଣସି ସନ୍ଧାନ ମିଳିନଥିଲା । ଆଜି ସକାଳେ ତାଙ୍କ ମୃତଦେହ ଘଟଣାସ୍ଥଳ ଠାରୁ ୧୦୦ ମିଟର ଦୂରରେ ଭାସୁଥିବା ଦେଖିବାକୁ ମିଳିଥିଲା । ପୋଲିସ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ନଦୀଜଳରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଛି । ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ଏ ସଂକ୍ରାନ୍ତରେ ପାଟକୁରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।

# କିଛି କବିତା କିଛି ନୀରବତାର ଲୋକାର୍ପଣ ଉତ୍ସବ

କେନ୍ଦ୍ରାପଡ଼ା, ୦୫/୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପୁସ୍ତକ ଉନ୍ମୋଚନ ସମାରୋହରେ ବିଶିଷ୍ଟ ସାହିତ୍ୟିକ ଓ ସାହିତ୍ୟ ସମାଲୋଚକ ମାନେ ଯୋଗ ଦେଇ ବିଶିଷ୍ଟ କବି ମନୋରଞ୍ଜନ ସାହୁଙ୍କ ଦ୍ୱିତୀୟ ସଂକଳନ "କିଛି କବିତା କିଛି ନୀରବତା" ର ଲୋକାର୍ପଣ ଉତ୍ସବରେ ସାହିତ୍ୟ ଜାତିର ଚରିତ୍ର ନିର୍ମାଣରେ ସହାୟକ ହୋଇଥାଏ ବୋଲି ଉତ୍ସବରେ ଯୋଗ ଦେଇଥିବା କବିମାନେ ମତବ୍ୟକ୍ତ କରିଛନ୍ତି । କଥାକାର ରାମଚନ୍ଦ୍ର ବେହେରା, ଉଦ୍‌ଘାଟକ ବରିଷ୍ଠ ସାହିତ୍ୟିକ ଓ ସମ୍ପାଦକ ଅଭିରାମ ବିଶ୍ୱାଳ ମୁଖ୍ୟ ଅତିଥି, ସାହିତ୍ୟ ସମାଲୋଚକ ତଥା ଗବେଷକ ପ୍ରାଧ୍ୟାପକ ବେଣୁଧର ପାଢୀ ମୁଖ୍ୟବକ୍ତା, କବି ପ୍ରାଧ୍ୟାପକ ଦିଲିପ କୁମାର ସ୍ୱାଇଁ, କଥାକାର ଚିତ୍ରଶିଳ୍ପୀ ତଥା ସଂପାଦକ ପ୍ରାଧ୍ୟାପକ ଅତୁଲ ବଳ, କଥାକାର ଅରବିନ୍ଦ ଧଳ ସମୀକ୍ଷକ ଭାବେ ଯୋଗ ଦେଇ ଉପରୋକ୍ତ ମତବ୍ୟକ୍ତ ଉପସ୍ଥାପନ କରିଥିଲେ । ସାହିତ୍ୟ ପରିଷଦର ସଭାନେତ୍ରୀ କବି ଅପର୍ଣ୍ଣା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ସଂପାଦକ ସରୋଜ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ପବିତ୍ର ବ୍ରହ୍ମପୁତ୍ର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । କବି ନବଜ୍ୟୋତି ରାୟ, ପ୍ରଦିପ ନାୟକ, ପ୍ରମୋଦ ମଲିକ ଲୋକାର୍ପିତ କବିତା ସଂକଳନର ଉଲ୍ଲେଖନୀୟ କବିତା ପାଠ କରିଥିଲେ । ଆୟୋଜିତ ଏହି ସମାରୋହରେ ପ୍ରସନ୍ନ ପରିଡା ବେଦମନ୍ତ୍ର ପାଠ କରିଥିବା ବେଳେ ସାହିତ୍ୟିକ ଡ଼ଃ ବାସୁଦେବ ଦାସ, ଅର୍ଣ୍ଣପୂର୍ଣ୍ଣା ମହାନ୍ତି, ଆର୍ଯ୍ୟ ଯଜ୍ଞଦତ, ଡ଼ଃ ପ୍ରକାଶ ପରିଡା, ଲିଙ୍ଗରାଜ ମହାନ୍ତି, ବିରଜା ରାଉତରାୟ, ଗୌରବ ସଂପାଦକ ସଂକର୍ଷଣ ଦାସ, ଶଶିକାନ୍ତ ଦାସ, ରତ୍ନାକର ନାୟକ, ଅଭିରାମ ସାହୁ, ଶରତ ନାୟକ, ରମେଶ ପ୍ରତାପ, ରଞ୍ଜନ ବାଇ, ଅମୀୟ ରାଉତ, ପ୍ରେମାନନ୍ଦ ଖଣ୍ଡୁଆଳ, ଶ୍ରୀଧର ସାମଲ, ବୃନ୍ଦାବନ ଦାସ, ରଞ୍ଜନ ବେହେରା, ସୁଶାନ୍ତ ନାୟକ, ଅଶୋକ ବାରିକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ସୁବର୍ଣ୍ଣପୁର ଜେଲ୍ ପରିସରରେ ସ୍ୱଚ୍ଛ ଭାରତ ସଂଗଠନର ସ୍ୱଚ୍ଛତା କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର, ୦୫/୧୧ (ନି.ପ୍ର): ସ୍ଥାନୀୟ ସବ -ଜେଲ ପରିସରର ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ଆଜି ସ୍ୱଚ୍ଛ ଭାରତ ସଂଗଠନ ସୋନପୁର - ମନମୁଣ୍ଡା ପକ୍ଷରୁଏକ ସଫେଇ ଓ ପଲିଥିନ ମୁକ୍ତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଲକ୍ଷ୍ମୀ ନାରାୟଣ ମେହେରଙ୍କ ପରାମର୍ଶ କ୍ରମେ ସଂଘ ଉପଦେଷ୍ଟା ଗରିବ ଲୋଇ, ଇନ୍ଦୁମତୀ ପୁରୋହିତ ଓ ଜେଲ ୱାର୍ଡର ଖିରୋଦ ବିହାରୀ ଦାଶଙ୍କ ତତ୍ୱାବଧାନ ଓ ମନୋରଞ୍ଜନ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରହଲ୍ଲାଦ ମିଶ୍ର, ପ୍ରମୋଦ କୁମାର ସାହୁ, ଡା. ସରୋଜ ପଟେଲ, ନାରାୟଣ ରଥ, ଜୟନ୍ତ ବେହେରା, ରୋମୁ ତିୱାରି, ଅମର ଭୁତ, ପ୍ରତାପ ଦାଶ, ସିମାଚଂଳ ହୋତା, ସଂଗୀତା ନାଏକ,,ପ୍ରମୋଦ ମକ୍ଷହଣା, ରାସେଶ୍ୱରୀ ହୋତା, ଦିନ ବନ୍ଧୁ ବିଶ୍ୱାଳ,ତରଣୀ ମେହେର, ଜେଲ କଲୋନୀ ର କେଭି ଛାତ୍ର ବ୍ୟୋମକେଶ ଦାଶ, ଅଭିଷେକ ଆଚାର୍ଯ୍ୟ ପ୍ରମୁଖ ସ୍ୱଚ୍ଛ ଭାରତର ଅନେକ ସଭ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଜେଲ କଲୋନୀ, ନୂତନ ହନୁମାନ ମନ୍ଦିର ଶମ୍ମୁଖ ପ୍ରବଚନ ମଣ୍ଡପ ଓ ସବ ଜେଲ ଅଫିସ ଶମ୍ମୁଖରେ ଅଳିଆ ଆବର୍ଜନା ଓ ପଲିଥିନ ସଫେଇ କରି ଜନ ସାଧାରଣଙ୍କୁ ସଚେତନ କରାଇଥିଲେ।

# ନିଜସ୍ୱ ଉଦ୍ୟମରେ ଗଛ ଲଗାଉଛନ୍ତି ଲକ୍ଷ୍ମଣ

ଗଞ୍ଜାମ, ୦୫/୧୧ (ନି.ପ୍ର): ବୃକ୍ଷ ବିନା ଜୀବନ ଅସମ୍ଭବ। ପ୍ରକୃତି ଓ ପରିବେଶ ପାଇଁ ଗଛ ନିହାତି ଜରୁରୀ। ସରକାରଙ୍କ ପକ୍ଷରୁ ପ୍ରତିବର୍ଷ ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କରାଯାଉଥିବା ବେଳେ ନିଜସ୍ୱ ଉଦ୍ୟମରେ ଗଛ ଲଗାଇ ଏବେ ଚର୍ଚ୍ଚାରେ ଗଞ୍ଜାମ ଜିଲା ବେଗୁନିଆପଡ଼ା ବ୍ଲକ ମର୍ଦମେଖ ପଂଚାୟତର ଲକ୍ଷ୍ମଣ ଗୌଡ଼। ସମାଜସେବୀ ଭାବେ ପରିଚିତ ଲକ୍ଷ୍ମଣ ପ୍ରଶାସନର ଅନୁମତି କ୍ରମେ ୫ ହଜାର ବୃକ୍ଷ ରାସ୍ତା କଡ଼ରେ ରୋପଣ କରିବାକୁ ନିଷ୍ପତି ନେଇଛନ୍ତି। କୋଦଳା ଠାରୁ ମର୍ଦମେଖ ରାସ୍ତାରେ ଦୀର୍ଘ ୮ କିଲୋମିଟର ପର୍ଯ୍ୟନ୍ତ ନିଜ ଖର୍ଚ୍ଚରେ ବୃକ୍ଷ ରୋପଣ କରିବା ସହ ବୃକ୍ଷ ପାଇଁ ସୁରକ୍ଷା ବାଡ ଏପରିକି ଗଛଟି ବଡ଼ ହେବା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ବହନ କରିବାକୁ ନିଷ୍ପତି ନେଇଛନ୍ତି। ଏନେଇ ଲକ୍ଷ୍ମଣ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଠାରୁ ଆରମ୍ଭ କରି ବନବିଭାଗ ଏପରିକି ଗଞ୍ଜାମ ଜିଲ୍ଲାପାଳଙ୍କ ସହଯୋଗ ଲୋଡ଼ିଥିଲେ। ତେବେ ଉକ୍ତ ରାସ୍ତାରେ ଚଳିତ ବର୍ଷ ବୃକ୍ଷରୋପଣ ପାଇଁ କୌଣସି ସରକାରୀ ଯୋଜନା ନଥିବା କଥା ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ତେବେ ଲକ୍ଷ୍ମଣ ନିଷ୍ପତି ନେଇଥିଲେ, ନିଜସ୍ୱ ଖର୍ଚ୍ଚରେ ଗଛ ଲଗାଇବେ। ଆଉ ଏଇଥିପାଇଁ ବନବିଭାଗ ସହ କଥାବାର୍ତ୍ତା କରିବା ପରେ ତାଙ୍କୁ ଚାରା ଯୋଗାଇ ଦିଆଯାଇଥିଲା। ଏହାପରେ ଆଜିଠାରୁ ବୃକ୍ଷ ରୋପଣ କାର୍ଯ୍ୟ ଆରମ୍ଭ କରିଛନ୍ତି ଲକ୍ଷ୍ମଣ। ଆଜି ୭୦୦ ଚାରା ରୋପଣ କରିଥିବା ବେଳେ ୫ ହଜାର ଚାରା ରୋପଣ ପାଇଁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି।

# ସେମଫୋର୍ଡ ଫ୍ୟୁଚରିଷ୍ଟିକ ସ୍କୁଲ ବଲାଙ୍ଗୀରର ବାର୍ଷିକ ଉତ୍ସବ ପାଳିତ

ବଲାଙ୍ଗିର, ୦୫/୧୧ (ନି.ପ୍ର): ସେମଫୋର୍ଡ ଫ୍ୟୁଚରିଷ୍ଟିକ ସ୍କୁଲ ବଲାଙ୍ଗୀରର ବାର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି। ଉକ୍ତ ଉତ୍ସବରେ ଶ୍ରୀ ସୁନିଲ ପଣ୍ଡା, ଅବସରପ୍ରାପ୍ତ ଅଧକ୍ଷ ଜବାହର ମହାବିଦ୍ୟାଳୟ ପାଟଣାଗଡ଼, ମୁଖ୍ୟ ଅତିଥି ରୂପେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ଉତ୍ସବର ଶୁଭାରମ୍ଭ କରିଥିଲେ। ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଡଃ ଛାୟାକାନ୍ତ ଷଡଙ୍ଗୀ, ଅବସରପ୍ରାପ୍ତ ଅଧକ୍ଷ, ଡିଏଭି କଲେଜ ଟିଟିଲାଗଡ଼ ଯୋଗ ଦେଇଥିବା ବେଳେ ସ୍କୁଲ ଚେୟାରମେନ ଶ୍ରୀଯୁକ୍ତ ସଞ୍ଜୀବ କୁମାର ରଥ, ସ୍କୁଲ ଶୈକ୍ଷିକ ନିର୍ଦ୍ଦେଶିକା ଶ୍ରୀମତୀ ନୀଲମ ରଥ, ସ୍କୁଲ ନିର୍ଦ୍ଦେଶକ ଶ୍ରୀ ଆଶିଷ କୁମାର ରଥ, ସ୍କୁଲ ଅଧକ୍ଷା ଶ୍ରୀମତୀ ପ୍ରତି ପ୍ଲାବିନୀ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗ ରେ ଉତ୍ସବ ଟି ପାଳିତ ହୋଇଥିଲା। ଏହି ଅବସରରେ ଅତିଥି ମାନଙ୍କ ଗହଣରେ ଶାସ୍ତ୍ରୀୟ ନୃତ୍ୟ ରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନେ ନୃତ୍ୟ ପରିବେଷଣ କରିଥିଲେ, ବଲିଉଡ ଅଭିନେତା ଦେବତୋଷ ଦର୍ଜୀଙ୍କ ତତ୍ୱାବଧାନରେ ମୋବାଇଲ ଫୋନର ଅପକାରିତା ଉପରେ, ଯୋଗର ଉପକାରିତା ନେଇ ଯୋଗ ପରିବେଷଣ କରିଥିଲେ। ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ରିକି ପୁରୋହିତ ଧନ୍ୟବାଦ ଅର୍ପଣ କରି ଉତ୍ସବଟିକୁ ସାଙ୍ଗ ଘୋଷଣା କରିଥିଲେ।

# ଓଡିଶା ସେଲ୍ସ ରିପ୍ରେଜେନ୍ ଟିଭ୍ ବଲାଙ୍ଗିର ଜିଲ୍ଲା ଶାଖାର ୧୭ତମ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ

ବଲାଙ୍ଗିର, ୦୫/୧୧ (ନି.ପ୍ର): ଆଜି ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଓଡିଶା ସେଲ୍ସ ରିପ୍ରେଜେନ୍‌ଟିଭ୍ ବଲାଙ୍ଗିର ଜିଲ୍ଲା ଶାଖାର ୧୭ତମ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସାଧାରଣ ସଂପାଦକ ସତ୍ୟବ୍ରତ ମହାପାତ୍ର ଯୋଗ ଦେଇ ସଂଗଠନର ମୂଳ ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ଆଗାମୀ ଦିନ ଶ୍ରମିକ ସଂଗ୍ରାମ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, କେନ୍ଦ୍ର ସରକାରଙ୍କ ଶ୍ରମିକମାରଣ ନୀତି ଯୋଗୁଁ ବିଶେଷ କରି ଔଷଧ ଶିଳ୍ପରେ କାମ କରୁଥିବା ମେଡିକାଲ ଓ ସେଲ୍ସ ରିପ୍ରେଜେନ୍‌ଟିଭ୍ ମାନେ କ୍ଷତିଗ୍ରସ୍ତ ହେଉଛନ୍ତି । କେନ୍ଦ୍ର ସରକାରଙ୍କ ଭୁଲ ଶ୍ରମିକ ନୀତି ସବୁବେଳେ ପୁଞ୍ଜିପତି, ମୁନାଫାଖୋରମାନଙ୍କୁ ସୁହାଉଛି । ତେଣୁ ଆଗାମୀ ଦିନରେ ଶ୍ରମିକ ଆନ୍ଦୋଳନରେ ମେଡିକାଲ ରିପ୍ରେଜେନ୍‌ଟିଭ୍ ମାନେ ଆଗ ଧାଡିରେ ନେତୃତ୍ୱ ନେବାର ସମୟ ଆସିଛି । ଶ୍ରମିକ ବର୍ଗରେ ମେଡିକାଲ ରିପ୍ରେଜେନ୍‌ଟିଭ୍‌ଙ୍କ ଆନ୍ଦୋଳନ ଦେଶର ସାମୁହିକ ସ୍ୱାର୍ଥ ପାଇଁ ସବୁବେଳେ ଚାଲିଛି । ମେଡିକାଲ ଡିଭାଇସର ଦାମ କମ୍ କରିବା ଦାବୀ ହେଉ କି ମେଡିସିନ ଉପରୁ ସମ୍ପୂର୍ଣ୍ଣ ଜିଏସ୍‌ଟି ଉଚ୍ଛେଦ ଦାବୀ ହେଉ ସବୁ ଥିରେ ମେଡିକାଲ ରିପ୍ରେଜେନ୍‌ଟିଭ୍‌ଙ୍କ ଆନ୍ଦୋଳନ ଆଗରେ ଅଛି । ତା' ସହ ଦରଦାମ ବୃଦ୍ଧି, ଶ୍ରମିକ ତଥା ସାଧାରଣ ଲୋକଙ୍କ ସାମାଜିକ ସୁରକ୍ଷା, ଚାଷୀଙ୍କୁ ତାଙ୍କ ହକ୍ ପ୍ରଦାନ କରିବା ଏ ସବୁ ଜନହିତକର ଦାବୀକୁ ନେଇ କେବଳ ରାଜ୍ୟ ନୁହେଁ ସାରା ଦେଶରେ ମେଡିକାଲ ରିପ୍ରେଜେନ୍‌ଟିଭ୍ ମାନେ ଆଗ ଧାଡିର ସଂଗ୍ରାମୀ ଅଟନ୍ତି । ତେଣୁ ଓଣୁ ନିଜ ସଂଗ୍ରାମୀ ସାଥୀଙ୍କ ସ୍ୱାର୍ଥ ସହ ଦେଶର ସ୍ୱାର୍ଥ ପାଇଁ ମଧ ଅଗଭର ଅଛି ବୋଲି ସେ କହିଥିଲେ । ରାଜ୍ୟ ଉପସଭାପତି ଅନିରୁଦ୍ଧ ମହାପାତ୍ର ଏବଂ କାର୍ଯ୍ୟକାରିଣୀ ସଦସ୍ୟ ବାପୁନି ସାହୁଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ଏ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲ୍ଲା ସଂପାଦକ ସୁରୁଲାଲ ମଟାରୀ ନିଜ ସଂପାଦକୀୟ ବିବରଣୀରେ ସ୍ଥାନୀୟ, ରାଜ୍ୟ ଓ ଜାତୀୟ ତଥା ଅନ୍ତର୍ଜାତୀୟ ସମସ୍ୟା ଉପରେ ଆଲୋକପାତ କରିବା ସହ ଆଗାମୀ ଦିନରେ ଏସବୁ ସଠିକ୍ ମୁକାବିଲା ପାଇଁ ଜିଲ୍ଲା ସ୍ତରରୁ ସଭ୍ୟମାନଙ୍କୁ ଆହୁରି ସଂଗଠିତ ହେବା ପାଇଁ ଆହ୍ୱାନ ଦେଇଥିଲେ । ପରେ ପରେ ଜିଲ୍ଲା କୋଷାଧକ୍ଷ ସତ୍ୟନାରାୟଣ ରଥଙ୍କ ତରଫରୁ ବାର୍ଷିକ ଆୟବ୍ୟୟ ବିବରଣୀ ଗୃହିତ କରାଯାଇଥିଲା । ଭାତୃପ୍ରତିମ ସଂଗଠନର ପୁଳିନ ମିଶ୍ର, ପବିତ୍ର ଖୁଂଟିଆ, ଶରତ ଚନ୍ଦ୍ର ହୋତା ପ୍ରମୁଖ ଶ୍ରମିକ ଏକତାକୁ ନେଇ ଉଦ୍‌ବୋଧନ ଦେଇଥିଲେ । ଶେଷରେ ଆଗାମୀ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା, ଯେଉଁଥିରେ ସଭାପତି ଭାବରେ ସାଥୀ ସୁରୁଲାଲ ମଟାରୀ, ଉପସଭାପତି ଭରତ ଚନ୍ଦ୍ର ଶତପଥି, ଜିଲ୍ଲା ସଂପାଦକ ଭାବରେ ଲୋପନ ମିଶ୍ର, କୋଷାଧକ୍ଷ ଭାବରେ ସତ୍ୟନାରାୟଣ ରଥ, କାଉନସିଲ ସବ୍ କମିଟି କନ୍‌ଭେନର ସତାବନ ସାହୁ ଏବଂ ଜିଲ୍ଲା କମିଟି ସଭ୍ୟ ଭାବରେ ସାଥୀ ସୁଶାନ୍ତ କୁମାର ମିଶ୍ର, ସୁନିଲ କୁମାର ପଣ୍ଡା, ସୁଜିତ କୁମାର ପାତ୍ର, ଗିରିଶ କୁମାର ମିଶ୍ର, ମନୁ ରଂଜନ ବେହେରା, ଘନଶ୍ୟାମ ସାହୁ, ସିଦ୍ଧାର୍ଥ ମିଶ୍ର, ରାଜ କିଶୋର ଦ୍ୱିବେଦୀ, ସୁଦିପ୍ତ କୁମାର ନାଇତି ଏବଂ ସାଥୀ ଅଭିଷେକ ପାଣିଗ୍ରାହୀ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ। ଶେଷରେ କୋଷାଧକ୍ଷ ସତ୍ୟ ନାରାୟଣ ରଥ ଧନ୍ୟବାଦ ଦେବା ସହ ଜିଲ୍ଲା ସମ୍ମିଳନୀ ସମାପ୍ତ ହୋଇଥିଲା ।

## ଓଡିଶା- ବିଦର୍ଭ କୁଚ ବେହାର ଟ୍ରଫି ଦ୍ୱିତୀୟ ଦିନ: ଜଗଜୋତଙ୍କ ଶତକ

ବଲାଙ୍ଗୀର, ୦୫/୧୧ (ନି.ପ୍ର): ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମରେ ଓଡିଶା ବନାମ ବିଦର୍ଭ ସର୍ବ ଭାରତୀୟ ୧୯ବର୍ଷ ବର୍ଗ କୁଚ ବେହାର ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଂଟ ଦ୍ୱିତୀୟ ଦିବସରେ ବିଦର୍ଭ ଦଳ କାଲିର ଅସମାପ୍ତ ପାଳି ୬୯/୨ ରୁ ଖେଳ ଆରମ୍ଭ କରି ଆଜି ଖେଳ ସୁଦ୍ଧା ୧୧୪ ଓଭରରେ ୯ ୱିକେଟ ବିନିମୟରେ ୪୪୩ ରନ୍ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଭାରତୀୟ ଦଳ ରୁ ଖେଳୁଥିବା ଅଣ୍ଡର-୧୯ରେ କ୍ରିକେଟ ଖେଳୁଥିବା ଏମ୍.ଡି.ଫେଜ୍ ୯୯ ରନ୍ ଓ ଜଗଜୋତ ୧୦୧ ରନ୍, ପାର୍ଥମ ମହେଶ୍ୱରୀ ଅପରାଜିତ ୪୦ ରନ୍, ସଂଯୋଗ ଶ୍ୟାମ ଭଗତ ୧୮ ରନ୍ କରି ଅପରାଜିତ ଅଛନ୍ତି । ଏଥି ସହିତ ବିଦର୍ଭ ଦଳ ୨୯୪ ରନ୍ ରେ ଅଗ୍ରଣୀ ଅଛି । ଓଡିଶା ଦଳ ତରଫରୁ ଆଦିତ୍ୟ ଜୟସିଂ, ସାଇଦିପ ମହାପାତ୍ର ଓ ଏମ୍.ଡି ସୋହେଲ ଖାନ ପ୍ରତ୍ୟେକ ୨ ଗୋଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ ।

# ବନରେ ହାତୀର ସୁରକ୍ଷା ଓ ସ୍ୱଚ୍ଛନ୍ଦ ଗତିବିଧି ପାଇଁ ତାଲିମ ପ୍ରଦାନ

ବଲାଙ୍ଗିର, ୦୫/୧୧ (ନି.ପ୍ର): ଆଂଟି-ଡିପ୍ରେଡେସନ୍ ପଦକ୍ଷେପଗୁଡିକ ପାଇଁ ଏକ ଅତିରିକ୍ତ ବୃଦ୍ଧି ପ୍ରଦାନ କରି ଶୃଙ୍ଖଳାର ମୂଳ ସ୍ତରରେ କ୍ଷେତ୍ର କାର୍ଯ୍ୟକର୍ତାମାନେ, 'ଗଜ ସାଥୀ' ଭାବରେ ଜଣାଶୁଣା, ଗତକାଲି ମେଗା ନର୍ସରୀରେ ଦ୍ୱିତୀୟ ପର୍ଯ୍ୟାୟ ଦକ୍ଷତା ବିକାଶ ତାଲିମ ସହିତ ପ୍ରଦାନ କରାଯାଇଛି। ବାଲାଙ୍ଗୀର ହାତୀ ପ୍ରବଣ ଗାଁର ଜଙ୍ଗଲ କର୍ମଚାରୀଙ୍କ ଉପସ୍ଥିତିରେ ତାଲିମ ସମୟରେ ହାତୀ ଗତିବିଧି ଉପରେ ନଜର ରଖିବା ଏବଂ ହାତୀ ଗତିବିଧି ସମୟରେ କର ଓ କର ନାହିଁ ବିଷୟରେ ସମସ୍ତ ବୈଷୟିକ ଜ୍ଞାନ ଦିଆଯାଇଛି। ବିଭିନ୍ନ ସ୍ଥାନକୁ ହାତୀ ଚଳନ ସମୟରେ ମନୁଷ୍ୟ-ପଶୁ ବିବାଦ ଏବଂ ହାତୀ ମୃତ୍ୟୁକୁ ଏଡାଇବା ପାଇଁ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ଅନୁସନ୍ଧାନ କରିବାକୁ ଜିଲ୍ଲା ବନଅଧିକାରୀ ନୀତିଶ କୁମାର ବଲାଙ୍ଗୀରଙ୍କୁ ନିର୍ଦ୍ଦିଷ୍ଟ ଭାବରେ ନିର୍ଦ୍ଦେଶ ଦେଇଛନ୍ତି । ହାତୀକୁ ଏକ ସୁରକ୍ଷିତ ଯିବାପାଇଁ ରାସ୍ତା ଦେବା ଆମର ସମ୍ପୂର୍ଣ୍ଣ କାର୍ଯ୍ୟର ମୋଟୋ ବୋଲି ଶ୍ରୀ ନୀତୀଶ କୁମାର, ଆଇଏଫଏସ, ଡିଏଫଓ, ବଲାଙ୍ଗୀର କହିଛନ୍ତି । ଏହି ପ୍ରସଙ୍ଗରେ ଜଡିତ ସମସ୍ତ କର୍ମଚାରୀ ଏବଂ ସଦସ୍ୟମାନେ ସେମାନଙ୍କର ଶତପ୍ରତିଶତ ପ୍ରଦର୍ଶନ ପ୍ରଦାନ କରିବା ଉଚିତ ବୋଲି ବଲାଙ୍ଗୀର ଜିଲ୍ଲାକୁ ରାଜ୍ୟରେ ଶୂନ୍ୟ-ମଣିଷ-ପଶୁ ବିବାଦ ଅଂଚଳ ଭାବେ ପରିଣତ କରିବାକୁ ଡିଏଫଓ, ବଲାଙ୍ଗୀର ପରାମର୍ଶ ଦେଇଛନ୍ତି। ବିଭାଗ ଦ୍ୱାରା ନିୟୋଜିତ ପ୍ରାୟ ୧୦୦ ଗଜ ସାଥୀ ଏହି ତାଲିମରେ ଭାଗ ନେଇଛନ୍ତି ।

# ପୂର୍ବତନ ସୈନିକଙ୍କ ସ୍ମରଣ ଉତ୍ସବ

କେନ୍ଦ୍ରାପଡ଼ା, ୦୫/୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ବଉଳାଙ୍ଗ ଗ୍ରାମର ପୂର୍ବତନ ସୈନିକ ତଥା ଇନିସପେକ୍ଟର ସ୍ୱର୍ଗତ ନଟବର ରାଉତଙ୍କ ବାର୍ଷିକ ସ୍ମୃତି ସଭାରେ ଜିଲ୍ଲାର ପୂର୍ବତନ ସୈନିକ ସଂଘର କର୍ମକର୍ତ୍ତା ଉପସ୍ଥିତ ରହି ଏକ ମିନିଟ୍ ନୀରବ ପ୍ରାର୍ଥନା କେି ଦିବଙ୍ଗତ ଆତ୍ମାକୁ ଶ୍ରଦ୍ଧାଞ୍ଜଳୀ ଓ ସଦ୍‌ଗତି କାମନା କରିଥିଲେ। ସଭାପତି କ୍ୟାପଟେନ ବାଣୀ ଭୂଷଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତି ସଭାରେ ପୂର୍ବତନ ସୈନିକ ଲକ୍ଷ୍ମୀଧର ରାଜ, ପ୍ରଦିପ କୁମାର ସାହୁ, ନିମାଇଁ କର, ମାନଗୋବିନ୍ଦ ସ୍ୱାଇଁ, ରବିନ୍ଦ୍ର କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ନଟବରଙ୍କ ସ୍ମୃତି ଚାରଣ ଓ କବିତା ପାଠ କରିଥିଲେ ।

# ମାରାତ୍ମକ ନିଃସଙ୍ଗତା

ନିକଟରେ ହୋଇଥିବା ଏକ ଗବେଷଣାରୁ ଜଣାଯାଇଛି ଯେ ହୃଦରୋଗୀମାନଙ୍କ କ୍ଷେତ୍ରରେ ନିଃସଙ୍ଗତା ଘାତକ ହୋଇପାରେ । ଡେନମାର୍କର କୋପେନହେଗନ ବିଶ୍ୱବିଦ୍ୟାଳୟ ହସପିଟାଲରେ ଜଣେ ପିଏଚଡି ଛାତ୍ର ଏନିଓ୍ୱିନଗାର୍ଡ କ୍ରିଷ୍ଟେନସେନଙ୍କ ଦ୍ୱାରା କରାଯାଇଥିବା ଗବେଷଣାରୁ ଜଣାଯାଇଛି, ନିଃସଙ୍ଗତା କାରଣରୁ ଲୋକଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ସମସ୍ୟା ଏବଂ ରୋଗ ବଢୁଛି । ବିଶେଷକରି ଏହା ହୃଦଯନ୍ତ୍ର ସଂକ୍ରାନ୍ତ ଅସୁସ୍ଥତା ସୃଷ୍ଟି କରୁଛି । ତେବେ ଏକାକୀ ରହିବା ଅପେକ୍ଷା ନିଃସଙ୍ଗତା ଅନୁଭବ କରୁଥିବା ବ୍ୟକ୍ତିଙ୍କ ସ୍ଥିତି ବେଶୀ କ୍ଷତିକାରକ । ଏକା ରହୁଥିବା ମଣିଙ୍କେ ଅପେକ୍ଷା ଏମାନେ ଶୀଘ୍ର ମୃତ୍ୟୁବରଣ କରିଥାନ୍ତି । ଏମାନଙ୍କର ଚିନ୍ତା ଏବଂ ଅବସାଦରେ ଆକ୍ରାନ୍ତ ହେବା ତିନିଗୁଣ ଅଧିକ ଦେଖାଯାଇଥାଏ । ଯାହା ଜୀବନର ଗୁଣାତ୍ମକ ମାନ ହ୍ରାସ କରିଚାଲେ ।





### ଅବସାଦର ମୁଖ୍ୟ କାରଣ:

ଏକୁଟିଆ ମଣିଷ ବେଶୀ ଚିନ୍ତା କରନ୍ତି । ବୃଥାରେ ଅଧିକ ଚିନ୍ତା କରିବା ଦ୍ୱାରା ଅବସାଦର ସ୍ଥିତି ସୃଷ୍ଟି ହୁଏ, ଯାହା ହୃଦଯନ୍ତ୍ର ପାଇଁ ବିପଜ୍ଜନକ । ଆଜିକାଲି ସହରଗୁଡ଼ିକ ସହିତ କେତେକ ଗ୍ରାମରେ ମଧ୍ୟ ଆଧୁନିକ ଜୀବନଶୈଳୀ ତଥା ପରିବର୍ତ୍ତିତ ମୂଲ୍ୟବୋଧ ଯୋଗୁ ଅଧିକାଂଶ ଲୋକ ଏକାକୀ ରହିବାକୁ ବାଧ ହେଉଛନ୍ତି । ଲୋକେ ସୋସିଆଲ ମିଡିଆରେ ଯେତେ ସକ୍ରିୟ ରହୁଛନ୍ତି, ପ୍ରକୃତ ଜୀବନରେ ସେତିକି ନିଃସଙ୍ଗ । ଏହା ମସ୍ତିଷ୍କ ଉପରେ ଖୁବ ନକରାତ୍ମକ ପ୍ରଭାବ ପକାଇଥାଏ ।

### କ'ଣ କରିବେ:

ନିୟମିତ ଯୋଗ, ବ୍ୟାୟାମ ତଥା ଧ୍ୟାନ କରିବା ଦ୍ୱାରା ମାନସିକ ଉଦବେଗରୁ ମୁକ୍ତି ମିଳିପାରିବ । ଷ୍ଟ୍ରେସ ବା ଚିନ୍ତାରୁ ମୁକ୍ତି ପାଇବା ଲାଗି ପର୍ଯ୍ୟାପ୍ତ ସମୟ ଶୋଇବାକୁ ହୋଇଥାଏ । ଏହା ଅଭାବରେ ରକ୍ତ ଶର୍କରା, ରକ୍ତଚାପ ବଢ଼ି ଏକାଧିକ ରୋଗ ସୃଷ୍ଟିକରେ। ପାଣି ପିଇବା ଦ୍ୱାରା ଟେନସନ୍ କମେ । ତେଣୁ ଉଦବେଗ ବଢ଼ିଲେ ପ୍ରଚୁର ପାଣିପିଅନ୍ତୁ । ମନକୁ ଖୁସି ରଖିବାର ଚେଷ୍ଟା କରନ୍ତୁ । କାମ ଯେତେ କଲେ ମଧ୍ୟ ତା ଭିତରେ ମନ ଖୁସି କରିବା ଲାଗି ଗୀତ ଶୁଣନ୍ତୁ, ଫିଲ୍ମ ଦେଖିବାକୁ ଯାଆନ୍ତୁ, ଖେଳନ୍ତୁ, ବନ୍ଧୁ ପରିବାରବର୍ଗଙ୍କ ସହ କିମ୍ବା କୌଣସି ବିଶେଷ ବନ୍ଧୁଙ୍କ ସହିତ ଗପସପ କରନ୍ତୁ ନଚେତ ବୁଲିବାକୁ ବି ଯାଇପାରନ୍ତି । ବହୁବାର ଲୋକେ ନିଃସଙ୍ଗତା ପାଇଁ ନିଜକୁ ଦାୟୀ କରନ୍ତି । ସେମାନେ ଧରିନିଅନ୍ତି ଯେ ଅନ୍ୟମାନଙ୍କ ପାଖରେ ତାଙ୍କର କୌଣସି ମୂଲ୍ୟ ନାହିଁ । କିନ୍ତୁ ପରିସ୍ଥିତି ପାଇଁ ନିଜକୁ ବା ଅନ୍ୟକୁ ଦୋଷୀ କରିବା ବଦଳରେ ଏହାକୁ ସାମନା କରିବା ଜରୁରୀ

### ଏକାପଣ ଖରାପ ନୁହେଁ:



ଏକଲା ବା ନିଃସଙ୍ଗ ହୋଇ ରହିବାର କେବଳ ନକରାତ୍ମକ ପ୍ରଭାବ ନାହିଁ । ଏହାର ସକାରାତ୍ମକ ଦିଗକୁ ଦୃଷ୍ଟି ଦେଇପାରନ୍ତି । ଏହା ସମ୍ପର୍କରେ ଉପୁଜିଥିବା ସମସ୍ୟାକୁ ଠାବ କରି ସମାଧାନ କରିବାର ଇଚ୍ଛା ସୃଷ୍ଟି କରାଏ ତଥା ଉପାୟ ଖୋଜିବାରେ ସାହାଯ୍ୟ କରେ । ନିଜକୁ ଆବିଷ୍କାର କରିବାର ସୁଯୋଗ ଦିଏ । ଫଳରେ ଭବିଷ୍ୟତର ଯୋଜନା ସଫଳ ସହଜ ହୋଇପାରେ ।

# ରିଅନ ଓ କଟନ ସିଲ୍କ





ଋତୁ ଅନୁଯାୟୀ ପୋଷାକ ପରିଧାନ ଜରୁରୀ । ତେବେ ଅନ୍ୟ ଋତୁ ଅପେକ୍ଷା ଗ୍ରୀଷ୍ମଋତୁରେ ପରିଧାନ କର୍ମଜୀବୀ ମହିଳା, ପୁରୁଷ ଓ କଲେଜ ପଢୁଆ ପିଲାମାନେ ପରିଧାନ ନେଇ ବେଶ ସଚେତନ ରହିଥାନ୍ତି । ବିଶେଣଷ କରି ଗ୍ରୀଷ୍ମରେ ପତଳା ପୋଷାକ ଅଧିକ ପସନ୍ଦଯୋଗ୍ୟ ହୋଇଥାଏ । ଏହା ଗରମରୁ ରକ୍ଷା କରିବା ସହିତ ଆକର୍ଷଣୀୟ ହୋଇଥାଏ । ଗ୍ରାହକଙ୍କ ଚାହିଦାକୁ ଦେଖି ବଜାରରେ ବିଭିନ୍ନ ପ୍ରକାରର ପୋଷାକ ଆସିଯାଇଛି । ଡ୍ରେସ ଡିଜାଇନରମାନେ ଖରାଦିନ ପାଇଁ ଖଦି, ରିଅନ, ସିଲ୍କ କଟନ, କଟନ ଆଦି କପଡ଼ାରେ ପୋଷାକ ପ୍ରସ୍ତୁତ କରୁଛନ୍ତି । ଗ୍ରୀଷ୍ମ ଫେସନରେ ଖଦି, ରିଅନ, ସିଲ୍କକଟନ, କଟନ ଓ ଲକ୍ଷ୍ନୌ ଷ୍ଟିଚ ଆଦି କପଡ଼ାର କୁର୍ତ୍ତା, ସରାରା, ଗରାରା ପୋଷକ ଆଗରେ ରହିଛି । ସେହିଭଳି ଏହି ସବୁ ପ୍ରତିଦିନ ପରିଧାନରେ ଚାଲୁଥିବା ବେଳେ ଖରାଦିନ କୌଣସି ଉତ୍ସବରେ ପିନ୍ଧିବା ପାଇଁ ଉକ୍ତ କପଡ଼ାରେ ଗାଉନ ବିଭିନ୍ନ ପ୍ରକାର ଡିଜାଇନ କରି ପିନ୍ଧି ହେବ । ଯାହାକି ଗରମ ଦାଉରୁ ରକ୍ଷା ପାଇ ହେବ । ସେହିଭଳି ଜିନସ ପିନ୍ଧୁଥିବା ଝିଅମାନେ ସର୍ଟ କୁର୍ତ୍ତା ସହ ବିଭିନ୍ନ ଡିଜାଇନର କଟନ, ରିଅନ କପଡ଼ାରେ ସ୍କାର୍ଫ ବ୍ୟବହାର କରିପାରିବେ।

ଶାଢ଼:- ଡ୍ରେସ ସହ ଶାଢ଼ି ପିନ୍ଧୁଥିବା ମହିଳାମାନେ ମଧ୍ୟ ଗ୍ରୀଷ୍ମ ଋତୁରେ ନିଜକୁ ଆକର୍ଷଣୀୟ ଲୁକ୍ ଦେଇପାରିବେ । ଜର୍ଜେଟ୍, ସିଫନ, କଟନ ସିଲ୍କ ଶାଢ଼ି ବ୍ୟବହାର କଲେ ଏହା ଗରମରୁ ରକ୍ଷା କରିପାରିବ । ସଭା, ସମିତି ଉତ୍ସବାନୁଷ୍ଠାନରେ ମଧ୍ୟ ହାଲୁକା କପଡାର ବିଭିନ୍ନ ଡିଜାଇନ କରାଯାଇଥିବା ଶାଢ଼ି ପିନ୍ଧିପାରିବେ ।

ପୁରୁଷ:- କେବଳ ମହିଳାମାନେ ନୁହନ୍ତି, ପୁରୁଷମାନେ ମ୍ୟ ଗରମ ପାଇଁ ଜିନସ ସହ କୁର୍ତ୍ତା ଓ କଯନ ଓ କିଲେନରେ ତିଆରି ଲମ୍ବା କୁର୍ତ୍ତା ଓ ଟ୍ରାଉଜର ପିନ୍ଧି ପାରିବେ । ରଙ୍ଗ ଗୁରୁତ୍ୱ; ଏହି



ସବୁ ପରିଧାନରେ ରଙ୍ଗ ବହୁତ ଗୁରୁତ୍ୱପୂର୍ଣ୍ଣ । ଗ୍ରୀଷ୍ମ ଦିନେ ହାଲୁକା ରଙ୍ଗର ପରିଧାନ ପିନ୍ଧିବା ଉଚିତ । ବିଶେଷ କରି ଧଳା ପୋଷାକ ଖରାଦିନେ ବହୁତ ବିକ୍ରି ହୋଇଥାଏ । ବକ୍ସିବଜାରର ଜଣେ ଡିଜାଇନର ଦୀପିକା କୁହନ୍ତି ।

ନିଜକୁ ଆରାମ ଓ ମାନୁ ଥିବା ପୋଷାକ, ବିଶେଷ କରି ହାଲୁକା ରିଅନ, କଟନ, ଲିଲେ ନ କପଡ଼ାରେ ପ୍ରସ୍ତୁତ ପୋଷାକ ପିନ୍ଧିବା ଉଚିତ । ବର୍ତ୍ତମାନ ବଜାରରେ ଏହିସବୁ ପୋଷାକ ଚାହିଦା ବି ବଢ଼ିଛି ।

# ଭୁଲରେ ଓଭନରେ ଗରମ କରନ୍ତୁନି ଏହି ୫ଟି ଖାଦ୍ୟ : ହୋଇପାରେ ଫୁଡ ପଏଜନିଙ୍ଗ

ଅଧିକାଂଶ ଲୋକ ଗରମ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି । ଅନ୍ୟପଟେ ଶୀତଦିନେ ପ୍ରାୟ ସମସ୍ତେ ଗରମ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି । ଏପରି ପରିସ୍ଥିତିରେ ଖାଦ୍ୟ ପ୍ରସ୍ତୁତ ହେବା ପରେ ତୁରନ୍ତ ଖାଇବା ସର୍ବୋତ୍ତମ ଉପାୟ । କିନ୍ତୁ ଯଦି ଆପଣ କୌଣସି କାରଣରୁ ତାହା କରିବାକୁ ଅସମର୍ଥ, ଖାଦ୍ୟକୁ ଗରମ କରିବାରେ ଭୁଲ କରନ୍ତୁ ନାହିଁ । ଅନେକ ବିଶେଷଜ୍ଞ ଖାଦ୍ୟକୁ ବାରମ୍ବାର ଗରମ କରିବାକୁ ମଧ୍ୟ ବାରଣ କରନ୍ତି । ବିଶ୍ୱାସ କରାଯାଏ ଯେ ଏହା କରିବା ଦ୍ୱାରା ଖାଦ୍ୟର ପୋଷକ ତତ୍ତ୍ୱ ନଷ୍ଟ ହୋଇଯାଏ । ଏହା ସହିତ ଖାଦ୍ୟରେ ଏପରି ଜୀବାଣୁଙ୍କ ସଂଖ୍ୟା ବଢିବାରେ ଲାଗେ ଯାହା ଖାଦ୍ୟକୁ ବିଷାକ୍ତ କରିଥାଏ । ଯେତେବେଳେ ଆପଣ ମାଇକ୍ରୋୱେଭରେ ଖାଦ୍ୟ ଗରମ କରନ୍ତି ଏହି ବିପଦ ଆହୁରି ବଢିଥାଏ । କିଛି ଖାଦ୍ୟ ଅଛି ଯାହାକୁ ଆପଣ ମାଇକ୍ରୋୱେଭରେ ଗରମ କରିବାରୁ ଦୂରେଇ ରଖନ୍ତୁ । କାରଣ ଏହା ପେଟରେ ଗ୍ୟାସ୍, ପେଟ ବ୍ୟଥା, ଫୁଡ ପଏଜନିଙ୍ଗ ଏବଂ ଖାଦ୍ୟ ଦ୍ୱାରା ରୋଗ ସୃଷ୍ଟି କରିପାରେ ।



**ଅଣ୍ଡାକୁ ଓଭନରେ ଗରମ କରନ୍ତୁନି**

ଓମଲେଟ୍ କିମ୍ବା ସ୍କ୍ରାମବ୍ଲେଡ୍ ଥଣ୍ଡା ହୋଇଗଲା ପରେ ସାଧାରଣତଃ ଲୋକମାନେ ଏହାକୁ ଓଭନରେ ରଖି ଶୀଘ୍ର ଗରମ କରନ୍ତି । କିନ୍ତୁ ଅଳ୍ପ ସମୟ ପାଇଁ ଥଣ୍ଡା ହୋଇଥିବା ଅଣ୍ଡାକୁ ଗରମ କରିବା ବିପଜ୍ଜନକ ହୋଇପାରେ । ଯଦି ଆପଣ ଅଣ୍ଡା ପ୍ରସ୍ତୁତ ଖାଦ୍ୟ ଗରମ କରନ୍ତି, ତେବେ ସଲମୋନେଲା ପରି ଜୀବାଣୁ ଶୀଘ୍ର ବଢିପାରନ୍ତି ଏବଂ ଖାଦ୍ୟ ବିଷାକ୍ତ ହୋଇଯାଏ ।

**ଓଭନରେ ଆଳୁ ଗରମ କରନ୍ତୁ ନାହିଁ**

ଆଳୁକୁ ଦ୍ୱିତୀୟ ଥର ଗରମ କରିବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି ପ୍ରମାଣିତ ହୋଇପାରେ । କାରଣ ଆଳୁରେ ଥିବା ଜୀବାଣୁ ସି ବଟୁଲିନମ୍ ବଢିବା ପାଇଁ ଓଭନ ଏକ ଅନୁକୂଳ ପରିବେଶ ଯୋଗାଇଥାଏ । ଯାହା ଖାଦ୍ୟକୁ ବିଷାକ୍ତ କରିଥାଏ ।

**ବଳକା ଚିକେନ ଗରମ କରନ୍ତୁ ନାହିଁ**

ଯଦି ରାତିରେ ପ୍ରସ୍ତୁତ ଚିକେନ ସକାଳେ ରହି ଯାଇଥାଏ, ତେବେ ଏହାକୁ ଗରମ କରି ଖାଇବା ଅପେକ୍ଷା ଏହାକୁ ଫୋପାଡ଼ି ଦେବା ଭଲ । କିମ୍ବା ଗ୍ୟାସରେ ମଧ୍ୟମ ତାପମାତ୍ରାରେ ଏହାକୁ ଧୀରେ ଧୀରେ ଗରମ କରାଯିବା ଉଚିତ ଯାହା ଦ୍ୱାରା ଏହାର ସମସ୍ତ ଜୀବାଣୁ ନଷ୍ଟ ହୋଇଯାଆନ୍ତି । କିନ୍ତୁ ମନେରଖନ୍ତୁ ଚିକେନକୁ ଶୀଘ୍ର ଗରମ କରିବା ପାଇଁ ଓଭନରେ ରଖନ୍ତୁ ନାହିଁ, କାରଣ ଚିକେନରେ ଥିବା ପ୍ରୋଟିନ୍ ବିଷାକ୍ତ ହେବାକୁ ଲାଗେ । ଯେଉଁ କାରଣରୁ ପେଟରେ ଏସିଡିଟି ସୃଷ୍ଟି ହେବାର ଆଶଙ୍କା ଥାଏ କିମ୍ବା ପେଟ ବ୍ୟଥା ହେବାର ସମ୍ଭାବନା ଥାଏ ।

**ଓଭନରେ ଚାଉଳ ଗରମ କରିବା ଭୁଲ୍**

ଚାଉଳକୁ ଗରମ କରିବା ବିପଦଜନକ କାରଣ ଏହା ରୋଗ ସୃଷ୍ଟି କରୁଥିବା ଜୀବାଣୁ ବୃଦ୍ଧି କରିଥାଏ । ସେଥିପାଇଁ ଚାଉଳକୁ ଗରମ କରିବା ଠାରୁ ଦୂରେଇ ରହିବା ଉଚିତ୍ । ଯଦି ଆପଣ ଏହାକୁ ଗରମ ଖାଇବାକୁ ଚାହୁଁଛନ୍ତି, ତେବେ ଏହାକୁ ଫ୍ରିଜରୁ ବାହାର କରି ଏହାକୁ ଓଭନରେ ରଖନ୍ତୁ ନାହିଁ । ସାଧାରଣ ତାପମାତ୍ରାକୁ ଆସିବା ପରେ ଏହାକୁ ଗ୍ୟାସରେ ଗରମ କରନ୍ତୁ ।

**ସାମୁଦ୍ରିକ ଖାଦ୍ୟକୁ ଗରମ କରନ୍ତୁ ନାହିଁ**

ସତେଜ କିମ୍ବା ରନ୍ଧା ହୋଇଥିବା ସାମୁଦ୍ରିକ ଖାଦ୍ୟ ଯଦି ୨ ଘଣ୍ଟାରୁ ଅଧିକ ସମୟ ଫ୍ରିଜରେ ରହିନଥାଏ ତେବେ ଏହାକୁ ଖାଆନ୍ତୁ ନାହିଁ । ଯଦି ଏହାକୁ ଥଣ୍ଡା ତାପମାତ୍ରାରେ ରଖାଯାଏ ନାହିଁ ତେବେ ସମୁଦ୍ର ଖାଦ୍ୟରେ ବ୍ୟାକ୍ଟେରିଆ ବଢିପାରେ । ଯାହା ଗରମ କରିବା ପରେ ମଧ୍ୟ ମରନ୍ତି ନାହିଁ ଏବଂ ଖାଦ୍ୟ ଦ୍ୱାରା ରୋଗ ସୃଷ୍ଟି କରନ୍ତି ।

# ଘରେ ରଖୁଥିବା ଝାଡୁ ଜୀବନ ବଦଳାଇ ପାରେ: ଜାଣନ୍ତୁ କିଛି ଜରୁରୀ ଟିପ୍ସ



ସାଧାରଣତଃ ଘରେ ଝାଡୁର ବ୍ୟବହାର ସଫା କାର୍ଯ୍ୟରେ ଲାଗିଥାଏ । ହେଲେ ଆପଣ ଜାଣିଛନ୍ତି କି, ଏହା ଘରେ ସୁଖ ଶାନ୍ତି ବି ଆଣିପାରେ ? ବାସ୍ତୁଶାସ୍ତ୍ରରେ ଝାଡୁକୁ ନେଇ କିଛି ନିୟମ ରହିଛି । ଯେଉଁ ନିୟମକୁ ପାଳନ କଲେ ଆମେ ଘରର ଭାଗ୍ୟ ବଦଳାଇ ପାରିବା । ହିନ୍ଦୁ ଶାସ୍ତ୍ରରେ ଲୋକେ ଝାଡୁକୁ ମା ଲକ୍ଷ୍ମୀ ବୋଲି ମାନନ୍ତି । ଧନନ୍ତ୍ୱରୀ ପର୍ବରେ ଝାଡୁକୁ ଘର ପାଇଁ ମଧ୍ୟ କିଣାଯାଇଥାଏ । ତେବେ ଜାଣି ରଖନ୍ତୁ ଘରର କେଉଁ ଦିଗରେ ଝାଡୁ ରଖିବେ ଏବଂ ଝାଡୁକୁ ନେଇ କଣ ଟିପ୍ସ ରହିଛି ।

ତେବେ ହିନ୍ଦୁ ମାନ୍ୟତା ଅନୁସାରେ, ଝାଡୁକୁ ଠିଆ କରି ରଖିବା ଆଦୌ ଉଚିତ ନୁହେଁ । ଠିଆ ହୋଇଥିବା ଝାଡୁ ଦରିଦ୍ରତା ବଢାଇଥାଏ । ଏହା ବଦଳରେ ଝାଡୁକୁ ଶୁଆଇ ରଖିବାକୁ ଅଧିକ ଶୁଭ ବୋଲି ଧରାଯାଏ। ଏହାଛଡା ଝାଡୁକୁ କେଉଁ ଦିଗରେ ରଖିବା ତାକୁ ମଧ୍ୟ ଜାଣିବା ଅତ୍ୟନ୍ତ ଜରୁରୀ। ଝାଡୁର ମୁହଁ ପର୍ଶ୍ଚିମ ଦିଗ ବା ଉତ୍ତର-ପର୍ଶ୍ଚିମ ଦିଗ ଆଡ଼କୁ କରି ରଖିବାକୁ ଚେଷ୍ଟା କରନ୍ତୁ।

ବାସ୍ତୁ ଅନୁସାରେ, ଝାଡୁ କେବେ ବି ଐସାନ୍ୟ କୋଣ ବା ରୋଷେଇ ଘରେ ରଖନ୍ତୁ ନାହିଁ । ଏହାକୁ ଛାତ ବା ବାହାରେ ରଖନ୍ତୁ ନାହିଁ । ନଚେତ ଚୋରୀ ଓ ଘରର କ୍ଷୟ କ୍ଷତି ହୋଇଥାଏ। ଯଦି ଆପଣଙ୍କ ଘରେ ଝାଡୁଟି ପୁରୁଣା ହୋଇ ଯାଇଛି ଏବଂ ଏହାକୁ ଫୋପାଡ଼ିବାକୁ ଚାହୁଁଛନ୍ତି ତେବେ ଶନିବାର ବା ଅମାବାସ୍ୟାରେ ପକାନ୍ତୁ । ନଚେତ ହୋଲି ଦିନ ବା ଗ୍ରହଣ ପରେ ଫୋପାଡ଼ି ଦିଅନ୍ତୁ ।

ଝାଡୁକୁ ନେଇ ବାସ୍ତୁଶାସ୍ତ୍ର କହୁଛି ଯେ, ଯେଉଁଠାରେ ଆପଣ ଖାଉଛନ୍ତି ସେଠାରେ ଝାଡୁ ରଖିବା ଆବଶ୍ୟକ ନୁହେଁ । କାରଣ ଏଥିରେ ଦାନାପାଣି ଉପରେ ଏହା ପ୍ରଭାବ ପକାଇଥାଏ। ଏହାସହ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ଠିକ ରହି ନଥାଏ। ସୂର୍ଯ୍ୟାସ୍ତ ପରେ ଯଦି ଘରକୁ ଝାଡୁ କରୁଛନ୍ତି ତେବେ ଏଥିରେ ଧନ ହାନି ଘଟିଥାଏ ।

# ରକ୍ତଚାପ ନିୟନ୍ତ୍ରଣ କରିବା ପାଇଁ ଖା'ନ୍ତୁ ଏହି ସବୁ ଖାଦ୍ୟ

ପୁଷ୍ଟିକର ଖାଦ୍ୟ ଏବଂ ଉତ୍ତମ ଜୀବନଶୈଳୀ ଦ୍ୱାରା ରକ୍ତଚାପକୁ ନିୟନ୍ତ୍ରଣ କରିହେବ। ରକ୍ତଚାପକୁ ନିୟନ୍ତ୍ରଣ କରିବା ପାଇଁ ପୋଟାସିଅମର ଭୂମିକା ବେଶ୍ ମହତ୍ତ୍ୱପୂର୍ଣ୍ଣ। ଏଥିରେ ଥିବା ମାଇକ୍ରୋନ୍ୟୁଟ୍ରିଏଣ୍ଟ ଶରୀରରେ ସୋଡିୟମର ପ୍ରଭାବକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ । ରକ୍ତ କଣିକା ଉପରେ ମଧ୍ୟ ଏହାର ସକରାତ୍ମକ ପ୍ରଭାବ ପଡିଥାଏ, ଯେଉଁ କାରଣରୁ ରକ୍ତଚାପକୁ ନିୟନ୍ତ୍ରଣ କରାଯାଇପାରିବ । ପୋଟାସିୟମ୍ ଯୁକ୍ତ ଖାଦ୍ୟ ଚିନ୍ତା ଏବଂ ଚାପରୁ ମୁକ୍ତି ଦେଇଥାଏ । ଆମର ରକ୍ତଚାପ ଉପରେ ଆମ ଖାଦ୍ୟର ସିଧାସଳଖ ପ୍ରଭାବ ପଡିଥାଏ । ତେବେ ଯଦି ଆପଣ ମଧ୍ୟ ହାଇ ବ୍ଲଡ ପ୍ରେସରର ଶିକାର ହୋଇଥା'ନ୍ତି ତେବେ ନିଜ ଦୈନନ୍ଦିନ ଖାଦ୍ୟ ପଦାର୍ଥରେ ପୋଟାସିଆମ୍‌ରେ ଭରପୁର ଥିବା ଖାଦ୍ୟକୁ ସାମିଲ କରନ୍ତୁ। ତେବେ ଆସନ୍ତୁ ଜାଣିବା କେଉଁ କେଉଁ ପୋଟାସିଅମ ଯୁକ୍ତ ଖାଦ୍ୟକୁ ଡାଏଟ୍‌ରେ ସାମିଲ କରିବା ଉଚିତ। କଦଳୀ ହେଉଛି ଏକ ସାଧାରଣ ଫଳ, ଯାହାକୁ ଆପଣ ବର୍ଷସାରା ସହଜରେ ପାଇପାରିବେ। ଏହା ପୋଟାସିୟମର ଏକ ଉତ୍ତମ ଉତ୍ସ। କଦଳୀ ହଜମ ଶକ୍ତିକୁ ବଢ଼ାଇଥାଏ। ଏଥିରେ ଭିଟାମିନ୍ ସି ରହିଛି । ଏହା ଏକ ସୁସ୍ଥ ଖାଦ୍ୟ, ଯାହା ଆପଣଙ୍କୁ ଭୋକ ସହିତ ମୁକାବିଲା କରିବାରେ ସାହାଯ୍ୟ କରିଥାଏ । କଦଳୀରେ ଫାଇବର ମଧ୍ୟ ରହିଥାଏ ଯାହା ଆପଣଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଭୋକ ଲାଗିବାକୁ ଦିଏ ନାହିଁ। ଏଥିରେ ପୋଟାସିଅମର ମାତ୍ରା ମଧ୍ୟ ଭରପୁର ରହିଛି, ଯାହାକୁ ଖାଇବା ଦ୍ୱାରା ରକ୍ତଚାପ ନିୟନ୍ତ୍ରଣ ରହେ। ଶାଗ ତଥା ପତ୍ରଯୁକ୍ତ ଆହାର ଦୈନନ୍ଦିନ ଖାଦ୍ୟର ଏକ ଅତ୍ୟାବଶ୍ୟକ ଅଂଶ ହେବା ଉଚିତ। ନିଜ ଆହରକୁ ପର୍ଯ୍ୟାପ୍ତ ପୋଷକ ତତ୍ତ୍ୱରେ ସାମିଲ କରିବା ପାଇଁ ନିୟମିତ ରୂପେ ପତ୍ରଯୁକ୍ତ ଖାଦ୍ୟ ତଥା ଶାଗ ଖାଇବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦିଅନ୍ତି।





## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବାସ୍ତବତା ପ୍ରତି ଧ୍ୟାନ ଦେବା ଉଚିତ...

'ବସୁଧୈବ କୁଟୁମ୍ବକମ୍', ଅର୍ଥାତ ସମଗ୍ର ପୃଥିବୀ ଗୋଟିଏ ଘର ଏବଂ ସମଗ୍ର ବିଶ୍ୱବାସୀ ଗୋଟିଏ ପରିବାରର ସଦସ୍ୟ-ଏଇ ମହାନ ଭାବନାର ପ୍ରତୀକକୁ ବହନ କରୁଥିବା ଭାରତର ଜି୨୦ ଲୋଗୋକୁ ପ୍ରଦର୍ଶିତ କରାଯାଇଛି କାଶ୍ମୀରଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଶହେଟି ମହାନ କୀର୍ତ୍ତିରାଜିକୁ ଆଲୋକିତ କରି ଡିସେମ୍ବର ୧ ତାରିଖରେ। ଏକତା, ସ୍ୱତନ୍ତ୍ରତା ଏବଂ ବିବିଧତା ହେଉଛି ଭାରତର ମହାନତା ପଛରେ ରହିଥିବା କେତେକ ଶକ୍ତି ଯାହା ଉପରେ ଜି୨୦ ଅଧ୍ୟକ୍ଷତା ଠିଆହେବ। ବିଶ୍ୱର ୨୦ଟି ପ୍ରମୁଖ ଅର୍ଥନୀତିଜ୍ଞ ଗୋଷ୍ଠୀର ଆବର୍ତ୍ତନଶୀଳ ଅଧ୍ୟକ୍ଷତାକୁ ଆସନ୍ତା ବର୍ଷ ପାଇଁ ଗ୍ରହଣ କରିଥିବା ବେଳେ ଦେଶର ଉପଭୋକ୍ତା ବୈଶିଷ୍ଟ୍ୟଗୁଡ଼ିକ ଉପରେ ଭରସା କରିବା ଅବଶ୍ୟ ପ୍ରଶଂସାଯୋଗ୍ୟ। ତେବେ ସମାନ ଭାବରେ ଏକଥା ମଧ୍ୟ ପଚାରିବାଯୋଗ୍ୟ ପ୍ରଶ୍ନ ଯେ ମୋଦୀ ସରକାର ଏହିସବୁ ମୂଲ୍ୟବୋଧକୁ ଭାରତର କୋମଳ ଶକ୍ତି ଭାବରେ ବିଶ୍ୱ ସମ୍ମୁଖରେ ଯେପରି ଭାବରେ ଉପସ୍ଥାପିତ କରୁଛନ୍ତି, ସେହିଭଳି ଭାବରେ ଦେଶ ଭିତରେ ସମ୍ମାନ ପ୍ରଦର୍ଶନ କରିବା ସହିତ ସେଗୁଡ଼ିକର ପ୍ରତିନିଧିତ୍ୱ କରୁଛନ୍ତି କି? ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ଯେ ପୃଥିବୀ ରୂପକ ଏଇ ଗ୍ରହରେ ଭାରତ ହେଉଛି ସର୍ବାଧିକ ବିବିଧତାର ଦେଶ ଯେଉଁଠି ପ୍ରତି ଶହେ କିଲୋମିଟର ଦୂରତାରେ ଭାଷା, ଖାଦ୍ୟପେୟ, ବସ୍ତ୍ର ଏବଂ ପରମ୍ପରାରେ ପରିବର୍ତ୍ତନ ଦେଖିବାକୁ ମିଳିଥାଏ। ଶହ ଶହ ବର୍ଷ ଧରି ଭାରତ ପ୍ରତ୍ୟେକଟି ପ୍ରମୁଖ ଧର୍ମାବଲମ୍ବୀଙ୍କ ବାସଭୂମି ପାଲଟି ଆସିଛି ଏବଂ ବାରମ୍ବାର ନିଜ ଦେଶରେ ଆକ୍ରୋଶର ଶିକାର ହୋଇ ବିଭିନ୍ନ ଧର୍ମାବଲମ୍ବୀଙ୍କ ବାସଭୂମି ପାଲଟି ଆସିଛି ଏବଂ ବାରମ୍ବାର ନିଜ ଦେଶରେ ଆକ୍ରୋଶର ଶିକାର ହୋଇ ବିଭିନ୍ନ ଦେଶରୁ ପଳାଇ ଆସୁଥିବା ନିପୀଡ଼ିତ ସମ୍ପ୍ରଦାୟଙ୍କୁ ନିଜ ବକ୍ଷରେ ଆକ୍ରୋଶର ଶିକାର ହୋଇ ବିଭିନ୍ନ ଦେଶରୁ ପଳାଇ ଆସୁଥିବା ନିପୀଡ଼ିତ ସମ୍ପ୍ରଦାୟଙ୍କୁ ନିଜ ବକ୍ଷରେ ଆଶ୍ରୟ ଦେଇଛି-ସେମାନେ ନାଜିମାନଙ୍କ ଅଧୀନରେ ୟୁରୋପୀୟ ହୁଅନ୍ତୁ କି କମ୍ୟୁନିଷ୍ଟ ଚୀନ୍ ଅଧୀନରେ ତିବ୍ବତୀୟ ହୁଅନ୍ତୁ ଅଥବା ସେମାନଙ୍କ ଦେଶରେ ଗୃହଯୁଦ୍ଧ କାଳରେ ଆଫଗାନିସ୍ତାନ ଓ ଶ୍ରୀଲଙ୍କାର ଅଧିବାସୀ ହୁଅନ୍ତୁ। ଆଧୁନିକ ଭାରତ ସ୍ୱୟଂ ହିଁ ଏକ ସ୍ୱତନ୍ତ୍ର ପରୀକ୍ଷଣ-ଏକ ବିବିଧତାଭରା ଦେଶ ଯାହା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସ୍ୱାଧୀନତା ଲାଭ କରି ଶାସନ ପଦ୍ଧତିରେ ଗଣତନ୍ତ୍ରକୁ ଆପଣାଇ ଆଜି ପର୍ଯ୍ୟନ୍ତ କେବେହେଲେ କୌଣସି ପ୍ରକାରର ସାମରିକ ବା ଏକଛତ୍ରବାଦୀ ଶାସନର ଶିକାର ହୋଇନାହିଁ।

ଜି୨୦ର ଆତିଥେୟତା ପ୍ରଦାନକାରୀ ଦେଶ ଭାବରେ ଭାରତ ଏହି ବିବିଧତାକୁ ବିଶ୍ୱ ନେତୃବୃନ୍ଦଙ୍କ ଆଗରେ ଉପସ୍ଥାପିତ କରିବାର ଅଭିଳାଷ ପୋଷଣ କରିଛି, ଯେହେତୁ ଏହା ହେଉଛି ଦେଶର ଏକ ସ୍ୱତନ୍ତ୍ର ପରିଚୟ। ଏହା ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ଜି୨୦ର ଭାରତୀୟ ଅଧ୍ୟକ୍ଷତା ସମୟରେ ଦେଶ 'ଅନ୍ତର୍ଭୁକ୍ତିମୂଳକ, ମହତ୍ତ୍ୱାକାଂକ୍ଷୀ, ନିର୍ଣ୍ଣାୟକ ଏବଂ କର୍ମ-ଅଭିମୁଖୀ' ହେବା ବକ୍ତବ୍ୟ ସହିତ ମେଳ ଖାଉଛି। ଏହି ସମୟରେ ଭାରତ ଯେଉଁସବୁ କାର୍ଯ୍ୟ କରିବାକୁ ଯାଉଛି, ତା' ଉପରେ ବହିର୍ବେପାର ମନ୍ତ୍ରୀ ଏସ୍ ଜୟଶଙ୍କର ଏବଂ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପିକେ ମିଶ୍ର ବିଶଦ ଭାବରେ ଆଲୋକପାତ କରିଛନ୍ତି। ଭାରତ କେବଳ ଅନ୍ୟ ଦେଶମାନଙ୍କ ମାନସିକତାରେ ନୁହେଁ, ବରଂ ଅଭିବ୍ୟକ୍ତିରେ ପରିବର୍ତ୍ତନ ଆଣିବାକୁ ଦାବି କରିବ। ଶ୍ରୀଯୁକ୍ତ ଜୟଶଙ୍କର ଜାତିସଂଘ ଭଳି ବହୁପକ୍ଷୀୟ ମଂଚଗୁଡ଼ିକରେ ପରିବର୍ତ୍ତନ ଆଣିବାକୁ ଦାବି କରିଛନ୍ତି ଯେଉଁଗୁଡ଼ିକ ସମୟର ପରିବର୍ତ୍ତନ ସହିତ ତାଳ ଦେଇ ପରିବର୍ତ୍ତିତ ହୋଇନାହାନ୍ତି। ବେଶ୍ କିଛିବର୍ଷ ହେବ ଭାରତ ଜାତିସଂଘର ପୁନର୍ଗଠନ ସହିତ ଏହାର ସୁରକ୍ଷା ପରିଷଦର ସମ୍ପ୍ରସାରଣ ସମ୍ପର୍କରେ ଦାବିକରି ଆସୁଛି। କିନ୍ତୁ ଚୀନ୍ ଏହାର ବିରୋଧ କରୁଛି ଯେଉଁଥିପାଇଁ ଏହା ସମ୍ଭବ ହୋଇପାରୁନାହିଁ। ଶ୍ରୀଯୁକ୍ତ ଜୟଶଙ୍କରଙ୍କ ବକ୍ତବ୍ୟ ଏହି ପ୍ରସଙ୍ଗକୁ ଜି୨୦ରେ ଉଠାଇବା ନେଇ ସୂଚନା ପ୍ରଦାନ କରୁଛି। ପୁନଶ୍ଚ, ବିଶ୍ୱ ସମ୍ମୁଖରେ ଜରୁରୀକାଳୀନ ଭିତ୍ତିରେ ଧ୍ୟାନ ଆକର୍ଷଣ କରିବା ଭଳି ଦୁଇଗୋଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି- ଖାଦ୍ୟ ଏବଂ ଶକ୍ତି ସୁରକ୍ଷା। ଏ ଦୁଇଟି ହେଉଛି ଜଟିଳ ପ୍ରସଙ୍ଗ ଯେଉଁଗୁଡ଼ିକର ମୂଳ ରହିଛି ଅନେକଗୁଡ଼ିଏ ପ୍ରକ୍ରିୟା ଉପରେ ଯେଉଁସବୁ ମଧ୍ୟରେ ଅନ୍ତର୍ଭୁକ୍ତ ବିକାଶ, ଜୀବାଶ୍ମ ଜାଳେଣି, ଅଙ୍ଗାରକ ନିର୍ଗମନ, ଜଳବାୟୁ ପରିବର୍ତ୍ତନ ଏବଂ ଯୁଦ୍ଧ। ଏସବୁ ଗୋଟିଏ ପଏଣ୍ଟର ସମାଧାନକୁ ଗ୍ରହଣ କରିବେ ନାହିଁ, ଏଥିପାଇଁ ଏକ ପ୍ୟାକେଜର ଆହ୍ୱାନ ରହିଛି। ବିଶ୍ୱର ଉତ୍ତର ଭାଗରେ ରହିଥିବା ଦେଶଗୁଡ଼ିକ ଏସବୁର ପ୍ରତିରୋଧ ବା ପ୍ରଶମନକୁ ବିରୋଧ କରୁଥିବା ବେଳେ ବିଶ୍ୱର ଦକ୍ଷିଣ ଭାଗରେ ଅବସ୍ଥିତ ରାଷ୍ଟ୍ର ସମୂହ ଏସବୁଜନିତ ବିପଦ ପ୍ରତି ଉନ୍ମୁଖ ରହିଛନ୍ତି। ଭାରତ ଏ ବାବଦରେ କାର୍ଯ୍ୟ କରିବାକୁ ଏବଂ ଉତ୍ତର ଦିଗରେ ଦେଶମାନଙ୍କୁ ପ୍ରବର୍ତ୍ତାଇବାର ଭୂମିକା ଗ୍ରହଣ କରିବାକୁ ଅବଶ୍ୟ ଚାହିଁବ। ଶ୍ରୀଯୁକ୍ତ ଜୟଶଙ୍କରଙ୍କ କହିବା ଅନୁସାରେ ଏକ ପରାମର୍ଶକାମୀ, ସହଯୋଗକାମୀ ଏବଂ ନିଷ୍ପତ୍ତିଗ୍ରହଣକାରୀ ରାଷ୍ଟ୍ର ହିଁ କେବଳ ଧନୀ ରାଷ୍ଟ୍ରମାନଙ୍କର ଏହିସବୁ ବାସ୍ତବତା ପ୍ରତି ଧ୍ୟାନ ଆକର୍ଷଣ କରିବା ସହିତ କାର୍ଯ୍ୟ ଆରମ୍ଭ କରିପାରିବ।

# ଡ.ଆମ୍ବେଦକର ଓ ରେନାଁସା



ଅଧ୍ୟାପକ ଗୋପବନ୍ଧୁ



ଡକ୍ଟର ଭୀମ ରାଓ ଆମ୍ବେଦକରଙ୍କ ପରିଚୟ କେବଳ ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତବର୍ଷର ସମ୍ବିଧାନର ପ୍ରଣେତା ମଧ୍ୟରେ ସୀମିତ ନୁହେଁ। ତାଙ୍କର ପ୍ରଥମ ପରିଚୟ ହେଉଛି ସେ ଜଣେ ଅଗ୍ରଣୀ ସମାଜ ସଂସ୍କାରକ ଓ ଆଧୁନିକ ଭାରତବର୍ଷର ବୌଦ୍ଧିକ ଚେତନାର ମାର୍ଗ ଦର୍ଶକ। ସେ ଏପରି ଭାରତବର୍ଷର ପରିକଳ୍ପନା କରିଥିଲେ ଯାହା ବୌଦ୍ଧିକତା ସମ୍ପନ୍ନ, ବିଜ୍ଞାନର ଅନୁଗାମୀ ଓ ପ୍ରଗତିଶୀଳ ବିଚାରଧାରା ଉପରେ ପ୍ରତିଷ୍ଠିତ ହୋଇଥିବ। ସେ ଏପରି ସମାଜ ଗଠନ ପାଇଁ ସଂଗ୍ରାମ କରିଥିଲେ ଯାହା ସମତା, ମମତା ଓ ବ୍ୟକ୍ତି ସ୍ୱତନ୍ତ୍ରତାକୁ ସର୍ବୋଚ୍ଚ ସମ୍ମାନ ଦେଉଥିବ। ସମାଜରୁ ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ ହଟାଇ ଏକ ତର୍କସମ୍ମତ ଓ ମାନବୀୟ ମୁଲ୍ୟବୋଧ ଉପରେ ପ୍ରତିଷ୍ଠିତ ଆଦର୍ଶ ଓ ସର୍ବଜନ ଆଦୃତ ସଂସ୍କୃତି କଥା ସେ ଚିନ୍ତା କରିଥିଲେ। ସର୍ବୋପରି ଭେଦଭାବ ରହିତ ଏକ ଐକବଦ୍ଧ ଭାରତୀୟ ସମାଜର ସେ ପରିକଳ୍ପନା କରିଥିଲେ। ତେବେ ଏ କଥା ନିଶ୍ଚିତ ଯେ ତାଙ୍କର ସମସ୍ତ ବିଚାର, ସଂଗ୍ରାମର ସମସ୍ତ ଆଧାର ଓ ସମସ୍ତ ପରିକଳ୍ପନା ଆମ ସମ୍ବିଧାନ ଭିତରେ ସମାହିତ ହୋଇରହିଛି। ସମ୍ବିଧାନର ପ୍ରତ୍ୟେକ ଶବ୍ଦରେ ଏହାର ପ୍ରତିଫଳନ ରହିଛି।

ବାବା ସାହେବ ଆମ୍ବେଦକରଙ୍କ ସମ୍ବନ୍ଧରେ ଯେତେବେଳେ ସାଧାରଣରେ ଆଲୋଚନା ହୁଏ, ତାଙ୍କୁ ସାଧାରଣତଃ ସମ୍ବିଧାନର ସଂରକ୍ଷଣ ବ୍ୟବସ୍ଥା ମଧ୍ୟରେ ସୀମିତ କରିଦିଆ ଯାଏ। ସେ ଦଳିତମାନଙ୍କ ମସିହା ଓ ତାଙ୍କରି ପାଇଁ କାମ କରିଥିବା ଜଣେ ସାଧାରଣ ନେତାଭାବେ ପରିଚୟ ତିଆରି କରାଯାଏ। ତାଙ୍କ ବିଷୟରେ ଥିବା ବିଶାଳ ଦିଗକୁ ଅନାଲୋଚିତ ରଖାଯାଏ।ସମାଜ ସଂସ୍କାର ଦିଗରେ ସେ ଯେ ବିଂଶ ଶତାବ୍ଦୀର ଅପ୍ରତିଦ୍ୱନ୍ଦୀ ଚିନ୍ତାନାୟକ ଏ ବିଷୟରେ ଖୁବ୍ କମ୍ ଆଲୋଚନା ହୁଏ। ତାଙ୍କର ଗଗନଚୁମ୍ବୀ ବ୍ୟକ୍ତିତ୍ୱ ବିଷୟରେ ଆଲୋଚନା କରାଯାଏ ନାହିଁ। କିନ୍ତୁ କେତେଦିନ ପର୍ଯ୍ୟନ୍ତ ଆଲୋକକୁ ଅନ୍ଧାର ଲୁଚାଇ ରଖିପାରିବ। କେତେଦିନ ପର୍ଯ୍ୟନ୍ତ ଗୋଟିଏ ବିଚାରଧାରାକୁ ଚାପି ରଖାଯାଇ ପାରିବ। ଯେଉଁ ବିଚାର ସ୍ୱଚ୍ଛ ଓ ମାନବ ସମାଜର ବିକାଶ ପାଇଁ ଲାଭଦାୟକ ତାହାର ସୁବାସ ଚାରିଆଡ଼େ ବିଚ୍ଛୁରିତ ହେବହିଁ ହେବ। ଅନ୍ଧକାରର ବୁକୁଚିରି ଆଲୋକ ନିଶ୍ଚୟ ପ୍ରସ୍ଫୁଟିତ ହେବ।

ଯେଉଁମାନେ ତାଙ୍କୁ ସଂରକ୍ଷଣ ବ୍ୟବସ୍ଥା ମଧରେ ସୀମିତ କରିବାକୁ ଚାହାଁନ୍ତି ସେମାନେ ତାଙ୍କ ବିଷୟରେ ଏକ କ୍ଷୁଦ୍ରଅଂଶ ଜାଣିଛନ୍ତି। ସ୍ୱାର୍ଥବାଦୀ ଲୋକମାନେ ଏପରି ଭାବିବା ସ୍ୱାଭାବିକ। ଯେଉଁମାନେ ସବୁତକ ସୁବିଧା ସୁଯୋଗ ନେଇଯିବାକୁ ଚାହାଁନ୍ତି ସେମାନେ କହନ୍ତି ସଂରକ୍ଷଣ ବ୍ୟବସ୍ଥା ଭୁଲ। ଯେଉଁମାନେ ଏହା ଦ୍ୱାରା ସୁବିଧା ସୁଯୋଗ ପାଇ ଆସୁଛନ୍ତି ସେମାନେ କହନ୍ତି ଏହା ଠିକ୍। ଏହି ବ୍ୟବସ୍ଥାର ଅସଲ ଉଦ୍ଦେଶ୍ୟକୁ ଏମାନେ କେହି ଗୁରୁତ୍ୱ ଦିଅନ୍ତି ନାହିଁ। ଏହାରି ମାଧ୍ୟମରେ ତାଙ୍କ ପରିକଳ୍ପିତ ସମତାଭିତ୍ତିକ ସମାଜ ଗଠନର କଥାକୁ ବିଚାରକୁ ନିଅନ୍ତି ନାହିଁ। ଭାରତବର୍ଷରେ ଜାତିବିହୀନ ସମାଜ ଗଠନପାଇଁ ଏହାଯେ ଏକ ଜରୁରୀ ପଦକ୍ଷେପ ତାହା ଉପଲବ୍ଧି କରିପାରନ୍ତି ନାହିଁ। ଜାତିବାଦୀ ଲୋକଙ୍କଠାରୁ ଆଉ ଅଧିକ କଣବା ଆଶା କରାଯାଇ ପାରିବ। ଏମାନେ ଜାତି ବ୍ୟବସ୍ଥାର ମାପ କାଠିରେ ସମସ୍ତ ବିଷୟକୁ ମାପିବାକୁ ଚାହାଁନ୍ତି।

ସ୍ୱାଧୀନୋତ୍ତର ଭାରତବର୍ଷରେ ଜାତି ବ୍ୟବସ୍ଥା ବଞ୍ଚିଛି ଆର୍ଥିକ ଓ ସାମାଜିକ ବୈଷ୍ୟମ ଯୋଗୁଁ। ଗୋଟିଏ ଅନଗ୍ରସର ଜାତିର ସାମଗ୍ରୀକ ଆର୍ଥିକ ବିକାଶ ତାକୁ ସାମାଜିକ ବୈଷ୍ୟମରୁ ମୁକ୍ତିଦେବ। ତେଣୁ ଚାକିରୀ କ୍ଷେତ୍ରରେ ଅନଗ୍ରସର ଜାତିମାନଙ୍କୁ ସଂରକ୍ଷଣ ସୁବିଧାଦେଇ ସେ ଆର୍ଥିକ ବିକାଶ ସହିତ ପ୍ରଶାସନିକ ସେବାରେ ଭାଗୀଦାରୀକୁ ନିଶ୍ଚିତ କରିଛନ୍ତି। ଯେଉଁମାନେ ହଜାର ହଜାର ବର୍ଷଧରି ଶିକ୍ଷା ଲାଭରୁ ବଞ୍ଚିତ ହୋଇ ଆସିଥିଲେ ତାଙ୍କୁ ସଂରକ୍ଷଣ ମାଧ୍ୟମରେ ଶିକ୍ଷିତ ହେବାର ଗ୍ୟାରେଣ୍ଟି ସେ ଦେଇଛନ୍ତି। ଏହା ସହିତ ଏମାନଙ୍କ କ୍ଷୀପ୍ର ଆର୍ଥିକ ବିକାଶପାଇଁ ମଧ ସମ୍ବିଧାନରେ ବ୍ୟବସ୍ଥା ରହିଛି। ଏହି ସୁବିଧା ସୁଯୋଗର ସୁରକ୍ଷା ପାଇଁ ଓ ଶାସନ ବ୍ୟବସ୍ଥାରେ ଭାଗୀଦାରୀ ହେବାପାଇଁ ଅନଗ୍ରସର ଜାତିମାନଙ୍କୁ ରାଜନୀତିରେ ସେ ସଂରକ୍ଷଣ ପ୍ରଦାନ କରିଛନ୍ତି। ସମସ୍ତ ପ୍ରକାର ବୈଷ୍ୟମକୁ ହଟାଇ ଏକ ସମତାଭିତ୍ତିକ ସମାଜ ଗଠନ ପାଇଁ ଏହା ମଧ୍ୟରେ ଥିବା ତାଙ୍କ ଅଭିପ୍ରାୟକୁ ବୁଝିବାର ଆବଶ୍ୟକତା ରହିଛି।

ଭାରତୀୟ ସମାଜରେ, ବିଶେଷକରି ହିନ୍ଦୁ ସମାଜରେ, ବୈଷ୍ୟମତାର ଜନ୍ମ ହୋଇଛି ଜାତି ବ୍ୟବସ୍ଥାରୁ। ଜାତିର ସୃଷ୍ଟି ହୋଇଛି ବର୍ଣ୍ଣ ବ୍ୟବସ୍ଥାରୁ। ଜାତିବାଦର ଅନ୍ୟନାମ ହେଉଛି ସାମାଜିକ ବୈଷ୍ୟମ। ଏହି ବୈଷ୍ୟମକୁ ନହଟାଇବା ପର୍ଯ୍ୟନ୍ତ ଜାତିବାଦ ହଟିବ ନାହିଁ କି ଏକ ସମତା ଭିତ୍ତିକ ସମାଜ ଗଠିତ ହୋଇପାରିବ ନାହିଁ। ଏ କଥାକୁ ସେ ଜଣେ ସମାଜ ବିଜ୍ଞାନୀ, ଜଣେ ଅର୍ଥନୀତିଜ୍ଞ ଓ ରାଷ୍ଟ୍ରବାଦୀ ରାଜନୀତିଜ୍ଞ ଭାବେ ଠିକଭାବେ ବୁଝିଥିଲେ। ତେଣୁ ତାଙ୍କ ସଂରକ୍ଷଣ ବ୍ୟବସ୍ଥା ପଛରେ ଏ ସମସ୍ତର ସମାହିତ ଉତ୍କର୍ଷତା ରହିଛି। ଏ ବିଷୟରେ କହିବା ପୂର୍ବରୁ ଆମକୁ ସେହି ସ୍ତରକୁ ଯିବାକୁ ହେବ।

ୟୁରୋପ୍ ତୁଲ୍ୟ ଭାରତବର୍ଷରେ ସେ ରେନାଁସା ଆଣିବାକୁ ଚେଷ୍ଟା କରିଥିଲେ। ଅର୍ଥାତ୍ ସାମାଜିକ, ଧାର୍ମିକ ଓ ସାଂସ୍କୃତିକ ବ୍ୟବସ୍ଥା କ୍ଷେତ୍ରରେ ଉତ୍କର୍ଷତାର ପୁନଃ ସ୍ଥାପନ ପାଇଁ ଉଦ୍ୟମ, ଯାହା ପୂର୍ବରୁ ଥିଲା। ଦଳେ ସ୍ୱାର୍ଥବାଦୀ ଲୋକ ଏଗୁଡ଼ିକରେ ଥିବା ମହାନତାକୁ ନଷ୍ଟଭ୍ରଷ୍ଟ କରି ଦେଇଛନ୍ତି। ମାନବୀୟ ମୂଲ୍ୟବୋଧକୁ ଅପହରଣ କରିନେଇଛନ୍ତି। ଅସମାନତା, ହିଂସା, ଘୃଣା-ଦ୍ୱେଷଭାବ ଏଥିରେ ଭରି ଦେଇଛନ୍ତି। ଯୁକ୍ତିଯୁକ୍ତତାର ଧାରାକୁ ଧ୍ୱଂସକରି କରିଦେଇଛନ୍ତି। ତେଣୁ ସେ ମାନବୀୟ ମୂଲ୍ୟବୋଧ ଉପରେ ପ୍ରତିଷ୍ଠିତ ଏକ ବୌଦ୍ଧିକ ସମାଜର ପରିକଳ୍ପନା କରିଯାଇଛନ୍ତି। ଯେଉଁ ସମାଜର ମାନଦଣ୍ଡ ହେବ ତର୍କବୁଦ୍ଧିବାଦ। ଯେଉଁ ସମାଜରେ ସମାନତା ଥିବ, ବ୍ୟକ୍ତିତ୍ୱକୁ ଉପଯୁକ୍ତ ସମ୍ମାନ ମିଳୁଥିବ, ଭାଇଚାରା ବିରାଜମାନ କରୁଥିବ ଓ ସମସ୍ତେ ନ୍ୟାୟପୂର୍ଣ୍ଣ ଜୀବନଯାପନ କରୁଥିବେ।

ୟୁରୋପରେ ଯେଉଁପରି ରେନାଁସା ମାଧ୍ୟମରେ ପୁରୁଣା ଘୁଣଖିଆ ବିଚାରକୁ ଧ୍ୱଂସ କରାଯାଇଥିଲା ଏବଂ ନୂତନ ଓ ଉନ୍ନତ ବିଚାରରେ ସମାଜକୁ ପରିଚାଳିତ କରିବାର ପ୍ରୟାସ ହୋଇଥିଲା, ସେହି ପ୍ରକାର ପ୍ରୟାସ ସେ ଭାରତରେ କରିଥିଲେ। ଧର୍ମବିଶ୍ୱାସ, ପରମ୍ପରା, ସଂସ୍କୃତି, ଚଳଣି ପ୍ରଭୃତିରେ ଭରି ରହିଥିବା ଅମାନବୀୟ, ଅଯୌକ୍ତିକ ଓ ଅବୈଜ୍ଞାନିକ ବିଚାରର ଧ୍ୱଂସସାଧନା କରି ମାନବୀୟ ମୂଲ୍ୟବୋଧ, ବୈଜ୍ଞାନିକ ଚେତନା ଓ ଯୁକ୍ତିଯୁକ୍ତତା ଉପରେ ପ୍ରତଷ୍ଠିତ ଏକ ପ୍ରଗତୀଶୀଳ ସମାଜ ପ୍ରତିଷ୍ଠାର ମାର୍ଗକୁ ଉନ୍ମୁକ୍ତ କରିବା ପାଇଁ ସେ ଚେଷ୍ଟା କରିଥିଲେ। ଏହି ରୂପରେ ସେ ରେନାଁସାର ପରିକଳ୍ପନା ଭରତବର୍ଷରେ କରିଥିଲେ। ଭେଦଭାବ ପୂର୍ଣ୍ଣ ସମସ୍ତ ଧାର୍ମିକ, ସାଂସ୍କୃତିକ ଓ ପାରମ୍ପରିକ ବିଚାରର ଧ୍ୱଂସସାଧନ କରି ଭାରତୀୟ ସମାଜକୁ ଐକ୍ୟବଦ୍ଧ କରିବାର ତାଙ୍କ ପ୍ରୟାସ ଅତୁଳନୀୟ ଥିଲା।

ସେ ଆରମ୍ଭ କରିଥିବା ରେନେସାଁର ଆବଶ୍ୟକତା ଏବେବି ରହିଛି ଏବଂ ଏହା ସେତେଦିନ ପର୍ଯ୍ୟନ୍ତ ରହିବ ଯେତେଯାଏଁ ତାଙ୍କ ପରିକଳ୍ପିତ ବୌଦ୍ଧିକ ସମାଜ ଗଠିତ ନହୋଇଛି। ତାଙ୍କ ବିଚାର ଓ ସଂଗ୍ରାମର ମାର୍ଗ ଏବେବି ପ୍ରାସଙ୍ଗିକ ହୋଇ ରହିଛି। ତାଙ୍କ ପ୍ରଦର୍ଶିତ ମାର୍ଗରେ ପରିଚାଳିତ ହେଲେ ଦେଶ ପ୍ରଗତିର ଶିଖରକୁ ଛୁଇଁ ପାରିବ ତଥା ସଭ୍ୟତାର ଶ୍ରେଷ୍ଠତ୍ୱକୁ ପ୍ରଦର୍ଶନ କରିପାରିବ। ଏ ବିଷୟରେ ଅନୁଧାନ ଓ ଅନୁସରଣ ଜରୁରୀ।କେବଳ ଜନ୍ମଜୟନ୍ତୀ ଓ ମୃତ୍ୟୁବାର୍ଷିକୀ ପାଳନ ମଧ୍ୟରେ ତାଙ୍କୁ ସୀମିତ ରଖିବାର ପ୍ରୟାସ ନହେଉ। ତାଙ୍କୁ ଜାତି, ଧର୍ମ, ଗୋଷ୍ଠୀ ଓ ଅଞ୍ଚଳ ଭିତରେ ବାନ୍ଧି ରଖାନଯାଉ। ତାଙ୍କ ପରିକଳ୍ପିତ ବୌଦ୍ଧିକ ସମାଜ ଗଠନ ଦିଗରେ ବ୍ୟାପକ ଚର୍ଚ୍ଚା ଆରମ୍ଭ ହେଉ। ଏହାକୁ ଏକ ଆନ୍ଦୋଳନର ରୂପ ଦିଆଯାଉ। ତାଙ୍କ ପରିକଳ୍ପିତ ପ୍ରବୁଦ୍ଧ ଭାରତବର୍ଷ ଗଠନର ଧାରା ଆମ ସମ୍ବିଧାନ ଭିତରେ ରହିଛି। ଏହାକୁ ବୁଝିବାର ପ୍ରୟାସ ହେଉ।

+ବାରିପଦା, ମୟୂରଭଞ୍ଜ
ମୋ: ୭୦୦୮୯୭୬୧୮୦

# ଦେଶ ହେଉ ବା ରାଜ୍ୟ ସରକାରୀ ବାବୁମାନେ ଜନତାଙ୍କ ପାଇଁ ଉଦାହରଣ ହୋଇ ରହିବା ଉଚିତ୍



ସୁବ୍ରତ କର

ବାବୁମାନେ ଦେଶ ହେଉ ବା ରାଜ୍ୟକୁ ଚଳେଇବାର ଦାୟିତ୍ୱ ନେଇଛନ୍ତି ବା ସେମାନଙ୍କୁ ସମ୍ବିଧାନ ଅନୁସାରେ ଦାୟିତ୍ୱ ମିଳିଛି। ମନ୍ତ୍ରୀ ବା ରାଜନେତାମାନେ ଯିବେ ଏବଂ ଆସିବେ କିନ୍ତୁ ବାବୁମାନେ ସବୁଦିନ ପାଇ (୩୦-୪୦ ବର୍ଷ) ରହିବେ। ଲୋକଙ୍କର ଭଲମନ୍ଦ ବୁଝିବା ପାଇଁ ଯଥେଷ୍ଟ ଟଙ୍କା ରୋଜଗାର କରୁଛନ୍ତି ଏବଂ ପ୍ରଚୁର କ୍ଷମତା ମଧ୍ୟ ସେମାନଙ୍କୁ ମିଳିଛି। ସାଧାରଣ ଲୋକ ଅନେଇ ବସିଛନ୍ତି ଜିଲ୍ଲାକୁ ଆସିଥିବା ନୂଆ କଲେକ୍ଟର ଆମ ପାଇଁ କଣ କରିବେ? ଦେଖିବା, ଏହି ଭଦ୍ରଲୋକ ଆମ ପାଇଁ କଣ କରୁଛନ୍ତି। ସରକାରୀ ସ୍ତରରେ ଜିଲ୍ଲା ହେଉ ବା ରାଜ୍ୟ ବହୁତ ଅଧିକାରୀ ଅଛନ୍ତି ଯେଉଁମାନେ ଭାବନ୍ତି ନିଜକୁ ଭଗବାନ, ଯଦି କୌଣସି ପ୍ରକାରରେ ଗୋଟାଏ ସରକାରୀ ଚାକିରୀ ତାଙ୍କୁ ମିଳିଯାଏ। ମୂଳ କାରଣ ହେଲା ସରକାରୀ ବାବୁମାନେ ଯେତେ ଦୋଷ କରିଲେ ମଧ୍ୟ ଖୁବ୍ ଜୋର ସେମାନଙ୍କୁ ଚାକିରୀରୁ କିଛି ସମୟ ପାଇଁ ଅବ୍ୟାହତି ଦିଆଯାଏ। ଏ ମଧ୍ୟ କାମ ନକରି ଦରମା (ଅଧା) ପାଆନ୍ତି। ଏବଂ ଏହାକୁ ସରକାରୀ ସ୍ତରରେ ଦଣ୍ଡ ବୋଲି ଧରା ହୁଏ ନାହିଁ। ଏବେ ଏବେ ଏହି ସରକାର ପ୍ରାୟ ୩୦୦ ବାବୁମାନଙ୍କୁ ଭ୍ରଷ୍ଟାଚାର କରିଥିବାରୁ (କୋଟି କୋଟି ଟଙ୍କା ଆତ୍ମସାତ) ଚାକିରିରୁ ବିଦା କରାହେଇଛି ଏବଂ ଆଉ କିଛି ବାବୁଙ୍କ ପେନସନ ବନ୍ଦ କରାହେଉଛି। ୪ ଲକ୍ଷରୁ ୫ ଲକ୍ଷ ଆମ ରାଜ୍ୟରେ ସରକାରୀ କର୍ମଚାରୀ କାର୍ଯ୍ୟରତ। ଏହା ମଧ୍ୟରୁ ଏ ପର୍ଯ୍ୟନ୍ତ ୩୦୦ କର୍ମଚାରୀଙ୍କୁ ଦୃଷ୍ଟାନ୍ତ ମୂଳକ ଦଣ୍ଡ ଦିଆ ହୋଇପାରିଛି।

ଏବେ ଆସିବା ଏଇଠି ଦୁଇ ତିନିଜଣ ବଡ଼ ବଡ଼ ବାବୁଙ୍କ କଥା ଟିକିଏ ଉଠେଇବା। ଆମ ରାଜ୍ୟରେ ଜଣେ ଆଇ.ଏ.ଏସ ପାଇଥିବା ବାବୁଙ୍କୁ ଦୁର୍ନୀତିରେ ଜଡ଼ିତ ରହିଥିବାରୁ ପଂଚମ ଥର ପାଇ ଦଣ୍ଡାଦେଶ ଶୁଣାଇ ୩ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ଆଗରୁ ମଧ୍ୟ ଆଇ.ଏ.ଏସ, ଆ.ଏଫ.ଏସ ଲାଗିଥିବା ବ୍ୟକ୍ତିମାନଙ୍କୁ ଜେଲ ଦଣ୍ଡରେ ଦଣ୍ଡିତ କରାହୋଇଛି। ଏଥିରୁ ଝିଅ ଆଇ.ଏ.ଏସ ଅଫିସର ମଧ୍ୟ ବାଦ୍ ପଡ଼ିନାହାନ୍ତି। ଏବେ ଏବେ ଝାଡ଼ଖଣ୍ଡ ରାଜ୍ୟର ଜଣେ ଲେଡି ଆଇ.ଏ.ଏସ ଅଫିସରଙ୍କ ଘରୁ ୮୨ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସମ୍ପତ୍ତି ଜବତ କରାହୋଇଛି। ଏହି ସମ୍ପତ୍ତିକୁ ମାତ୍ର ୧୩ ବର୍ଷ ଚାକିରୀ କାଳ ମଧ୍ୟରେ ଅର୍ଜନ କରିଛନ୍ତି। ସେ ଏବେ ଜେଲରେ ଅଛନ୍ତି। ଆଉ ଜଣେ ମଧ୍ୟ ଆଇ.ଏ.ଏସ ଅଫିସର, ସେ ମଧ୍ୟ ଏବେ ଏବେ ଜେଲକୁ ଯାଇଛନ୍ତି। ସେ ଜେଲ ଯାଇଛନ୍ତି କାରଣ ହେଲା ସେ ଯେତେବେଳେ ଆଣ୍ଡାମାନ ନିକୋବର ଦ୍ୱୀପପୁଂଜର ମୁଖ୍ୟଶାସକ ଥିଲେ ଅନେକ ମହିଳାମାନଙ୍କ ସାଥିରେ ଖରାପ ବ୍ୟବହାର କରିଥିଲେ। ଦିଲ୍ଲୀକୁ ଗଲାପରେ ସେଠାରୁ ଜେଲକୁ ପଠାଇ ଦିଆଯାଇଛି। ଏବେ ଆପଣମାନେ ଚିନ୍ତା କରନ୍ତୁ କାହାକୁ ଆମ୍ଭେମାନେ ଦୃଷ୍ଟାନ୍ତ ଆକାରରେ ନେବେ?




### ଏଇ କଲମ

ରତ୍ନକାନ୍ତି ମିଶ୍ର

କେତେଥର
ମୋ ହାତ ଧରି ନେଇ ଯାଇଚି
ଆମ ଗାଆଁ ନଈକୂଳକୁ,
କାଚକେନ୍ଦୁ ନଈପାଣିରେ
ଘୁମେଇ ପଡିଥିବା ଜହ୍ନ ପାଖକୁ,
ଏଇ କଲମ..!
ପାଚିଲା ଧାନକ୍ଷେତ
ସକାଳ ସୁନେଲି କିରଣ
ବିମୁଗ୍ଧ ଗୋଧୂଳି
ଶିଶିର ସ୍ନାତ ଦୁର୍ବାଦଳ
କଳା ଘୁମର ବାଦଲ
ଇନ୍ଦ୍ରଧନୁ ରଙ୍ଗ
ଆଉ ସରଗର ପାରିଜାତ ଦେଇ
ସ୍ୱର୍ଗ ବୁଲେଇଚି
ମତେ ସେ ନେଇ ଯାଇଚି
ନଗଡା ରାସ୍ତାକୁ
କୁନ୍ଦୁଲି ପୀଡିତାର
ମୁଦିଲା ଆଖିର ସ୍ୱପ୍ନକୁ
ଦେଉଳ ବାହାରେ ଠିଆ
ପଟା ତାଟିଆର ଶୂନ୍ୟତାକୁ
ନେଇ ଯାଇଚି ବି ସେ ମୋତେ
ଉଦାସ ବୃଦ୍ଧାଶ୍ରମର
କାକୁସ୍ଥ ଚାହାଣି ମାନଙ୍କ ପାଖକୁ
ଯେଉଁଠି ସହାନୁଭୂତି ଅପହଞ୍ଚ
ସେ ନେଇ ଯାଇଚି ମୋତେ
ସେଇଠିକି
ଯାହାଙ୍କୁ ସ୍ନେହ ଅନୁରାଗ ଛୁଇଁନି
ତାଙ୍କୁ ନେଇ ମୋତେ ଛୁଆଁଇଛି
ହୃଦୟର ଦୈର୍ଘ୍ୟ ପ୍ରସ୍ଥ
ମତେ ସେଇ ମପେଇଚି
ଭୂମିରୁ ଭୂମା
ବିନ୍ଦୁରୁ ବ୍ରହ୍ମାଣ୍ଡ
ମତେ ଦେଖେଇଚି..
ଏଇ କଲମ...!!!

+ଆଳି, କେନ୍ଦ୍ରାପଡା

### ସ୍ୱପ୍ନ ମହଲ

ନିରଞ୍ଜନ ସାହୁ

ସ୍ୱପ୍ନ ଦେଖିବାରେ ଅନେକ ଆନନ୍ଦ
ପୂରଣ କରିବା କଷ୍ଟ
କେବଳ ସପନ ଦେଖି ଚାଲିଥିଲେ
ଭବିଷ୍ୟତ ପୁରା ନଷ୍ଟ ।

ସଭିଏଁ ତ ଏଠି ସପନ ଦେଖନ୍ତି
ଦେଖିବା ଅଟଇ ଧର୍ମ
ସପନକୁ ସତ କରିବାକୁ ହେଲେ
କରିବାକୁ ପଡ଼େ କର୍ମ
ନିଷ୍ଠାପର ଭାବେ କର୍ମ କରିଚାଲ
ସୁମରିକି ନିଜ ଇଷ୍ଟ ।

ସଫଳତା ସ୍ୱାଦ ଚାଖିବାକୁ ହେଲେ
ଲୋଡ଼ା ବହୁ ପରିଶ୍ରମ
ସାଧନା ସଂକଳ୍ପ ବଜାୟ ରଖିବ
ଉଦ୍ୟମର ଉପକ୍ରମ
କର୍ମ ପଥେ ସଦା ବାଟ ଚାଲୁଥିବ
ହେବ ନାହିଁ ପଥଭ୍ରଷ୍ଟ ।

+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ : ୯୯୩୮୭୪୧୫୮୩

### ମାଆ

ଅମିତ କୁମାର ବେହେରା

ମାଆ ପରି ମୋର କେହି ନୁହଁ, ସେ ମୋ ପାଇଁ ଚଳନ୍ତି ଦିଅଁ
ମନ ଖୋଜୁଥାଏ ଦେଖିବାକୁ ସଦା ତାର ହସ ହସ ମୁହଁ ।
ମାଆ ମୋର ହୃଦସ୍ପନ୍ଦନ, ସେ ମୋର ଜୀବନ
ତାର ସ୍ନେହ ପ୍ରେମ ମମତାରେ ସତ ଆଜି ମୋର ସବୁ ସପନ ।
ମାଆ ମୋର ବଳ, ସେ ମୋର ବଡ ସମ୍ବଳ
ମନ ରେ ନାହିଁ ତାର କପଟ ଛନ୍ଦ, ସେ ଭାରି ସରଳ ।
ନ କହିଲେ ବି ବୁଝି ଯାଏ ସେ ସବୁ ମୋ ମନ କଥା
ମୁ ଥିଲେ ଖୁସି ରେ ଭୁଲିଯାଏ ସେ ତାର ସବୁ ବ୍ୟଥା ।
ନିଜେ ରହି ଭୋକ ଉପାସରେ ମୋତେ ଖୁଆଇ ଦିଏ ସିଏ
ଅଗଣିତ ଦୁଃଖ ମନେ ଚାପି ରଖି ସବୁ ବେଳେ ହସୁ ଥାଏ ।
ଗାଳି ସିଏ ଦିଏ, ଶାସନ ବି କରେ କାନ ମୋର ଧରି,
ଦୁନିଆ ରେ କେହି ଜଣେ ତ ନାହିଁ ତା ପରି ।
ଟିକେ ଦୁଃଖ ଦେଖି ମୋର ସେ ଜମା ସାହି ପାରେ ନାହିଁ
କେତେ ପୂଜା ବ୍ରତ ଉପବାସ କରେ ସିଏ ମୋ ପାଇଁ ।
ସେ ମୋର ଗୁରୁ ସେ ମୋର ସଖା ସେ ମୋର ଭଗବାନ,
ତା ଆଶିଷ ରେ ପାଇଛି ମୁଁ ଦୁନିଆର ସବୁ ଜ୍ଞାନ ।
ହୀରା ନୀଳା ମୋତି ମାଣିକ ସବୁ ତା ପାଇଁ ସବୁ ମିଛ
ମୋ ହସ ଖୁସି ତା ପାଇଁ ଆଗ ଆଉ ବାକି ସବୁ ତୁଚ୍ଛ ।
ଦୁନିଆ ରେ ନାହିଁ କେହି ଜଣେ ମୋ ମାଆ ସମାନ
କରୁ ଥିବି ତା ଚରଣ ପୂଜା ହେଇ ପୂଜାରୀ ଚିର ଦିନ ।

+ପ୍ରାକ୍ତନ ଛାତ୍ର
ସ୍ନାତକୋତ୍ତର ଗଣିତ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର, ବାଲେଶ୍ୱର
ମୋ : ୮୯୦୮୪୮୯୩୨୯

### ହଜିବାରେ ଖୁସି

ଦିବାକର ନାୟକ

ଏମିତି କିଛି ହଜେଇଦେଇ
ଆଜି ମୁଁ ଭାରି ଖୁସି
ସେଇ ଖୁସିଟା କଇଁ ମୁଁ କାଳେ
ପାଇ ଯାଇଛି ଶଶୀ
ମନ କହୁଛି ପ୍ରେମ ବାଟରେ
ପାଦ ଯାଇଛି ଖସି ।
ଯେଉଁ ଦିଗକୁ ନଜର ପଡେ
ଦେଖୁଛି ଗୋଟେ ମୁହଁ
ସେଇ ଅଚିହ୍ନା ମୁହଁଟି ଆଜି
ଅଚିହ୍ନା ଆଉ ନୁହଁ
ଏଇ ହୃଦୟ କାହା ଜାଲରେ
ଯାଇଛି ଆଜି ଫସି
ସେଇ ଜାଲରୁ ଫିଟିବା ପାଇଁ
ଚାହୁଁନି ବାରମାସୀ
ମନ କହୁଛି ପ୍ରେମ ବାଟରେ
ପାଦ ଯାଇଛି ଖସି ।
ଝରିଯିବାରେ ପୂରି ଉଠଇ
ଯେଉଁଠି ତନୁମନ
ଜିତିବାଠାରୁ ହାରିଯିବାରେ
ଲାଭ ଏମିତି ଧନ
ଏଇ ଜୀବନ ନଉକା ମୋର
ତା ପାଇଁ ଯାଏ ଭାସି
ପରରୁ ସିଏ ଅତି ନିଜର
ନୁହେଁ ସେ ପରଦେଶୀ
ମନ କହୁଛି ପ୍ରେମ ବାଟରେ
ପାଦ ଯାଇଛି ଖସି ।

+ପାଟପୁର, କନିସି, ଗୋଳନ୍ଥରା,
ଗଞ୍ଜାମ
ମୋ: ୯୯୩୮୬୧୯୯୮୧

### ଅଫେରା ଅତୀତ

ଲୋକନାଥ ମହାପାତ୍ର


ଅତୀତ ଯାଇଛି ଚାଲି, ଆସିବନି ବୁଲି ବାଲି
ଲାଗୁଛି ସତେକି କାଲି, ଅଫେରା ହେଲାଣି ବୋଲି
ଆଖି ଯଦି ବୁଝେ ମନ ହାଇଁ ପାଇଁ ଖାଲି
ଘଟଣା ଦୁର୍ଘଟଣା ସହିତ ପିଲାଦିନ ଯାଇଛି ଚାଲି
ମାଆର ପଣତ ଶ୍ରୀମନ୍ଦିର ନେତ ହୁଏନାହିଁ ଭୁଲି
ବାପାଙ୍କ ଆକଟ ଅନୁଶାସନ ନାହିଁ ଆଜିକାଲି
ପାଠ ପଢା ଦିନ ଗୁରୁଙ୍କୁ ସମ୍ମାନ ମନରେ ଖାଲି
ସାଙ୍ଗ ସାଥି ମେଳ ବୋହୁଚୋରି ଖେଳ ବି ଗଲା ଚାଲି
ଧୂଳିଘର ଆଉ ବାଲିଘର ତୋଳା ପହିଲି ପହିଲି
ସଢେଇ ରେ ଭାତ ରନ୍ଧା ଆଉ ହେବକି ବୋଲି
ମନରେ ସରାଗ ସ୍ରୋତ ଉଠୁନି ଫୁଲି
ଭାଇ ଭଉଣୀଙ୍କ ସମ୍ପର୍କ ଆଜି ସ୍ମୃତି ଝିଲିମିଲି
ଅଫେରା ଅତୀତ ଜାଣି ବି ବୁଝୁନି ଏ ମନ ବୋଲି
ବର୍ତ୍ତମାନ ପରା ସର୍ବସ୍ୱ ବୋଲି ବୁଝିବାକୁ ହୁଏ ଖାଲି
ସମୟ ଚଗଲି ଗଲା ଦୋହଲି କାନ୍ଦେ ମନ ଫୁଲିଫୁଲି
ଫେରିବନି କେବେ ଅତୀତ ସ୍ମୃତିରେ ଜଳି ଦେବ ଜାଳି
ମନ ମୟୂରୀ ହୃଦୟ ସେପାରି ଅତୀତ ଡାକେ ହଲି ଝୁଲି
ବୁଝିଯା ମନ ଅଫେରା ଅତୀତ ଚାହିଁଛି ଢଳି ଢଳି
ଆସିବନି ଜମା କୃଷ୍ଣ କି ଫେରିଲେ ମଥୁରା ଗଲେ ଚାଲି
ଅତୀତ ଅଫେରା ଗଲାଣି ଚାଲି ସ୍ମୃତି ନାଚେ ଚହଲି।

+ସାକ୍ଷୀଗୋପାଳ, ପୁରୀ
ମୋ: ୭୦୦୮୯୪୨୨୧୫



ଡକ୍ଟର ଧୀରେନ୍ଦ୍ର ନନ୍ଦ

# ଅମର ଶହୀଦ୍ ଜୟୀ ରାଜଗୁରୁ ଭାରତ ସ୍ୱାଧୀନତା ସଂଗ୍ରାମର ବିସ୍ମୃତ ବୀର ପୁଙ୍ଗବ



ମହାନ୍ ଶହୀଦ୍ ସଂଗ୍ରାମୀ ଜୟକୃଷ୍ଣ ରାଜଗୁରୁ ମହାପାତ୍ରଙ୍କର ବୀରତ୍ୱ, ନିଷ୍ଠା, ବଳିଦାନ ଏବଂ ଦେଶପ୍ରେମ ଅବିସ୍ମରଣୀୟ। ୧୮୦୪ ମସିହାରେ ଏହା ଥିଲା ଇଂରେଜ ସାମ୍ରାଜ୍ୟବାଦ ବିରୋଧରେ ଏକ ସଂଗଠିତ ସଂଗ୍ରାମ। ପାଇକ ସଂଗ୍ରାମର ଦୁଇଶତ ବାର୍ଷିକୀ ପାଳନ ଅବସରରେ ମହାନ୍ ଶହୀଦ୍ ଜୟୀ ରାଜଗୁରୁଙ୍କ ଦ୍ୱାରା ପରିଚାଳିତ ଇଂରେଜ ଶାସନ ବିରୋଧରେ ସଂଗ୍ରାମକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବରେ ପରିଗଣିତ କଲାବେଳେ ମନରେ ସ୍ୱତଃ ଖୋରଧାର ବୀର ପାଇକ ଏବଂ ଶହୀଦ୍ ବିପ୍ଳବୀ ଜୟୀ ରାଜଗୁରୁଙ୍କ ମହାନ୍ ସ୍ମୃତି ଉଦ୍ରେକିତ ହୁଏ। ଜୟୀ ରାଜଗୁରୁ ଭାରତମାତାର ଯଜ୍ଞବେଦୀରେ ଆତ୍ମୋତ୍ସର୍ଗ ଯେଉଁ ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରିଯାଇଛନ୍ତି, ତାହା ଦେଶର ଅଗଣିତ ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ଏକ ମହାନ୍ ଆଦର୍ଶ ରୂପେ ପରିଗଣିତ ହୋଇପାରିଛି। ଅଧିକନ୍ତୁ, ଜୟୀ ରାଜଗୁରୁଙ୍କ ୧୮୦୪ ମସିହା ସଂଗ୍ରାମଟି ଇଂରେଜ ମାନଙ୍କର କୁତ୍ସିତ କୁଚକ୍ରାନ୍ତ ଏବଂ ପ୍ରତାରଣା ପୂର୍ଣ୍ଣ ଶାସନ ବିରୋଧରେ, ଇଂରେଜ ସାମ୍ରାଜ୍ୟବାଦ ବିରୋଧରେ ତଥା ଜାତୀୟ ସମ୍ମାନ ସପକ୍ଷରେ ଏକ ସଂଗଠିତ ସଂଗ୍ରାମ ଥିଲା।

ଓଡିଶାର ଇତିହାସକୁ ବିଶ୍ଳେଷଣ କଲେ ଜଣାଯାଏ ଯେ ପ୍ରଥମ ରାମଚନ୍ଦ୍ରଙ୍କ ଦ୍ୱାରା ୧୫୬୮ ମସିହାରେ ଭୋଇ ରାଜବଂଶର ପ୍ରତିଷ୍ଠା ହୋଇଥିଲା, ଯିଏ କି ୧୫୭୦ ମସିହାରେ ଖୋର୍ଦ୍ଧାଗଡକୁ ରାଜଧାନୀ ରୂପେ ନିର୍ମାଣ କରିଥିଲେ। ଏହି ରାଜବଂଶରେ କ୍ରମାନ୍ୱୟରେ ୧୨ ଜଣ ରାଜା ଦୀର୍ଘ ୨୨୬ ବର୍ଷ ଧରି (୧୫୬୮-୧୮୦୪) ଶାସନ କରିଥିଲେ। ପାରଳାଖେମୁଣ୍ଡିର ମହାରାଜା ଜଗନ୍ନାଥ ନାରାୟଣ ଦେବ ଯିଏ କି ନିଜକୁ ଗଜପତି ବୋଲି ଅଭିହିତ କରି ଗଙ୍ଗ ରାଜବଂଶର ଦାୟାଦ ରୂପେ ଦାବୀ କରି ଆସୁଥିଲେ, ଯେତେବେଳେ ଖୋର୍ଦ୍ଧାଗଡକୁ ଆକ୍ରମଣ କରିଥିଲେ ସେତେବେଳେ ତତ୍କାଳୀନ ଖୋର୍ଦ୍ଧା ରାଜା ବୀର କିଶୋର ଦେବ ମରହଟ୍ଟା ମାନଙ୍କ ସାହାଯ୍ୟ ନେଇ ତାଙ୍କୁ ପ୍ରତିରୋଧ କରିଥିଲେ। ଏହାର ପ୍ରତି ବଦଳରେ ମରହଟ୍ଟାମାନେ ଏକ ଲକ୍ଷ ମୁଦ୍ରା ଦାବୀ କରିଥିଲେ। ଯୁଦ୍ଧ ପରେ ପାରଳାଖେମୁଣ୍ଡି ରାଜା ପରାସ୍ତ ହୋଇଥିଲେ, କିନ୍ତୁ ଅର୍ଥନୈତିକ ସଙ୍କଟ କାରଣରୁ ରାଜା ବୀର କିଶୋର ଦେବ ମରହଟ୍ଟା ମାନଙ୍କର ସର୍ତ୍ତକୁ ରକ୍ଷା କରିପାରି ନଥିଲେ। ଫଳରେ ସେ ତାଙ୍କର ଶାସିତ ଚାରୋଟି ପ୍ରଗଣା ଯଥା ପୁରୀ ନିକଟସ୍ଥ ରାହାଙ୍ଗ, ବ୍ରହ୍ମଗିରି ନିକଟସ୍ଥ ଚବିଶକୁଦ, ସତ୍ୟବାଦୀ ନିକଟସ୍ଥ ସିରାଇ ଏବଂ ଡେଲାଙ୍ଗ ନିକଟସ୍ଥ ଲେମ୍ବାଇ ସବୁକୁ ମରହଟ୍ଟା ମାନଙ୍କୁ ଦେଇଦେଇଥିଲେ। ଏହି ଚାରୋଟି ପ୍ରଗଣା ରାଜାଙ୍କର ରାଜସ୍ୱ ଆଦାୟର ମୂଳାଧାର ଥିଲା, ଯାହାକି ଜଗନ୍ନାଥ ମନ୍ଦିରର ରକ୍ଷଣା ବେକ୍ଷଣା ତଥା ସମସ୍ତ କ୍ରିୟା ପଦ୍ଧତି ପାଇଁ ଖର୍ଚ୍ଚ କରାଯାଉଥିଲା। ଦ୍ୱିତୀୟ ଦିବ୍ୟସିଂହ ଦେବଙ୍କ ସମୟରେ ଜୟୀ ରାଜଗୁରୁ ନିଜର ୪୧ ବର୍ଷ ବୟସରେ (୧୭୩୯ ମସିହା ଅକ୍ଟୋବର ୨୯ ତାରିଖ ପବିତ୍ର ଅଁଳା ନବମୀ ରେ ଜନ୍ମିତ) ୧୭୮୦ ମସିହାରେ ରାଜାଙ୍କର ରାଜଗୁରୁ ରୂପେ ଦାୟିତ୍ୱ ଗ୍ରହଣ କରିଥିଲେ। ସେତେବେଳେ ରାଜା ଦିବ୍ୟସିଂହ ଦେବଙ୍କ ରାଜତ୍ୱ ଅର୍ଥନୈତିକ ସଙ୍କଟ ଦେଇ ଗତି କରୁଥିଲା। ୧୭୯୦ ମସିହାରେ ରାଜାଙ୍କର ମୃତ୍ୟୁ ପରେ ତାଙ୍କ ଭାଇ ଶ୍ୟାମ ସୁନ୍ଦର ଦେବ ସିଂହାସନ ଛଡାଇ ନେବା ପାଇଁ ଦାବୀ କରିଥିଲେ। ମାତ୍ର ନ୍ୟାୟବନ୍ତ ଜୟୀ ରାଜଗୁରୁଙ୍କ ଭଳି ରାଜାଙ୍କର ଜଣେ ମହାନ୍ ସମର୍ଥକ ଦିବ୍ୟସିଂହ ଦେବଙ୍କ ନାବାଳକ ପୁତ୍ର ଦ୍ୱିତୀୟ ମୁକୁନ୍ଦ ଦେବଙ୍କୁ ୧୭୯୮ ମସିହାରେ ସିଂହାସନରେ ଅଭିଷିକ୍ତ କରାଇବାରେ ସମର୍ଥ ହୋଇଥିଲେ। ଜୟୀ ରାଜଗୁରୁ ନିଜେ ରାଜ୍ୟର ରାଜଗୁରୁ ତଥା ପ୍ରଶାସକ ଭାବରେ ବେଶ ଦାୟିତ୍ୱ ନିର୍ବାହ କରିଥିଲେ। ତାଙ୍କ ପ୍ରତି ସ୍ୱଙ୍ଗ ରାଜା ଏବଂ ମନ୍ତ୍ରୀ ପରିଷଦର ଅକୁଣ୍ଠ ସମର୍ଥନ ରହିଥିଲା, କାରଣ କେବଳ ଜଣେ ରାଜଗୁରୁ ଏବଂ ଶାସ୍ତ୍ରକାର ଭାବରେ ତାଙ୍କର ବିଭିନ୍ନ ଶାସ୍ତ୍ର ଉପରେ ଅଗାଧ ପାଣ୍ଡିତ୍ୟ ନ ଥିଲା, ଜଣେ ଦକ୍ଷ ସୈନିକ ଭାବରେ ଗୁଳିଗୋଳା କମାଣ୍ଡକୁ ପରିଚାଳନା କରିବାରେ ମଧ୍ୟ ସେ ସିଦ୍ଧହସ୍ତ ଥିଲେ।

ସେତେବେଳର ଖୋର୍ଦ୍ଧା ରାଜ୍ୟର ପରିସୀମା ୧୫୦୦୦ ବର୍ଗ ମାଇଲ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା, ଯହିଁରେ ୭୧ଟି ଦୁର୍ଗ ଏବଂ ସୁଦକ୍ଷ ସୈନ୍ୟବାହିନୀ ମଧ୍ୟରେ ଦଳବେହେରା, ଦଳେଇ, ନାୟକ ଏବଂ ପାଇକଙ୍କ ଭଳି ସୈନ୍ୟ ସାମନ୍ତ ରୂପେ ପରିଗଣିତ ହେଉଥିଲେ। ସାମରିକ ବ୍ୟବସ୍ଥାରେ ଦଳବେହେରାମାନେ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲେ ଏବଂ ଦଳାଇ, ନାୟକ ପ୍ରଭୃତି ଯଥାକ୍ରମେ ସ୍ୱତନ୍ତ୍ର ସେନାନୀ ତଥା ଗ୍ରାମ ଗୁଡିକରେ ପ୍ରମୁଖ ଭାବରେ ରହୁଥିଲେ। କିନ୍ତୁ ସେନା ବାହିନୀର ପ୍ରମୁଖ ଶକ୍ତି ଥିଲେ 'ପାଇକ', ଯେଉଁମାନଙ୍କର ଯୁଦ୍ଧ ସମ୍ବନ୍ଧିତ କଳା ନୈପୁଣ୍ୟ ହିଁ ତାଙ୍କୁ ସେନାବାହିନୀର ପ୍ରମୁଖତା ପ୍ରଦାନ କରିଥିଲା। ପାଇକର ଆକ୍ଷରିକ ଅର୍ଥ ହେଉଛି 'ପଦାତିକ' ଏବଂ ତାଙ୍କ କାର୍ଯ୍ୟ ପଦ୍ଧତି ଇଚ୍ଛାଧୀନ ଥିଲେ ମଧ୍ୟ ଆଜ୍ଞାଶୀଳ ଥିଲା। ପାଇକମାନେ ରାଜ୍ୟର ରାଜକୀୟ ସୈନ୍ୟ ନ ଥିଲେ ବି ସେମାନଙ୍କୁ କିଛି ପାରିଶ୍ରମିକ ଦିଆଯାଉନଥିଲା, କିନ୍ତୁ ରାଜା ସେମାନଙ୍କୁ ଚାଷ କାର୍ଯ୍ୟ କରିବା ପାଇଁ କିଛି ଭୂମି ପ୍ରଦାନ କରିଥିଲେ। ବାହ୍ୟ ଶତ୍ରୁଙ୍କ ଆକ୍ରମଣ ଆଶଙ୍କା କିମ୍ବା ଯୁଦ୍ଧର ଆଶଙ୍କା ବେଳେ ସେମାନଙ୍କୁ ସୈନ୍ୟ ବାହିନୀରେ ସାମିଲ କରାଯାଉଥିଲା। ଦଳବେହେରା ଏବଂ ଦଳେଇମାନଙ୍କ ଅଧୀନରେ ଥିବା ପାଇକ ମାନଙ୍କ ବ୍ୟତୀତ ରାଜାଙ୍କର ପ୍ରାୟ ୧୫୦୦୦ ସ୍ୱତନ୍ତ୍ର ସୈନ୍ୟସାମନ୍ତ ଥିଲେ ଯେଉଁମାନଙ୍କୁ ଜୟୀ ରାଜଗୁରୁ ପ୍ରତ୍ୟକ୍ଷ ଭାବରେ ପରିଚାଳନା କରୁଥିଲେ। ପଦାତିକ ବାହିନୀ ବ୍ୟତୀତ ରାଜାଙ୍କର ୪୦୦୦ ଅଶ୍ୱ ଏବଂ ୨୦୦୦ ହସ୍ତୀ ମଧ୍ୟ ସୈନ୍ୟବାହିନୀରେ ନିୟୋଜିତ ହୋଇଥିଲେ।

ଦେଶରେ କେନ୍ଦ୍ରୀୟ ଶାସକଙ୍କର ଦୁର୍ବଳତା ତଥା କ୍ଷୁଦ୍ର କ୍ଷୁଦ୍ର ରାଜବଂଶ ମାନଙ୍କ ମଧ୍ୟରେ ଅନ୍ତର୍ଦ୍ୱନ୍ଦର ସୁଯୋଗ ନେଇ ବ୍ରିଟିସ୍ ଇଷ୍ଟ ଇଣ୍ଡିଆ କଂପାନୀ ତାର ବାଣିଜ୍ୟିକ କାରବାର ସହିତ ନିଜର ରାଜନୈତିକ ଅଭିସନ୍ଧି ଫଳବତୀ କରିବା ପାଇଁ ଯୋଜନା କରିଥିଲା। ଫଳରେ ସେମାନେ ଗୋଟିକ ପରେ ଗୋଟିଏ ରାଜ୍ୟ ଅଧିଗ୍ରହଣ କରିବା ସହିତ କଲିକତା, ବମ୍ବେ ଏବଂ ମାନ୍ଦ୍ରାଜରେ ତାଙ୍କର କେନ୍ଦ୍ର ସ୍ଥାପନା କଲେ। ଉତରରେ ବଙ୍ଗଳା ଠାରୁ ଦକ୍ଷିଣରେ ମାନ୍ଦ୍ରାଜ ପର୍ଯ୍ୟନ୍ତ ପ୍ରତିରୋଧ ବିହୀନ ଜୟଯାତ୍ରା ପାଇଁ ସେମାନେ ଖୋର୍ଦ୍ଧା ଅଂଚଳକୁ ଅଧିକାର କରିବାର ଆବଶ୍ୟକତା ଅନୁଭବ କଲେ। ଚତୁର ଇଂରେଜମାନେ ଖୋର୍ଦ୍ଧାର ଗଜପତି ଦ୍ୱିତୀୟ ମୁକୁନ୍ଦଦେବଙ୍କ ସହିତ ମୁକ୍ତ ଯୋଗାଯୋଗ ପଥ ତଥା ମରହଟ୍ଟା ମାନଙ୍କୁ ପରାସ୍ତ କରିବା ପାଇଁ ସହଯୋଗ କରିବାର ବୁଝାମଣା କଲେ। ଯଦିଓ ଜୟୀ ରାଜଗୁରୁ ଏକ ଦୂରଦର୍ଶୀ ଚିନ୍ତକ ଭାବରେ ଇଂରେଜ ମାନଙ୍କର ଏହି ବୁଝାମଣାକୁ ପ୍ରତିରୋଧ କରିଥିଲେ, କିନ୍ତୁ ପରବର୍ତୀ ସମୟରେ ରାଜାଙ୍କ ଚାପରେ ରାଜି ହୋଇଥିଲେ। ବୁଝାମଣା ପତ୍ର ଅନୁଯାୟୀ ରାଜାଙ୍କୁ ଇଂରେଜ ମାନେ ଏକ ଲକ୍ଷ ଟଙ୍କା ଦେବା ସହିତ ମରହଟ୍ଟା ମାନଙ୍କ କବଳରେ ଥିବା ରାଜା ବୀର କିଶୋର ଦେବଙ୍କ ସ୍ୱପ୍ନର ଚାରୋଟି ପ୍ରଗଣା ଫେରସ୍ତ କରିଦେବା ପାଇଁ ସର୍ତ୍ତ ରଖିଥିଲେ। ବୁଝାମଣା ଅନୁଯାୟୀ କର୍ଣ୍ଣେଲ ହାରକୋର୍ଟଙ୍କ ନିର୍ଦ୍ଦେଶରେ ଇରେଜ ସେନା ବାହିନୀ ୧୮୦୩ ମସିହା ସେପ୍ଟେମ୍ବର ୧୧ ତାରିଖରେ ଖୋର୍ଦ୍ଧା ଅଂଚଳରେ ପ୍ରବେଶ କଲେ ଏବଂ ୧୭୫୧ରୁ ଓଡିଶାକୁ ଦଖଲ କରିଆସୁଥିବା ମରହଟ୍ଟା ମାନଙ୍କୁ କଟକ ବାରବାଟି ଦୁର୍ଗରୁ ଅକ୍ଟୋବର ୧୪ରେ ବେଦଖଲ କରି ନିଜେ ଅକ୍ତିଆର କରିନେଲେ।

କିନ୍ତୁ ବିଶ୍ୱାସଘାତକ ଇଂରେଜ ମାନେ ରାଜାଙ୍କ ସହିତ ହୋଇଥିବା ସର୍ତ୍ତ ଓ ବୁଝାମଣାକୁ ଖିଲାପ କରି ରାଜାଙ୍କୁ ଟଙ୍କା ଏବଂ ଚାରୋଟି ପ୍ରଗଣା ଦେଲେ ନାହିଁ। ରାଜାଙ୍କ ଦ୍ୱାରା ବାରମ୍ବାର ମନେ ପକାଇ ଦିଆଯାଇଥିଲେ ମଧ ବ୍ରିଟିଶ ଅଧିକାରୀମାନେ ଏହି ବିଷୟରେ ଉଦାସୀନ ରହିଥିଲେ। ଅପର ପକ୍ଷରେ ୧୮୦୩ ମସିହା ନଭେମ୍ବର ୧୯ରେ ଇଂରେଜମାନଙ୍କୁ ରାଜା ସ୍ୱୀକୃତୀ ପ୍ରଦାନ କରି ସଲାମୀ ଆକାରରେ ନିର୍ଦ୍ଧିଷ୍ଟ ପରିମାଣର ମୁଦ୍ରା ଦେବାପାଇଁ ଇଂରେଜ ମାନେ ଘୋଷଣା କରିଥିଲେ। ଆଶ୍ଚର୍ଯ୍ୟ ବଶତଃ, ଏହି ଘୋଷଣା ନାମାରେ ଖୋର୍ଦ୍ଧା ରାଜ୍ୟର ସ୍ୱାଧିନତା ଉପରେ କୌଣସି ସର୍ତ୍ତ ବା ରାଜ୍ୟର କ୍ଷତିପୂରଣ ପାଇଁ ଅର୍ଥ ବା ଚାରୋଟି ପ୍ରଗଣା ଫେରସ୍ତ ବାବଦରେ କୌଣସି ବ୍ୟବସ୍ଥା ନଥିଲା। ବରଂ ରାଜାଙ୍କୁ ନିଃସର୍ତ୍ତ ଭାବରେ ଏହି ଘୋଷଣାନାମାରେ ସ୍ୱାକ୍ଷର କରିବାକୁ କୁହାଗଲା। ଫଳରେ ଏହା ପୂର୍ବ ବର୍ଣିତ ଚାରୋଟି ପ୍ରଗଣାକୁ ଫେରିପାଇବାର ସ୍ୱପ୍ନରେ ଏକ ଦୃଢ଼ ଆଘାତ ଏବଂ ହତାଶାବୋଧ ସୃଷ୍ଟି କରିଥିଲା। ଜୟୀରାଜଗୁରୁ ରାଜାଙ୍କୁ ଇଂରେଜମାନଙ୍କ ସହିତ କୌଣସି ଚୁକ୍ତି ନକରିବାର କାରଣ ଏଠାରେ ସ୍ପଷ୍ଟ କରିଦେଇଥିଲେ। ସେତେବେଳେ ରାଜା ତାଙ୍କର ତୃଟିକୁ ଅନୁଭବ କରି ଜୟୀ ରାଜଗୁରୁଙ୍କ ପରାମର୍ଶ ଲୋଡିଥିଲେ। ଜୟୀ ରାଜଗୁରୁ ରାଜାଙ୍କୁ ଘୋଷଣାପତ୍ରରେ ଦସ୍ତଗତ ନ କରିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ପରେ ଗୋଟିଏ ସମାଧାନର ଉଦ୍ଦେଶ୍ୟ ରଖି ଜୟୀ ରାଜଗୁରୁ କଟକରେ କର୍ଣ୍ଣେଲ ହାରକୋର୍ଟଙ୍କୁ ସାକ୍ଷାତ କରିବାକୁ ସ୍ଥିର କଲେ। ତଦନୁଯାୟୀ ଜୟୀ ରାଜଗୁରୁ ଦୁଇ ହଜାର ପାଇକଙ୍କୁ ନେଇ କର୍ଣ୍ଣେଲ୍‌ଙ୍କୁ କଟକରେ ଘେରାବନ୍ଦୀ କରି ତାଙ୍କୁ ବିସ୍ମିତ କରିଦେଇଥିଲେ। ଏହାଦ୍ୱାରା କର୍ଣ୍ଣେଲ୍ ହାରକୋର୍ଟ ମାତ୍ର ୪୦ ହଜାର ଟଙ୍କା ଦେଲେ, କିନ୍ତୁ ଚାରୋଟି ଯାକ ପ୍ରଗଣାକୁ ମରହଟ୍ଟା ମାନଙ୍କ ଠାରୁ ଇଂରେଜମାନେ ଜୟ କରି ନେଇଥିବାରୁ ସେଗୁଡିକୁ ନ ଫେରାଇବାକୁ ଯୁକ୍ତି ବାଢ଼ିଥିଲେ। ଜୟୀ ରାଜଗୁରୁ ଏହି ଟଙ୍କାକୁ ଏକ କୌଶଳ ରୂପେ ଗ୍ରହଣ କରି ଭବିଷ୍ୟତରେ ଚାରୋଟି ପ୍ରଗଣାକୁ ଇଂରେଜ ମାନଙ୍କ ଠାରୁ ଯୁଦ୍ଧ ମାଧ୍ୟମରେ ପୁନରୁଦ୍ଧାର କରିବା ପାଇଁ ନିଷ୍ପତି ନେଇଥିଲେ। ପରେ ପାଇକ ମାନଙ୍କୁ ସଂଗଠିତ କରିବା ଏବଂ ତାଲିମ ଦେବାପାଇଁ ସେହି ଟଙ୍କାକୁ ଖର୍ଚ୍ଚ କରିବାକୁ ମନସ୍ଥ କଲେ। କଟକରୁ ପ୍ରତ୍ୟାବର୍ତନ ପରେ ଜୟୀ ରାଜଗୁରୁ ଇଂରେଜମାନଙ୍କ ସହିତ ଏକ ନିର୍ଣ୍ଣାୟକ ଯୁଦ୍ଧ କରିବା ପାଇଁ ସମସ୍ତ ପ୍ରକାର ଆୟୋଜନରେ ଲାଗିପଡିଲେ।

ବ୍ରିଟିଶ୍ ଶକ୍ତିର ମୁକାବିଲା ପାଇଁ ଜୟୀ ରାଜଗୁରୁ ଏକ ବିସ୍ତୃତ ଯୋଜନା ପ୍ରସ୍ତୁତ କଲେ। ପାଇକ ମାନଙ୍କ ଯୁଦ୍ଧ ନୈପୁଣ୍ୟ ତଥା ଶୃଙ୍ଖଳାକୁ ଆଧାର କରି ଜଗଦ୍ଦେବ, ତୁଙ୍ଗା, ଝାପଟସିଂହ, ଉତର କବାଟ, ଦକ୍ଷିଣ କବାଟ, ବାହୁବଳେନ୍ଦ୍ର, ଦିଆନବାଘ, ଶତୃଶଲ୍ୟ, ବାହିନୀପତି, ମହାରଥି, ଖଡଗରାୟ, ଭ୍ରମରବର, ମଲ୍ଲ, ଷଣ୍ଢ, ମଙ୍ଗରାଜ ପ୍ରଭୃତି ନୂତନ ଉପାଧି ସବୁ ପ୍ରଦାନ କରାଯାଇ ସୈନ୍ୟ ବାହିନୀକୁ ଆହୁରି ସୁଦୃଢ଼ କରାଗଲା। ନୂଆକରି ଗଢାଯାଇଥିବା ପାଇକ ବାହିନୀର ନବ ନିଯୁକ୍ତ ସୈନ୍ୟମାନଙ୍କୁ ରଣକୌଶଳ ଶିକ୍ଷା ଦେବା ପାଇଁ ମରହଟ୍ଟା ସର୍ଦ୍ଦାର ମାନଙ୍କୁ ନିଯୁକ୍ତି ଦିଆଗଲା। ଅତ୍ୟଧିକ ପରିମାଣର ଯୁଦ୍ଧାସ୍ତ୍ର ନିର୍ମିତ କରାଯାଇ ସେଗୁଡିକୁ ସୁରକ୍ଷିତ ସ୍ଥାନରେ ସଂରକ୍ଷିତ ରଖାଗଲା। ଗଡ ଗୁଡିକର ସୁରକ୍ଷା ପାଇଁ ଚତୁର୍ପାର୍ଶ୍ୱରେ ଅଧିକ ସଂଖ୍ୟକ ସୈନ୍ୟ ସହିତ ଯୁଦ୍ଧାସ୍ତ୍ର ନିୟୋଜନ କରାଗଲା। କୁଜଙ୍ଗ, କନିକା ଆଦି ଛୋଟ ଛୋଟ ରାଜ୍ୟର ଶାସକ ମାନଙ୍କୁ ଯୁଦ୍ଧ ସମୟରେ ସହଯୋଗ କରିବା ପାଇଁ ପ୍ରସ୍ତୁତ ରହିବାକୁ ଯୋଗାଯୋଗ କରାଗଲା। ଯୁଦ୍ଧରେ ସହଯୋଗ କରି ଇଂରେଜ ମାନଙ୍କୁ ପରାସ୍ତ କରିବା ପାଇଁ ନାଗପୁରର ମରହଟ୍ଟା ଶାସକଙ୍କୁ ଅନୁରୋଧ କରାଗଲା। ଯୁଦ୍ଧ କରିବାର ସମସ୍ତ କୌଶଳ ତଥା ସୂଚୀ ପ୍ରସ୍ତୁତ କରାଇବା ପାଇଁ ମରହଟ୍ଟାର ଶାସକ ନାଗପୁରରୁ ଆନ୍ତୋଜୀ ନାୟକଙ୍କୁ ଓଡିଶା ପଠାଇଲେ। ସେହି ସ୍ୱଳ୍ପ ସମୟ ବ୍ୟବଧାନରେ ଜୟୀ ରାଜଗୁରୁ ବ୍ରିଟିଶ୍ ଶାସନ ବିରୋଧରେ ଏକ ଦକ୍ଷ ଜାତୀୟତାବାଦୀ ନେତା ଭାବରେ ନିଜର ପରିଚୟ ସୃଷ୍ଟି କରିଥିଲେ।

୧୮୦୪ ମସିହା ଅକ୍ଟୋବର ମାସ ଶେଷ ଆଡକୁ ବ୍ରିଟିଶ୍ ସୈନ୍ୟ ଖୋର୍ଦ୍ଧା ଆକ୍ରମଣ ପାଇଁ ଯୋଜନା କଲେ। ନଭେମ୍ବର ମାସ ୨୨ ତାରିଖରେ ପାଇକମାନେ ପିପିଲି ଏବଂ ଡେଲାଙ୍ଗ ଠାରେ ବ୍ରିଟିସ ସୈନ୍ୟଙ୍କୁ ପ୍ରବଳ ବିରୋଧ କରିଥିଲେ। ଏହି ପ୍ରତିରୋଧ ଏତେ ଭୟଙ୍କର ଥିଲା ଯେ, ବ୍ରିଟିଶ ସୈନ୍ୟମାନେ ସଂପୂର୍ଣ୍ଣ ଭୟଭିତ ହୋଇଯାଇଥିଲେ। ସେମାନେ ତାଙ୍କର ବେଙ୍ଗଲ୍‌ର ଦ୍ୱିତୀୟ ଏବଂ ସପ୍ତମ ବିଭାଗ ସହିତ ମାନ୍ଦ୍ରାଜର ସପ୍ତଦଶତମ ବାଟାଲିଅନ୍‌ର ୧୦,୦୦୦ ସୈନ୍ୟଙ୍କୁ ଏହି ଯୁଦ୍ଧରେ ନିୟୋଜନ କରିଥିଲେ, ଯାହାର ନେତୃତ୍ୱ ନେଇଥିଲେ ମେଜର୍ ଫ୍ଲେଚର୍, କର୍ଣ୍ଣେଲ୍ ହାର୍‌କୋର୍ଟ, କାପ୍ଟେନ ହିକ୍‌ଲାଣ୍ଡ ଏବଂ ଷ୍ଟୋନର୍। ପାଇକମାନେ ଗଙ୍ଗପଡା, ତରତୁଆ ଏବଂ ଟାଙ୍ଗିଆପଡା ଠାରେ ଅତ୍ୟନ୍ତ ଦୃଢ଼ତାର ସହିତ ଇଂରେଜ ସୈନ୍ୟମାନଙ୍କୁ ପ୍ରତିରୋଧ କରିଥିଲେ। ଏହି ଯୁଦ୍ଧ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଭାବରେ ଭୟଙ୍କର ଥିବାରୁ ବ୍ରିଟିଶ ଅଧିକାରୀମାନେ ତିନି ସପ୍ତାହ ଧରି ଅଣନିଶ୍ୱାସୀ ହୋଇପଡିଥିଲେ। ଏହି ସମୟରେ ଜୟୀ ରାଜଗୁରୁ ମରହଟ୍ଟା ମାନଙ୍କର ସାମରିକ ସାହାଯ୍ୟ ନେବାପାଇଁ ବ୍ୟବସ୍ଥା କରିଥିଲେ, ମାତ୍ର ଦୁର୍ଭାଗ୍ୟବଶତଃ ଜୟୀ ରାଜଗୁରୁଙ୍କ ପତ୍ର ବାହକକୁ ଇଂରେଜମାନେ ସମ୍ବଲପୁରରୁ ଧରିନେଇ ଥିବାରୁ ଏହା ଫଳପ୍ରଦ ହୋଇ ନଥିଲା। ଇତି ମଧ୍ୟରେ ରାଜାଙ୍କର ନିରାପତା ଦୃଷ୍ଟିରୁ ଜୟୀ ରାଜଗୁରୁ ତାଙ୍କୁ ପୁରୀର ଗଙ୍ଗାମାତା ମଠକୁ କିଛି ଚୋରା ସତର୍କ ସୂଚନା ସହିତ ପଠାଇ ଦେଇଥିଲେ। ଜୟୀ ରାଜଗୁରୁଙ୍କ ବଳିଷ୍ଠ ଯୁଦ୍ଧ ପରିଚାଳନା ସତ୍ୱେ ଇଂରେଜ ସୈନ୍ୟ ବାହିନୀର ଅତ୍ୟାଧୁନିକ ଗୁଳିଗୋଳା ଏବଂ ଯୁଦ୍ଧାସ୍ତ୍ର ଯୋଗୁ ଶେଷରେ ଖୋର୍ଦ୍ଧା ଦୁର୍ଗର ଅବସାନ ଘଟିଥିଲା। ପରେ ଜୟୀ ରାଜଗୁରୁ ଜଙ୍ଗଲରେ ଲୁଚି ରହି ମଧ ପାଇକ ମାନଙ୍କୁ ସଂଗଠିତ କରି ଇଂରେଜ ମାନଙ୍କ ବିରୋଧରେ ତାଙ୍କର ସଂଗ୍ରାମ ଜାରୀ ରଖିଥିଲେ। ରଣପୁର ଜଙ୍ଗଲ ନିକଟରେ ପାଇକ ମାନଙ୍କୁ ଏକାଠି କରି ବ୍ରିଟିଶ ଶାସନ ବିରୋଧରେ ଅନ୍ୟ ଏକ ଷଡଯନ୍ତ୍ର କରୁଥିବା ବେଳେ ବିଶ୍ୱାସ ଘାତକତାର ଶୀକାର ହୋଇ ଜୟୀ ରାଜଗୁରୁ ୧୮୦୩ ମସିହା ଜାନୁୟାରୀ ୩ ତାରିଖରେ ଇଂରେଜ ମାନଙ୍କ ଦ୍ୱାରା ଧରାପଡି କଟକ ଜେଲରେ ରହିଥିଲେ। ଏହା ସତ୍ୟ ଯେ, କନିକାର ରାଜା ବଳଭଦ୍ର ଭଞ୍ଜ ଏବଂ କୁଜଙ୍ଗର ରାଜା ଚକ୍ରଧ୍ୱଜ ଷେଣ୍ଢ ଇଂରେଜ ସୈନ୍ୟଙ୍କୁ ବିରୋଧ କରିଥିଲେ ମଧ ତାଙ୍କ ସାମ୍ନାରେ ପରାଜୟ ସ୍ୱୀକାର କରିଥିଲେ। ଏହାପରେ ଐତିହାସିକ ଜଗନ୍ନାଥ ମନ୍ଦିରରେ ସମସ୍ତ ପୂଜାବିଧି ତଥା ଯାନିଯାତ୍ରାରେ ରାଜାଙ୍କର ନାମକୁ ହଟାଇ ଦିଆଯାଇଥିଲା, ଯାହାଥିଲା ଖୋର୍ଦ୍ଧା ଇତିହାସରେ ଏକ ଅନ୍ଧକାରର ଯୁଗ। ଖୋର୍ଦ୍ଧାଗଡକୁ ଜୟ କରିବା ପରେ ବ୍ରିଟିଶ୍‌ମାନେ ବେଙ୍ଗଲ୍ ଓ ମାନ୍ଦ୍ରାଜ୍ ମଧ୍ୟରେ ରହିଥିବା ଓଡିଶାର ସମସ୍ତ ଅଂଚଳକୁ ଦଖଲ କରି ନେଇଥିଲେ।

ପରବର୍ତୀ ସମୟରେ ଜୟୀ ରାଜଗୁରୁଙ୍କର ବିଚାର ହୋଇଥିଲା ୧୮୦୬ ମସିହା ଡିସେମ୍ବର ୫ ତାରିଖରେ। ଚତୁର ଇଂରେଜ ଅଧିକାରୀ କର୍ଣ୍ଣେଲ ହାରକୋର୍ଟ ରାଜା ଦ୍ୱିତୀୟ ମୁକୁନ୍ଦ ଦେବଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଜୟୀ ରାଜଗୁରୁଙ୍କ ବିରୋଧରେ ଏକ ପୂର୍ବ ପ୍ରସ୍ତୁତ ଚିଠି ମାଧ୍ୟମରେ କୋର୍ଟରେ ଦର୍ଶାଇ ଜୟୀ ରାଜଗୁରୁଙ୍କୁ ଦୋଷୀ ସାବ୍ୟସ୍ତ କଲେ। ଏହା ଆଶ୍ଚର୍ଯ୍ୟ ଥିଲା କି, ଜୟୀ ରାଜଗୁରୁ ଘଟି ଯାଇଥିବା ସମସ୍ତ କାର୍ଯ୍ୟ ପାଇଁ କୋର୍ଟ ସାମ୍ନାରେ ନିଜକୁ ଦୋଷୀ ଭାବରେ ଦର୍ଶାଇଥିଲେ। ରାଜ୍ୟର ପ୍ରଜା ମାନଙ୍କର ବୃହତର ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟର ସ୍ୱାଧିନତା ପାଇଁ ରାଜାଙ୍କର ରକ୍ଷାକର୍ତା ଭାବରେ ଇଂରେଜ ମାନଙ୍କ ବିରୋଧରେ ଲଢିଥିଲେ ବୋଲି ସେ ସାହସର ସହିତ କୋର୍ଟରେ କହିଥିଲେ। ମାଟି ମାଆର ସୁରକ୍ଷା ପାଇଁ ଏହା ଥିଲା ତାଙ୍କର ପ୍ରଥମ କର୍ତବ୍ୟ। ସେ ପୁଣି କହିଥିଲେ ଖୋର୍ଦ୍ଧା କେବେହେଲେ ମୋଗଲ୍, ମରହଟ୍ଟା, ଇଂରେଜ ବା ଅନ୍ୟ କେହି ଶାସକଙ୍କ ହାତକୁ ଯାଇ ନଥିଲା। ତେଣୁ ଖୋର୍ଦ୍ଧାର ସୁରକ୍ଷା ଏବଂ ସ୍ୱାଧିନତା ପାଇଁ ଲଢିବା ଥିଲା ତାଙ୍କର ପ୍ରଧାନ କାର୍ଯ୍ୟ। ଏହା କେବେହେଲେ ତାଙ୍କ ପାଇଁ ଭୁଲ ନଥିଲା ଏବଂ ସେ ଯେଉଁ ଇଂରେଜ ମାନଙ୍କ ବିରୋଧରେ ସଂଗ୍ରାମ କରିଥିଲେ, ସେଥିପାଇଁ ଗର୍ବିତ ଥିଲେ ବୋଲି ସେ ଦୃଢତାର ସହିତ କହିଥିଲେ। ରାଜାଙ୍କ ଦ୍ୱାରା ତାଙ୍କ ପ୍ରତି ହୋଇଥିବା ବିଶ୍ୱାସ ଘାତକତାକୁ କେବେହେଲେ ସେ ଗୁରୁତ୍ୱ ଦେଇ ନଥିଲେ ଏବଂ ଏହି ପ୍ରକାର ଦୋଷୀ ହୋଇଥିବା ଯୋଗୁ ସେ ଯେକୌଣସି ପ୍ରକାର ଦଣ୍ଡକୁ ସ୍ୱୀକାର କରିବାକୁ ପ୍ରସ୍ତୁତ ଅଛନ୍ତି ବୋଲି କହିଥିଲେ, ଯାହା ଥିଲା ଜୟୀ ରାଜଗୁରୁଙ୍କର ମହାନତାର ବିଶେଷ ପରିଚୟ। ଐତିହାସିକ ପ୍ରଫେସର ନାରାୟଣ ରାଓ ଜୟୀ ରାଜଗୁରୁଙ୍କୁ ତାଙ୍କର ସାହସିକତା ପାଇଁ ପୁରୁ ରାଜାଙ୍କ ସହିତ ତୁଳନା କରି କହିଛନ୍ତି ଯେ, ସାହସୀ ପୁରୁ ରାଜା ଆଲେକ୍‌ଜାଣ୍ଡାର୍‌ଙ୍କୁ ଯେଉଁଭଳି ସାହସିକତାର ସହ ଉତର ଦେଇଥିଲେ, ସେଥିରେ ଆଲେକ୍‌ଜାଣ୍ଡାର୍ ସନ୍ତୁଷ୍ଟ ହୋଇ ପୁରୁ ରାଜାଙ୍କୁ ତାଙ୍କର ସିଂହାସନ ଫେରାଇ ଦେଇଥିଲେ। ମାତ୍ର ଦୁଶ୍ଚରିତ୍ର କପଟି ଇଂରେଜ ପ୍ରଶାସକ ଜୟୀ ରାଜଗୁରୁଙ୍କର ଏଭଳି ସାହସିକତାର କଥା ଶୁଣି ତାଙ୍କୁ ଫାସି ଦେବାର ନିଷ୍ପତି ଶୁଣାଇଥିଲେ। ଏହି ମିଥ୍ୟା ବିଚାରର ସଂଦର୍ଭ ବିଚାରର ବହୁଦିନ ଆଗରୁ ପ୍ରସ୍ତୁତ କରାଯାଇଥିଲା। ମାତ୍ର କେବଳ ଔପଚାରିକତା ଦୃଷ୍ଟିରୁ ଏଭଳି ବିଚାରର ଅଭିନୟ କରାଯାଇଥିଲା। ଭାରତ ମାତାର ସାହସୀ ନିର୍ଭିକ ପୁତ୍ର ଜୟୀ ରାଜଗୁରୁଙ୍କୁ ଖୋର୍ଦ୍ଧାର ମଧ ଭାଗରେ ଥିବା ଏକ ବିଶାଳ ବରଗଛର ଚାରୋଟି ଡାଳକୁ ଟାଣି ଆଣି ଏକାଠି କରି ଦୁଇ ଗୋଡ ଏବଂ ଦୁଇ ହାତ ଗୁଡିକୁ ସେହି ଡାଳ ମାନଙ୍କରେ ଅଲଗା ଅଲଗା ଭାବରେ ଚାରି ଡାଳିଆ କରି ବାନ୍ଧି ଦେଇ ସେହି ଡାଳ ଗୁଡିକୁ ପୂର୍ବ ଅବସ୍ଥାକୁ ଛାଡି ଦିଆଯାଇ ଅତ୍ୟନ୍ତ ନୃସଂଶ ଭାବରେ ହତ୍ୟା କରାଯାଇଥିଲା। ଯାହାଦ୍ୱାରା ଜୟୀ ରାଜଗୁରୁଙ୍କର ଶରୀର ତତକ୍ଷଣାତ୍ ଦୁଇଫାଳ ହୋଇଯାଇଥିଲା ଏବଂ ସେଠାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଜୟୀ ରାଜଗୁରୁ ତାଙ୍କର ମାଟି ମାଆ ଉଦ୍ଦେଶ୍ୟରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ତାଙ୍କର ସେହି ଜଘନ୍ୟ ହତ୍ୟା ସମୟରେ ସେ ଅତ୍ୟନ୍ତ ନମ୍ର ଭାବରେ 'ବୀର ସପ୍ତପଦୀ'ର ଏକ ଶ୍ଳୋକ ଉଚ୍ଚାରଣ କରି ଅତ୍ୟନ୍ତ ସାହସିକତାର ସହିତ ନିଜର ମୃତ୍ୟୁକୁ ସ୍ୱୀକାର କରି ନେଇଥିଲେ। ତେଣୁ ଲୋକକଥାରେ କୁହା ଯାଇଛି - 'ଜୟୀଆ ପଛେ ଜୀବନ ଦେଲା ନୂଆଇଁ ନାହିଁ ମଥା'। ତାଙ୍କର ବଳିଦାନ ପରେ ସେହି ସମୟର ଓଡିଶା ରାଜ୍ୟ ତାର ସ୍ୱାଧିନତାର ସତା ହରାଇଥିଲା ଏବଂ ଓଡିଶାର ସ୍ୱର୍ଣ୍ଣିମ ଇତିହାସରେ ପୂର୍ଣ୍ଣଚ୍ଛେଦ ପଡିଥିଲା। ସେହି ସମୟରେ ଏହି ଘଟଣା ଏଭଳି କୋକୁଆ ଭୟ ସୃଷ୍ଟି କରିଥିଲା ଯେ ପରବର୍ତୀ ୧୧ ବର୍ଷ ପର୍ଯ୍ୟନ୍ତ ଏହି ବୀର ମାଟିରେ କୌଣସି ସଂଗ୍ରାମ ମୁଣ୍ଡ ଟେକି ନଥିଲା।

ଆଜିର ପାଇକ ସଂଗ୍ରାମର ଦୁଇଶତ ବର୍ଷ ପୂର୍ତୀ ପାଳନର ଏହି ମହାର୍ଘ୍ୟ ମୂହୁର୍ତରେ ଆମେ ସେହି ମହାନ ବିପ୍ଳବୀ ବୀର ପୁଙ୍ଗବ ଜୟୀ ରାଜଗୁରୁ ଏବଂ ତାଙ୍କର ବଳିଦାନକୁ ବିସ୍ମରଣ କରିପାରିବା ନାହିଁ, ଯାହାକି ପାଇକ ମାନଙ୍କୁ ଇଂରେଜ ମାନଙ୍କ ବିରୋଧରେ ସଂଗ୍ରାମ କରିବା ପାଇଁ ଦୁର୍ବାର ପ୍ରେରଣା ଯୋଗାଇଥିଲା ଏବଂ ସେହି ପାଇକ ମାନଙ୍କର କୀର୍ତିକଳାପ, ତାଙ୍କର ସାହସ ଓ ପରାକାଷ୍ଠା ପରବର୍ତୀ ସମୟରେ ଅନେକ ଗୁଡିଏ ସଂଗ୍ରାମର ମୂଳଦୁଆ ପକାଇଥିଲା। ବକ୍ସି ଜଗବନ୍ଧୁଙ୍କ ଦ୍ୱାରା ୧୮୧୭ ମସିହାର ସଂଗ୍ରାମ, ମାଧବ ଚନ୍ଦ୍ର ରାଉତରାୟଙ୍କ ଦ୍ୱାରା ୧୮୨୭ ମସିହାର ତାପଙ୍ଗ ସଂଗ୍ରାମ, ଶରଣ ସିଂହ ଏବଂ କୃତିବାସ ପାଟ୍ଟଶାଣୀଙ୍କ ଦ୍ୱାରା ୧୮୩୬ ମସିହାର ବାଣପୁର ସଂଗ୍ରାମ, ଚନ୍ଦନ ହଜୁରୀ ଏବଂ ଚାଖି ଖୁଂଟିଆଙ୍କ ଦ୍ୱାରା ୧୮୫୭ ମସିହାର ସଂଗ୍ରାମ, ବୀର ସୁରେନ୍ଦ୍ର ସାଏଙ୍କ ଦ୍ୱାରା ସମ୍ବଲପୁରର ସଂଗ୍ରାମ, ଚକରା ବିଶୋଇଙ୍କ ଦ୍ୱାରା ଘୁମୁସର ଓ ବୌଦ୍ଧର କନ୍ଧ ସଂଗ୍ରାମ, ରାଧାକ୍ରିଷ୍ଣ ଦଣ୍ଡସେନାଙ୍କ ଦ୍ୱାରା ପାରଳାଖେମୁଣ୍ଡିର ଶବର ସଂଗ୍ରାମ, ଭାଗଲପୁର ଏବଂ ବୀରଭୂମିର ସାନ୍ତାଳ ସଂଗ୍ରାମ, ତୋମା ଦୋରାଙ୍କ ଦ୍ୱାରା ମାଲକାନାଗିରିର କୋୟା ସଂଗ୍ରାମ, ବିର୍ସାମୁଣ୍ଡାଙ୍କ ଦ୍ୱାରା ଛୋଟନାଗପୁରର ମୁଣ୍ଡା ସମ୍ପ୍ରଦାୟର ସଂଗ୍ରାମ ଆଦି ସମସ୍ତ ସଂଗ୍ରାମ ଗୁଡିକ ଇଂରେଜ ଆଇନ ବିରୋଧରେ ସଂଗଠିତ ହୋଇପାରିଥିଲା। ଦେଶ ଭକ୍ତିର ଲେଲିହାନ ଶିଖା ଜୟୀ ରାଜଗୁରୁଙ୍କ ଭିତରେ ଏପରି ଭାବରେ ଉଦଭାଷିତ ହୋଇଥିଲା ଯେ, ସେ ସମସ୍ତ ପ୍ରକାର ସଂଗ୍ରାମର ରୋମାଂଚକାରୀ ପ୍ରତୀକ ଥିଲେ। ଏହି ବୀର ଜାତୀୟତାବାଦୀ ନେତାଙ୍କ ପ୍ରେରଣା ସମସ୍ତଙ୍କ ମଧ୍ୟରେ ଦେଶ ଭକ୍ତିର ମାନସିକତାକୁ ଆହୁରି ପ୍ରଜ୍ୱଳିତ କରିଥିଲା।

ବର୍ତମାନ ସମୟ ଉପନୀତ ହୋଇଛି, ଖୋର୍ଦ୍ଧାର ସେହି ବୀର ପାଇକ ପୁଙ୍ଗବ ମାନଙ୍କର ତଥା ପାଇକ ନେତା ଶହୀଦ୍ ଜୟୀ ରାଜଗୁରୁଙ୍କର ସ୍ମୃତିକୁ ରୋମନ୍ଥନ କରିବା ପାଇଁ, ଯେଉଁ ପାଇକ ମାନେ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ଯୁଦ୍ଧାସ୍ତ୍ରରେ ସଜ୍ଜିତ ହୋଇ ଓଡିଶା ମାଟିରେ ଇଂରେଜ ମାନଙ୍କୁ ଧ୍ୱସ୍ତ ବିଧ୍ୱସ୍ତ କରିଦେଇଥିଲେ। ଜୟୀ ରାଜଗୁରୁଙ୍କ ଜୀବନ ହେଉଛି ଦେଶ ଭକ୍ତି ଏବଂ ଆତ୍ମୋତ୍ସର୍ଗର ଏକ ରୋମାଂଚକର ଗାଥା। ପ୍ରଚଣ୍ଡ କୂଟନୀତି, ଦୁର୍ବାର ସାହସ ଏବଂ ବୀରତ୍ୱ ବଳରେ ଜୟୀରାଜଗୁରୁ ଇଂରେଜ ମାନଙ୍କର ଶାସନକୁ ଦୃଢ଼ ପ୍ରତିହତ କରିପାରିଥିଲେ। କିନ୍ତୁ ପରିତାପର ବିଷୟ ଇତିହାସ ପୃଷ୍ଠାରେ ତାଙ୍କର ଇଂରେଜ ମାନଙ୍କ ବିରୋଧରେ ଏହି ଦୁର୍ବାର ପ୍ରତିରୋଧାତ୍ମକ ସଂଗ୍ରାମ ତାର ଯୋଗ୍ୟ ଆସନ ପାଇପାରି ନାହିଁ। ସେ ପ୍ରକୃତରେ ଜାତୀୟତାବୋଧର ଏକ ଲଢୁଆ ବ୍ୟାଘ୍ର ଥିଲେ। ବାସ୍ତବରେ ସେ ହେଉଛନ୍ତି ଏହି ଜାତିର ଜୀବନ୍ତ ଇତିହାସ। ଆଜି କେବଳ ତାଙ୍କ ସ୍ମୃତିଚାରଣ କରିବାର ଦିନ ନୁହେଁ, ବରଂ ତାଙ୍କର ଆଦର୍ଶବାଦକୁ ବାସ୍ତବ ରୂପରେଖ ଦେବାର ସମୟ। ଆସନ୍ତୁ ଆମେ ସମସ୍ତେ ଆଜି ଶପଥ ନେବା, ଜୟୀ ରାଜଗୁରୁ ମାତୃଭୂମିର ସୁରକ୍ଷା ପାଇଁ ଯେପରି ନିଜର ଲହୁ ଲୁହକୁ ଅର୍ପଣ କରିଛନ୍ତି, ଆମେ ଆଜିର ଦିନରେ ଆମର ନିଃସ୍ୱାର୍ଥପର ବଳିଦାନ, ଉତ୍ସର୍ଗୀକୃତ ଭାବନା ଏବଂ ଲଢୁଆ ମନୋବୃତିକୁ ନେଇ ଦେଶର ଉନ୍ନତି କରିବାରେ ଅଗ୍ରସର ହେବା, ଯାହାକି ତାଙ୍କର ଏହି ଶ୍ରେଷ୍ଠ ବଳିଦାନ ପାଇଁ ହେବ ପ୍ରକୃତ ସମ୍ମାନ।

ଭାରତ ମାତା କୀ ଜୟ। ବନ୍ଦେ ମାତରମ୍।


ସହାୟକ ଗ୍ରନ୍ଥ :

୧. ମହାନ ସଂଗ୍ରାମୀ ଜୟୀ ରାଜଗୁରୁ, ଡକ୍ଟର ପ୍ରଫୁଲ୍ଲ କୁମାର ପଟ୍ଟନାୟକ।

୧. ଫିରିଙ୍ଗି କଳି ଭାରତ, ମଧୁସୂଦନ ବିପ୍ର, ୧୮୩୫।

୩. ପାଇକ ଖେଦା, କହ୍ନେଇ ଚମ୍ପତିରାୟ।

୪. ଖୋରଧା ଦର୍ପଣ, ଦିଗମ୍ବର ହରିଚନ୍ଦନ।

୫. ଖୋରଧା ଇତିହାସ ଅନ୍ତରାଳେ, ୧୯୯୯, ଫକୀର ହରିଚନ୍ଦନ।

୬. ଓଡିଶାର ପ୍ରଥମ ଶହୀଦ୍ ଜୟୀ ରାଜଗୁରୁ, ଜଟ୍ଟାଧାରୀ ମିଶ୍ର।

୭. ଓଡିଶାର ସଶସ୍ତ୍ର ମୁକ୍ତି ସଂଗ୍ରାମ, କୃଷ୍ଣଚନ୍ଦ୍ର ଦାସ।

୮. Jayee Rajguru – A profile of great patriot of Odisha, 2016 by Dr. Narayan Rao.

9. History of Odisha, Vol-II by Harekrushna Mahatab.

10. Freedom Struggle in Odisha, 2006 by Pf. Bhabani Charan Ray.



+ଅଧ୍ୟକ୍ଷ, ଜୟୀ ରାଜଗୁରୁ ସ୍ମୃତି ସଂସଦ, ଓଡିଶା, ଟାଙ୍ଗିଆପଡା, ଖୋର୍ଦ୍ଧା - ୭୫୨୦୫୭, ମୋ:୯୪୩୭୦୦୬୭୨୫




ଅକ୍ଷୟ କୁମାର ରାଉତ

# ଶହୀଦ ସଂଗ୍ରାମୀ - ଜୟୀ ରାଜଗୁରୁ

ଯେଉଁ ଦେଶର କ୍ଷିତ୍, ଆପ୍, ତେଜ, ମରୁତ୍ ଓ ବ୍ୟୋମରେ ଜୟୀ କୃଷ୍ଣ ରାଜଗୁରୁଙ୍କ ଶରୀର ଗଠିତ ହୋଇଅଛି। ଯେଉଁ ଦେଶ ତାଙ୍କର ଜିହ୍ୱାରେ ଅଙ୍କନ କରିଛି ଜନ୍ମମାଟିର ଭାଷା, ଯେଉଁ ଦେଶର ଇତିହାସରୁ ସେ ପ୍ରେରଣା ଲାଭ କରିଛନ୍ତି, ସେହି ମାତୃଭୂମି, ସ୍ୱଦେଶକୁ ଦୁର୍ଗତି ଓ ଦୁର୍ଦ୍ଦଶାରୁ ରକ୍ଷା କରିବା ତାଙ୍କ ପାଇଁ ଦୃଢ଼ ସଂକଳ୍ପ, ତାଙ୍କର ଦେଶପ୍ରେମ, ସାହସ ଓ ତ୍ୟାଗ ଓଡିଶା ଇତିହାସରେ ବିରଳ। ଜୟୀ କୃଷ୍ଣ ରାଜଗୁରୁ ଅବିଭକ୍ତ ପୁରୀ ଜିଲ୍ଲାର ବୀରହରେକୃଷ୍ଣପୁର ଶାସନରେ ଏକ କୁଳୀନ ବ୍ରାହ୍ମଣ ବଂଶରେ ୧୭୩୯ ମସିହା ଅକ୍ଟୋବର ମାସ ୨୯ ତାରିଖରେ ଜନ୍ମ ଗ୍ରହଣ କରିଥିଲେ ବୋଲି ସ୍ଥିର କରାଯାଇଛି। ତାଙ୍କର ପିତାଙ୍କ ନାମ ଚନ୍ଦ୍ରଶେଖର ରାଜଗୁରୁ (ଚାନ୍ଦ ମହାପାତ୍ର) ଏବଂ ମାତାଙ୍କର ନାମ ହାରାମଣି ଦେବୀ।

ବାଲ୍ୟକାଳରୁ ଜୟୀକୃଷ୍ଣ ଗୁରୁଣ୍ଡି ଗୁରୁଣ୍ଡି ଗୋଟିଏ ଘୋଡାର ବେଲ୍ଟକୁ ଧରି ଘୋଡା ଉପରକୁ ଉଠିବାକୁ ଚେଷ୍ଟା କରୁଥିଲେ। ଏହି ଦୃଶ୍ୟ ପିତା ଚାନ୍ଦ ରାଜଗୁରୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ସେହିଦିନଠାରୁ ସେ ଘୋଡା ଉପରେ ଖେଳୁଥିବା ଦେଖାଯାଉଥିଲା। ପିଲାଦିନରୁ ଏହି ସାହାସ ତାଙ୍କର ଜଣାପଡୁଥିଲା। ନଅବର୍ଷରେ ଜୟୀକୃଷ୍ଣଙ୍କର ବ୍ରତୋପନୟନ, ପରେ ସଂସ୍କୃତ ଟୋଲ୍‌ରେ ବାଲ୍ୟଶିକ୍ଷା ଗ୍ରହଣ କରିଥିଲେ। ସେ ଗୋବର୍ଦ୍ଧନ ପୀଠ ଓ ଏମାର ମଠରୁ ଧର୍ମଶାସ୍ତ୍ର, ନୀତିଶାସ୍ତ୍ର ଶିକ୍ଷା କରିଥିଲେ। ସେ ମଲ୍ଲଯୁଦ୍ଧ, ତରବାରି ଚାଳନା, କୁସ୍ତି ପ୍ରଭୃତି ପାଇକ ଆଖଡାରୁ ଶିକ୍ଷା କରିଥିଲେ। ପିତାଙ୍କ ମୃତ୍ୟୁ ପରେ ଜୟକୃଷ୍ଣ ବିବାହ କରିନଥିଲେ। କାଶୀରେ ଜୟକୃଷ୍ଣ ଜଣେ ସାଧକଙ୍କଠାରୁ 'ଦଶ ମହାବିଦ୍ୟା' ଓ 'ଧୂମାବତୀ' ସାଧନା ଶିକ୍ଷା କରି ସିଦ୍ଧି ଲାଭ କରିଥିଲେ। ଖୋର୍ଦ୍ଧା ରାଜାଙ୍କର ରାଜଗୁରୁ ତଥା ପ୍ରଧାନମନ୍ତ୍ରୀ ଭାବେ ଯୋଗଦେଲେ। ମା'ଙ୍କ ଉପଦେଶରେ ସେ ଦେଶ, ଜଣ ଓ ଲୋକମାନଙ୍କର ସେବା କରିବାକୁ ଶପଥ ନେଲେ। ୧୭୯୦ ମସିହାରେ ପ୍ରଥମ ଦିବ୍ୟସିଂହ ଦେବଙ୍କ ମୃତ୍ୟୁ ପରେ ତାଙ୍କର ଭାଇ ଶ୍ୟାମସୁନ୍ଦର ଦେବ ଇଂରେଜ ମାନଙ୍କ ସହାୟତାରେ ସିଂହାସନରେ ବସିବାକୁ ଚେଷ୍ଟା କଲେ। ମାତ୍ର ଜୟୀକୃଷ୍ଣ ଦିବ୍ୟସିଂହ ଦେବଙ୍କ ନାବାଳକ ପୁତ୍ର ଦ୍ୱିତୀୟ ମୁକୁନ୍ଦ ଦେବଙ୍କୁ ରାଜସିଂହାସନରେ ଅଭିଷିକ୍ତ କରାଇଥିଲେ। ଜୟୀ ରାଜଗୁରୁ ଡମପଡା ଆକ୍ରମଣ କରି ବାଙ୍କି ରାଜାଙ୍କ ଭାଇ ବାସୁଦେବ ଭ୍ରମରବରଙ୍କୁ ମାରି ଡମପଡା ଦଖଲ କଲେ। ଏହି ସମୟ ମଧ୍ୟରେ ବ୍ରିଟିଶ ଶାସକମାନେ ବଙ୍ଗଳା ଓ ମାନ୍ଦ୍ରାଜ ଅଧିକାର କରିସାରିଥାନ୍ତି। ଇଂରେଜମାନେ ମରହଟ୍ଟାମାନଙ୍କୁ ବିଦା କରି ଓଡିଶାକୁ ଦଖଲ କରିବାକୁ ଯୋଜନା ପ୍ରସ୍ତୁତ କଲେ। ଇଂରେଜ ସେନାଧକ୍ଷ କର୍ଣ୍ଣେଲ ହାର୍‌କୋଟ ଖୋର୍ଦ୍ଧା ରାଜାଙ୍କୁ ଏକ ପ୍ରସ୍ତାବ ଦେଲେ, ଯଦି ସେ ମରହଟ୍ଟାମାନଙ୍କୁ ସାହାଯ୍ୟ ନଦେଇ ଇଂରେଜମାନଙ୍କୁ ସାହାଯ୍ୟ କରିବେ ତେବେ ଓଡିଶା ଅଧିକାର ପରେ ଏକ ଲକ୍ଷ ଟଙ୍କା ଓ ସେ ହରାଇଥିବା ଚାରୋଟି ପ୍ରଗଣା ରାହାଙ୍ଗ, ସରାଇ, ଚବିଶକୁଦ, ଲେମ୍ବାଇକୁ ତାଙ୍କୁ ଫେରସ୍ତ ମିଳିବ। ତେଣୁ ରାଜା ଉକ୍ତ ପ୍ରସ୍ତାବରେ ସମ୍ମତି ପ୍ରଦାନ କଲେ। ପ୍ରଥମ କିସ୍ତି ସ୍ୱରୂପ ଇଂରେଜମାନେ ରାଜଙ୍କ ନିକଟକୁ ଟ.୧୦,୦୦୦ ପଠାଇଥିଲେ। କର୍ଣ୍ଣେଲ ହାର୍‌କୋର୍ଟ ୧୮୦୩ ମସିହା ସେପ୍ଟେମ୍ବର ମାସରେ ଓଡିଶା ଆସିଲେ। ମରହଟ୍ଟା ମାନଙ୍କ ତରଫରୁ ନିଯୁକ୍ତ ଫତେ ମହମ୍ମଦଙ୍କ ଦ୍ୱାରା ଇଂରେଜମାନେ ପୁରୀରେ ପହଞ୍ଚି ମରହଟ୍ଟା ସୈନ୍ୟମାନଙ୍କୁ ବଶୀଭୂତ କରି ପୁରୀ ଦଖଲ କଲେ। ପୁରୀ ଜଗନ୍ନାଥ ମନ୍ଦିରର ଦାୟିତ୍ୱ ହିନ୍ଦୁ ସିପାହୀମାନଙ୍କ ହାତରେ ଦେଇ କର୍ଣ୍ଣେଲ ହାର୍‌କୋର୍ଟ କଟକ ଯାତ୍ରା କରିବା ବାଟରେ ଅହମ୍ମଦପୁର ଓ ଦାଣ୍ଡମୁକୁନ୍ଦପୁରରେ ମରହଟ୍ଟା ମାନଙ୍କ ସହିତ ଯୁଦ୍ଧ କରି ତାଙ୍କୁ ପରାସ୍ତ କଲେ। କର୍ଣ୍ଣେଲ ହାର୍‌କୋର୍ଟ ବାରଙ୍ଗ ଦେଇ କଟକରେ ପହଁଚି ଅକ୍ଟୋବର ମାସ ୮ ତାରିଖରୁ ୧୪ ତାରିଖ ମଧ୍ୟରେ ମରହଟ୍ଟା ମାନଙ୍କୁ ପରାସ୍ତ କରି ବାରବାଟୀ ଦୁର୍ଗ ଦଖଲ କଲେ। ଓଡିଶା ଅଧିକାର ପରେ ଇଂରେଜମାନେ ଚାରୋଟି ପ୍ରଗଣା ଖୋର୍ଦ୍ଧା ରାଜାଙ୍କୁ ଦେବାକୁ ରାଜି ହେଲେ ନାହିଁ। କେବଳ ଜୟ ରାଜଗୁରୁଙ୍କୁ ପ୍ରାପ୍ୟ ନବେ ହଜାରରୁ ଚାଳିଶ ହଜାର ଟଙ୍କା ଦେଇଥିଲେ। ଇଂରେଜମାନଙ୍କର କୌଣସି ଚୁକ୍ତିପତ୍ରରେ ରାଜା ଓ ଜୟରାଜଗୁରୁ ସ୍ୱାକ୍ଷର ଦେଲେ ନାହିଁ କି ଇଂରେଜମାନଙ୍କ ଆଦେଶ ମାନିଲେନାହିଁ। କିନ୍ତୁ ଦ୍ୱିତୀୟ ମୁକୁନ୍ଦ ଦେବ ୧୮୦୪ ମସିହା ଅଗଷ୍ଟ ମାସ ୨ ତାରିଖରେ ଚୁକ୍ତି ପତ୍ରରେ ସ୍ୱାକ୍ଷର ଦେଲେ। ରାଜା ଇଂରେଜମାନଙ୍କୁ ରାଜସ୍ୱ ଦେଲେ ନାହିଁ, ଫଳସ୍ୱରୂପ ଇଂରେଜମାନେ ଜୟ ରାଜଗୁରୁଙ୍କୁ ଦାୟୀ କରି ତାଙ୍କୁ ରାଜଗୁରୁ ପଦରୁ ହଟାଇବା ପାଇଁ ଚକ୍ରାନ୍ତ କରି ଗୋଲାମ ଅମିନ ନାମକ କର୍ମଚାରୀଙ୍କୁ ପରାମର୍ଶଦାତା ଭାବେ ଏକତରଫା ନିଯୁକ୍ତ ଦେଇ ରାଜ ଦରବାରକୁ ପଠାଇଲେ।

ଜୟୀ ରାଜଗୁରୁ ଇଂରେଜମାନଙ୍କର ଚକ୍ରାନ୍ତ ବୁଝିପାରି ମାତୃଭୂମିର ସୁରକ୍ଷା ପାଇଁ ଇଂରେଜ ମାନଙ୍କ ବିରୁଦ୍ଧରେ ଯୁଦ୍ଧ ପାଇଁ ରାଜାଙ୍କର ଅନୁମତି ଲୋଡିଲେ। ରାଜାଙ୍କ ଅନୁମତି ପରେ ଜୟ ରାଜଗୁରୁ କୁଜଙ୍ଗ, କନିକା, ଖୋରଧା ମଧ୍ୟରେ ଏକ ତ୍ରିପାକ୍ଷିକ ମେଣ୍ଟ ଗଠିତ କଲେ। ଏଥିରେ ହରିଶପୁର, ମରିଚପୁର ଓ ବିଷ୍ଣୁପୁରର ଜମିଦାରମମାନେ ଯୋଗଦେଲେ। କୁଜଙ୍ଗର ଦୁର୍ଦ୍ଦଶ ନୌବାହିନୀର ସୈନ୍ୟମାନେ ନିଜର ମାତୃଭୂମିକୁ ରକ୍ଷା କରିବା ପାଇଁ କୌଣସି ବିଦେଶୀମାନଙ୍କୁ କଳିଙ୍ଗ ସାଗର (ବଙ୍ଗୋପସାଗର) ରେ ପୂରାଇ ଦେଉନଥିଲେ। ଏହି ମାତୃଭକ୍ତ କୁଜଙ୍ଗବାସୀ ବହୁ ସଂଖ୍ୟାରେ ଜୟ ରାଜଗୁରୁଙ୍କ ସୈନ୍ୟବାହିନୀରେ ଯୋଗଦେଲେ। ପ୍ରଥମେ ଜୟ ରାଜଗୁରୁ ଇଂରେଜମାନଙ୍କୁ ହଟାଇବାକୁ ସୈନ୍ୟ ସଂଖ୍ୟା ବୃଦ୍ଧି କଲେ। ତାପରେ ପାଇକମାନଙ୍କୁ ଯୁଦ୍ଧ ବିଦ୍ୟା ଶିକ୍ଷା ଦେବାପାଇଁ ମରହଟ୍ଟା ସର୍ଦ୍ଦାରମାନଙ୍କୁ ନିଯୁକ୍ତି କରାଗଲା। ଇଂରେଜମାନଙ୍କଠାରୁ ଆଣିଥିବା ୪୦ ହଜାର ଟଙ୍କାରେ ରାଜ୍ୟ ସୁରକ୍ଷା ପାଇଁ ରାସ୍ତାଘାଟ ମରାମତି କରାଇଲେ ଓ ବାକି ଟଙ୍କାରେ ପାଇକମାନଙ୍କ ପାଉଣା ବାବଦରେ ଖର୍ଚ୍ଚକଲେ। ଖୋରଧା ଦୁର୍ଗର ବାହାର ଓ ଭିତର ପଟେ ସୈନ୍ୟ, ତୋପ ରହିବାର ବ୍ୟବସ୍ଥା କଲେ। ପ୍ରତି ଘାଟି ଜାଗା ଯଥା ଡେଲାଙ୍ଗ, ତରଡୁଆ, ଗଙ୍ଗପଡା ପ୍ରଭୃତି ବିଭିନ୍ନ ସ୍ଥାନରେ ପାଇକ ବାହିନୀ ମୃତୟନ କଲେ। ଜୟ ରାଜଗୁରୁ ନିଜର ବାସଭବନଟିକୁ ବନ୍ଧା ଦେଇ ତା ବଦଳରେ ଏକ ଘୋଡ କିଣି ସେହି ଘୋଡାରେ ନାଗପୁର ଯାଇ ରଘୁଜୀ ଭୋନ୍‌ସଲାଙ୍କୁ ଭେଟିଲେ ଫଳରେ ଖୋରଧା ରାଜା ଓ ରଘୁଜୀ ଭୋନ୍‌ସଲାଙ୍କ ମଧ୍ୟରେ ଏକ ସାମ୍ମୁଖ୍ୟ ଗଠନ ପାଇଁ ବୁଝାବଣା ହୋଇଥିଲା। ଏହାପରେ ଜୟୀ ରାଜଗୁରୁ ଇଂରେଜମାନଙ୍କ ଅଧିକୃତ ଅଞ୍ଚଳରେ ରାଜାଙ୍କ କର୍ତ୍ତୃତ୍ୱ ବିସ୍ତାର କରି ଖଜଣା ଆଦାୟ କଲେ। ୧୮୦୪ ମସିହାରେ ଅକ୍ଟୋବର ମାସରେ ପାଇକମାନେ ପିପିଲିର ବହୁ ଇଂରେଜ ଅଧିନ ଗ୍ରାମ ଆକ୍ରମଣ କରି କ୍ଷୟକ୍ଷତି ଘଟାଇଲେ। ଇଂରେଜମାନେ ମହାନଦୀ ପଠାରେ ସୈନ୍ୟମାନଙ୍କ ସମରାଭ୍ୟାସ କରୁଥିଲେ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

# ସିଓ୍ୱା ଅନୁଷ୍ଠାନ ପକ୍ଷରୁ ସାଇକେଲ ସଚେତନତା ଶୋଭାଯାତ୍ରା

ଜୟପୁର, ୦୫/୧୧ (ନି.ପ୍ର): ସ୍ୱେଚ୍ଛାସେବୀ ଅନୁଷ୍ଠନ ସିଓ୍ୱା ର ରଜତ ଜୟନ୍ତୀ ପାଳନ ଅବସରରେ ପରିବେଶ ସୁରକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ପାଇଁ ସିଟି ଉଚ୍ଚ ବିଦ୍ୟାଳୟ, ମଡର୍ନ ଇଂରାଜୀ ବିଦ୍ୟାଳୟ ଓ ନାରାୟଣୀ ଇଂରାଜୀ ବିଦ୍ୟାଳୟ ଓ ବିକ୍ରମ ଦେବ କଲେଜ, ସରକାରୀ ମହିଳା ମହାବିଦ୍ୟାଳୟ ରୁ ୧୫୦ ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ, ସୀଓ୍ୱା ର ସଭ୍ୟ ଓ ବରିଷ୍ଠ ନାଗରିକ ମାନଙ୍କୁ ନେଇ ଏକ ସାଇକଲ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା । ଯାହାକି ଜୟପୁର ରାଜା ନଗର ଛକରୁ ଆରମ୍ଭ ହୋଇ ଜୟପୁର ସହରର ପ୍ରତ୍ୟେକ ସାହି ଦେଇ ଜୟନଗର ପାର୍କରେ ପହଂଚିଥିଲେ । ଏହି ଶୋଭାଯାତ୍ରାକୁ ବରିଷ୍ଠ ନାଗରିକ ତାରିଣୀ ଦାଶ ଓ ଶ୍ରୀ କେ.ଭି. ରମଣ ଉଦ୍ଘାଟନ କରିଥିଲେ । ଆଜିର ଏହି କାର୍ଯକ୍ରମକୁ ସିଓ୍ୱା ସଭ୍ୟ କେ.ମୋହନ ରାଓ ନେତୃତ୍ୱ ନେଇଥିଲେ ଓ ଏଥିରେ ସମ୍ପାଦକ ପ୍ରତାପ ପଟ୍ଟନାୟକ, ଉପ ସଭାପତି ସୁଧାକର ପଟ୍ଟନାୟକ, ସହ ସଂପାଦକ ସୌମ୍ୟ ଦଳାଇ, ଅନ୍ୟ ସଭ୍ୟ ମୁରଲି ପଟ୍ଟନାୟକ, ପ୍ରଦୀପ୍ତ ସାହୁ, ରଞ୍ଜିତ ନାୟକ, ପିଲୁ ଦାଶ, ନଳିନୀ କୁମାର, ପ୍ରମୋଦ କୁମାର ରାଉଳ, ଅଶୋକ ଚୌଧୁରୀ, ଲୁଲୁ, ପିଙ୍କୁ ଓ ଅନ୍ୟମାନଙ୍କ ମଧ୍ୟରେ ହିମାଂଶୁ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ପରିବେଶ ସୁରକ୍ଷା ଆମର ଦୀକ୍ଷା, ଗଛ ଲଗାନ୍ତୁ, ପରିବେଶ ବଂଚାନ୍ତୁ, ସାଇକଲ ଚଳାନ୍ତୁ ସୁସ୍ଥ ରୁହନ୍ତୁ ଆଦି ସ୍ଲୋଗାନ ଦେଇ ଲୋକମାନଙ୍କୁ ସଚେତନ କରିଥିଲେ ।

# ଜିଲ୍ଲାପାଳଙ୍କୁ ଫିଫା ବିଶ୍ୱକପ ଲୋଗୋ ଓ ଫୁଟବଲ ପ୍ରଦାନ

କେନ୍ଦ୍ରାପଡ଼ା, ୦୫/୧୧ (ନି.ପ୍ର): ଫିଫା ବିଶ୍ୱାକପ ୨୦୨୨ ର ଲୋଗୋ ଏବଂ ଫୁଟବଲ କେନ୍ଦ୍ରାପଡା ସହର ସ୍ଥିତ ଆଇ.ଆଇ.ଏଚ୍.ଏମ୍ ର ପୂର୍ବତନ ଛାତ୍ର ଏଥିରେ ଅଂଶ ଗ୍ରହଣ କରିଥିବାରୁ କେନ୍ଦ୍ରାପଡା ଜିଲ୍ଲାକୁ କ୍ରୀଡା କ୍ଷେତ୍ରରେ ଅଗକୁ ନେବାପାଇଁ ସର୍ବଦା ପ୍ରଚେଷ୍ଟା ଜାରି ରହିଛି । ଜିଲ୍ଲାପାଳଙ୍କର ଏଥିରେ ବହୁ ଅବଦାନ ଥିବାରୁ ଅନୁଷ୍ଠାନ ପକ୍ଷରୁ ଏହି ଉପଲକ୍ଷେ ଫିଫା ବିଶ୍ୱାକପ ୨୦୨୨ ର ଲୋଗୋ ଏବଂ ଏକ ଫୁଟବଲ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ଶତାଧିକ କ୍ରୀଡାବିତ୍ ଏବଂ ଆଜାଦ୍ କ୍ଲବର ପୂର୍ବତନ ଖେଳାଳୀ ସେକ ଲିଆକତ ଅଲ୍ଲୀ, ସେକ ସାହାବୁଲା, ମିର ବକାଉଲ୍ଲା, ଟୀକା ଖାନ, ଅନିସୁର ରହେମାନ, ଜିଲ୍ଲା ଫୁଟବଲ ଆସୋସିଏସନ ସଭାପତି ଦିଲସାଦ ଅଲ୍ଲୀ, କାର୍ଯ୍ୟକାରୀ ସଭାପତି ମହମ୍ମଦ ଅମୀର, ସଂପାଦକ ତାପସ କୁମାର ପାଢୀ, ସେକ ନସିମୁଦ୍ଦିନ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଭେଟି ଫିଫା ବିଶ୍ୱାକପ ୨୦୨୨ ର ଲୋଗୋ ଏବଂ ଫୁଟବଲ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ଖେଳାଳୀ ଏବଂ ବିଶିଷ୍ଟ ବ୍ୟକତି ଯୋଗ ଦେଇଥିଲେ ।

# ଜିଲ୍ଲା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଓ ସ୍ୱାସ୍ଥ୍ୟ ପରିଦର୍ଶକ ମିଳିତ ମହାସଂଘ ତରଫରୁ ସାମ୍ବାଦିକ ସମ୍ମିଳନୀ

ମାଲକାନଗିରି, ୦୫/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଓ ସ୍ୱାସ୍ଥ୍ୟ ପରିଦର୍ଶକ ମିଳିତ ମହାସଂଘ ତରଫରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସ୍ୱାସ୍ଥ୍ୟକର୍ମୀମାନେ ଅଭିଯୋଗ କରିଛନ୍ତି ଯେ ପ୍ରତ୍ୟେକ ସରକାରୀ କର୍ମଚାରୀ ନିଜର ଚାକିରି କାର୍ଯ୍ୟକାଳ ମଧ୍ୟରେ ୪ରୁ ୮ଟି ପଦୋନ୍ନତି ପାଉଥିବା ବେଳେ ଏହି ବହୁମୁଖୀ ସ୍ୱାସ୍ଥ୍ୟକର୍ମୀମାନେ ମାତ୍ର ଗୋଟିଏ ପଦୋନ୍ନତି ପାଇଛନ୍ତି । କେହି ବିନା ପଦୋନ୍ନତିରେ ଚାକିରିରୁ ଅବସର ଗ୍ରହଣ କରିଛନ୍ତି । ବାରମ୍ବାର ରାଜ୍ୟ କର୍ମକର୍ତା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରାଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ ଏହାର କୌଣସି ସୁଫଳ ମିଳିପାରି ନାହିଁ । ଏହା ମଧ୍ୟରେ ସ୍ୱାସ୍ଥ୍ୟ ବିଭାଗ ଅଧୀନରେ କାର୍ଯ୍ୟରତ ଥିବା ସମସ୍ତ କର୍ମଚାରୀଙ୍କ କ୍ୟାଡର ପୁନର୍ଗଠିତ ହୋଇଥିଲେ ମଧ ଆମେ ସେହି ଅବହେଳିତ ଅବସ୍ଥାରେ ରହିଥିବା ଏମାନେ ଅଭିଯୋଗ କରିଛନ୍ତି । ଏହି ମିଳିତ ମହାସଂଘ ୫ ଦଫା ଦାବି ସରକାରଙ୍କ ନିକଟରେ ରଖିଛନ୍ତି । ସେଗୁଡିକ ମଧ୍ୟରୁ ବହୁ ମୁଖୀ ସ୍ୱାସ୍ଥ୍ୟକର୍ମୀଙ୍କୁ ଚାକିରି କାଳ ମଧ୍ୟରେ ୪ ଥର ପଦୋନ୍ନତି ଦିଆଯାଉ । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୨୦୨୦ ନଭେମ୍ବର ୩ରେ ପ୍ରକାଶିତ ବିଜ୍ଞପ୍ତିକୁ ପ୍ରତ୍ୟାହାର କରି ଅର୍ଥ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଗ୍ରେଡ ପେ ୪୨୦୦-୪୬୦୦-୪୮୦୦ ଆରଏସିପି ଆକାରରେ ପ୍ରଦାନ କରାଯାଉ । ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀ ଓ ବହୁମୁଖୀ ପରିଦର୍ଶକ ପଦବୀର ନାମକୁ ପରିବର୍ତନ କରାଯାଉ । ପୋଷାକ ଭତା ଆକାରରେ ବାର୍ଷିକ ୫ ହଜାର ଟଂକା ପ୍ରଦାନ କରାଯାଉ । ତେବେ ଏହି ଦାବିଗୁଡିକ ପୂରଣ କରାନଗଲେ ଆସନ୍ତା ଡିସେମ୍ବର ୧୪ ତାରିଖରୁ ଅସହଯୋଗ କରାଯିବା ସହ ଡିସେମ୍ବର ୨୧ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବା ନେଇ ମିଳିତ ମହାସଂଘ ଚେତାବନୀ ଦେଇଛି । ଏହି ପରିପ୍ରେକ୍ଷୀରେ ଏକ କମିଟି ଗଠନ କରାଯାଇଛି । ଏହି କମିଟିରେ ଅଧକ୍ଷ ଭାବେ ଭାଗିରଥୀ ବେହେରା, ସଭାପତି ଭାବେ ହେମନ୍ତ ବରାଡ, ଉପସଭାପତି ଭାବେ ନିରୂପମା ନାୟକ, କାର୍ଯ୍ୟକାରୀ ସଭାପତି ଭାବେ ଆରତୀ ବେହେରା, ସଂପାଦକ ଭାବେ ପ୍ରଦୀପ କୁମାର ସରକାର, ସହ ସଂପାଦକ ଭାବେ ଅମୀୟ ମହାନ୍ତି, କୋଷାଧକ୍ଷ ଭାବେ ସଂତୋଷ ଗୌଡ, ଯୋଗାଯୋଗ ସଂପାଦକ ଭାବେ ଶୈସ୍ଥବ ମହାପାତ୍ରଙ୍କ ମନୋନୀତ କରାଯାଇଥିଲା ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୀତା ଜୟନ୍ତୀ ପାଳନ

ବଲାଙ୍ଗୀର, ୦୫/୧୧ (ନି.ପ୍ର): ଶ୍ରୀମଦ ଭଗବତ ଗୀତା ଜ୍ଞାନ ଜୀବନାଭିମୁଖୀ କରିବା ପାଇଁ ତଥା ସଂସ୍କୃତ ଭାଷାର ପ୍ରଚାର ପ୍ରସାର ନିମନ୍ତେ ଜନଜାଗରଣ ସୃଷ୍ଟି କରିବା ପାଇଁ ସଂସ୍କୃତଭାରତୀ, ବଲାଙ୍ଗୀର ଦ୍ୱାରା ଜିଲ୍ଲା ସ୍ତରୀୟ ଗୀତା ଜୟନ୍ତୀ ସମାରୋହ ରବିବାର ଦିନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କଲେଜ ଛକ, ବଲାଙ୍ଗୀର ଠାରେ ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଆୟୁର୍ବେଦ ମହାବିଦ୍ୟାଳୟର ଅଧକ୍ଷ ପ୍ର. ଅରୁଣ କୁମାର ଦାଶ, ସାରସ୍ୱତ ଅତିଥି ଭାବେ ବଲାଙ୍ଗୀର ଓଏଭି ର ନୋଡାଲ ପ୍ରିନ୍ସିପାଲ କ୍ଷମାନିଧୀ ଝାଙ୍କର, ସମ୍ମାନିତ ଅତିଥି ଭାବେ ବଜରଙ୍ଗ ଦଳର ବଲାଙ୍ଗୀର ଜିଲ୍ଲା ସଂଯୋଜକ ସ୍ୱୋମ୍ୟରଞ୍ଜନ ମିଶ୍ର, ସଂସ୍କୃତ ବିଦ୍ୱାନ ଟିକେଶ୍ୱର ଗୁରୁ, ଡିଏଭି ଟିଟିଲାଗଡ଼ର ସଂସ୍କୃତ ଅଧ୍ୟାପିକା ଦିଲେଶ୍ୱରୀ ମେହେର ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଗୀତା ଜୟନ୍ତୀ ଉପଲକ୍ଷେ ଉଦବୋଧନ ଦେଇଥିଲେ । ଏଥିରେ ଉଦ୍ଦେଶ୍ୟ ଜ୍ଞାପନ କଲେ ପ୍ରାନ୍ତ ସମ୍ପାଦକ ତଥା ମହିଳା ମହାବିଦ୍ୟାଳୟର ସଂସ୍କୃତ ଅଧାପକ ଅଜିତ କୁମାର ପଣ୍ଡା, ମଙ୍ଗଳାଚରଣ ଚନ୍ଦନଭାଟି ହାଇସ୍କୁଲର ଇଂରାଜୀ ଶିକ୍ଷକ ଡଃ. ସତ୍ୟବ୍ରତ ମିଶ୍ର, ଗୀତା ଧ୍ୟାନ କଲେ ରାଜବଲ୍ଲଭ ପଣ୍ଡା, ଧନ୍ୟବାଦ ଅର୍ପଣ ଦିବ୍ୟ ଥନାପତି କରିଥିଲେ । ସଂସ୍କୃତ ଭାରତୀ, ବଲାଙ୍ଗୀର ଜିଲ୍ଲା ସଂଯୋଜକ ତଥା ଓଏଭି ପଥରଚେପାର ସଂସ୍କୃତ ଶିକ୍ଷକ ଶେଷଦେବ ମିଶ୍ର ମଂଚ ସଂଚାଳନ ତଥା ଛାତ୍ରଛାତ୍ରୀ ମାନଙ୍କ ପାଇଁ ଗୀତା ଶ୍ଳୋକ ବ୍ୟାଖ୍ୟାନ, ନିବନ୍ଧ,ଭାଷଣ ଏବଂ ଗୀତା ଜ୍ଞାନ ପରୀକ୍ଷା ଆଦି ପ୍ରତିଯୋଗିତାର ଆୟୋଜନ କରିଥିଲେ । ଏଥିରେ ନିର୍ଣ୍ଣାୟକ ରୂପେ ହିରାକାନ୍ତୀ ମାଝୀ, ନନ୍ଦଲାଲ ଭୋଇ ଏବଂ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନର ସଂସ୍କୃତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ ।

# ସତ କହି ଫସିଲେ କର୍ମଚାରୀ : ଶେଷରେ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହେଲେ ଦିବ୍ୟାଙ୍ଗ କର୍ମଚାରୀ

କୋରାଇ, ୦୫/୧୧ (ନି.ପ୍ର): ଅର୍ଥ ବାଟମାରଣାକୁ ନେଇ ପ୍ରତିବାଦ କରିବା ମହଙ୍ଗା ପଡିଲା ଚର୍ତୁଥି ଶ୍ରେଣୀ କର୍ମଚାରୀଙ୍କୁ । ପ୍ରତିବାଦ କରିବାର ଫଳରେ ପରିଣାମ ଚାକିରୀରୁ ବିଦାୟ । ଶେଷରେ ଥାନା ଦ୍ୱାରା ନ୍ୟାୟ ନପାଇ ଜିଲ୍ଲା ଆରକ୍ଷ୍ ଅଧିକ୍ଷକଙ୍କ ଦ୍ୱାରାସ୍ଥ ହୋଇଛନ୍ତି ଜଣେ ଦିବ୍ୟାଙ୍ଗ କର୍ମଚାରୀ । ପ୍ରତିଶୃତି ମିଳିଛି ନ୍ୟାୟ ମିଳିବ । ପ୍ରକାଶଯେ ଯାଜପୁର ଥାନା ଅନ୍ତର୍ଗତ ଚିତାଳୋ ମହାବିଦ୍ୟାଳୟର +୩ ବିଭାଗରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ ଦିବ୍ୟାଙ୍ଗ ବଳରାମ ଯେନା କାର୍ଯ୍ୟ କରନ୍ତି । ହରିଜନ ଆଦିବାସୀ ଛାତ୍ର /ଛାତ୍ରୀ ମାନଙ୍କ ପାଇଁ ଥିବା ସରକାରୀ ସୁବିଧାକୁ ହଡପ କରାଯାଉଥିବା ବେଳେ ଏହାର ପ୍ରତିବାଦ କରିଥିଲେ ବଳରାମ । ଯାହାର ଫଳ ସ୍ୱରୂପ ତାଙ୍କୁ ଜାତିଆଣା ଆକ୍ଷେପ ସହ ଚାକିରିରୁ ବିଦା କରିବାକୁ ମିଳିଛି ଧମକ । ଏନେଇ ଯାଜପୁର ଥାନାରେ ଅଭିଯୋଗ ପରେ ପୁଲିସ କାର୍ଯ୍ୟାନୁଷ୍ଠାନ ନହେବାରୁ ପାଣିକୋଇଲିସ୍ଥିତ ଯାଜପୁର ଆରକ୍ଷ୍ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ପହଂଚି ନ୍ୟାୟ ଭିକ୍ଷା କରିଛନ୍ତି ବଳରାମ । ବଳରାମ ଦୀର୍ଘ ୮ ବର୍ଷ ଧରି ଚିତାଳ ମହାବିଦ୍ୟାଳୟରେ ୪ର୍ଥ ଶ୍ରେଣୀ କର୍ମଚାରିଭାବେ କାର୍ଯ୍ୟରତ । ଗତ ୧ତାରିଖ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଦୈତ୍ୟ ପ୍ରସାଦ ମଲ୍ଲିକ ବଳରାମକୁ ଅଫିସକୁ ଡାକି କାଲି ଠାରୁ ଆଉ କଲେଜ ଆସିବୁ ନାହିଁ ବୋଲି କହିଥିଲେ । ଜଣେ ଦିବ୍ୟାଙ୍ଗକୁ ଚାକିରିରୁ ବାହାର କଲେ ସେ କଣ କରିବ ବୋଲି ଗୁହାରୀ କରିଥିଲେ ବଳରାମ । ହେଲେ ସେଠରେ ଉପସ୍ଥିତ ଥିବା ନିଶିକାନ୍ତ ରାୟ ନାମକ ଜଣେ କର୍ମଚାରି ତାଙ୍କୁ ଧମକ ଦେଇଥିଲେ । ୨ ତାରିଖ ବଳରାମ କଲେଜକୁ ଅସିବାରୁ ନିଶିକାନ୍ତ ତାଙ୍କୁ ଜାତିଆଣା ଆକ୍ଷେପ କରିବା ସହ କଲେଜରୁ ଆଗରୁ ଅନେକଙ୍କୁ ବାହାର କରିଛି ତତେ ମଧ୍ୟ ବାହାର କରିବି କହି ଧମକ ଦେଇଥିଲେ । ଏନେଇ ଥାନାର ଦ୍ୱାରସ୍ଥ ହୋଇଥିଲେ ବଳରାମ । ହେଲେ କାର୍ଯ୍ୟାନୁଷ୍ଠାନ ନହେବାରୁ ଆଜି ନିଜର ଗୁହାରୀ ଜଣାଇଛନ୍ତି ଏସପିଙ୍କୁ । ତ୍ୱରୀତ କାର୍ଯ୍ୟାନୁଷ୍ଠାନ କରାଯିବାକୁ ପ୍ରତିଶୃତି ମିଳିଛି ବଳରାମଙ୍କୁ । ଆଗକୁ କଣ ଘଟୁଛି ତାହା କେବଳ ଦେଖିବାକୁ ବାକି ରହିଲା ।

# ଜିଲ୍ଲା ଯାଦବ ମହାସଭାର କାର୍ଯ୍ୟ କାରିଣୀ ବୈଠକ

ଜୟପୁର, ୦୫/୧୧ (ନି.ପ୍ର): କୋରାପୁଟ ଜିଲ୍ଲା ଯାଦବ ମହାସଭାର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଆଜି ସ୍ଥାନୀୟ ଯାଦବ ଭବନରେ ଆୟୋଜିତ ହୋଇଯାଇଛି । ଜିଲ୍ଲା ସଭାପତି ମଦନମୋହନ ନାୟକଙ୍କ ପୌରୋହିତ୍ୱରେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ପ୍ରଦୀପ ବେହେରା ଯୋଗ ଦେଇ ଯାଦବ ଜାତି ଗଣନା ଆରମ୍ଭ କରିବା ନେଇ ପରାମର୍ଶ ଦେଇଥିଲେ । ଉତ୍କଳ ଯାଦବ ମହାସଭା ପକ୍ଷରୁ ରାଜ୍ୟ ସାରା ଏହି ଗଣନା ଆରମ୍ଭ ହୋଇଥିବା କହିଥିବା ବେଳେ ପ୍ରତି ବ୍ଲକରେ କମିଟି ଗଠନ ପ୍ରକ୍ରିୟା ଚାଲିଥିବା ଜଣାଇଥିଲେ । ଆସନ୍ତା ୨ ମାସ ମଧ୍ୟରେ କୋରାପୁଟ ଜିଲ୍ଲାର ସମସ୍ତ ବ୍ଲକରେ କମିଟି ଗଠନ ନେଇ ନିଷ୍ପତି ହୋଇଥିଲା । ଅନ୍ୟତମ ଅତିଥିଭାବେ ଜିଲ୍ଲା ପର୍ଯ୍ୟବେକ୍ଷକ ଅମିତ ନାୟକ ଯୋଗ ଦେଇଥିବା ବେଳେ ଜିଲ୍ଲା ସାଧାରଣ ସମ୍ପାଦକ ରାଜେନ୍ଦ୍ର କୁମାର ଗୌଡ଼ ବିବରଣୀ ପାଠ କରିଥିଲେ । ବୈଠକରେ ବୁଲୁ ଗୌଡ଼ଙ୍କୁ ସର୍ବ ସମ୍ମତି କ୍ରମେ ଜିଲ୍ଲା କାର୍ଯ୍ୟକାରି ସଭାପତି ଭାବେ ମନୋନୀତ କରାଯାଇଥିବା ବେଳେ ରାଧ ମୋହନ ଗୌଡ଼ଙ୍କୁ ଜୟପୁର ଟାଉନ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ଏଥିରେ ଜିଲ୍ଲା ମହିଳା ସଭାପତି ଭାନୁମତି ପୂଜାରୀ, ଯୁବ ସଭାପତି ନରେଶ ମହାକୁଳ, ଗୋବର୍ଦ୍ଧନ ବୈରାଗୀ, ଅଜୁ ଗୌଡ଼, ପଦଲମ ଗୌଡ଼, ତୁଳସିରାମ ଗୌଡ଼, ହର ଗୌଡ଼, ପର୍ଶୁ ବୈରାଗୀ, ପଦ୍ମନ ଗୌଡ଼, ଜୟପୁର ବ୍ଲକ ସଭାପତି ହରିହର ପୂଜାରୀ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ନିର୍ମଳ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜୟପୁର ପରଜା ସମାଜର ବୈଠକ

ଜୟପୁର, ୦୫/୧୧ (ନି.ପ୍ର): ଜୟପୁର ମୁନିସିପାଲଟି ପରଜା ସମାଜ ଆନୁକୁଲ୍ୟରେ ଦିଆଲି ପରବ ଭେଟ ଘାଟ କାଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ପୁବ ନିଷ୍ପତି ଅନୁସାରେ ଜୟପୁର ମୁନିସିପାଲଟିର ୨୮ ଓାର୍ଡରେ ପରଜା ସମାଜର ସାସ୍କୃତିକ ଭବନ କରିବା ଲକ୍ଷ୍ୟ ନେଇ କୁମ୍ଭାର ସାହି ଓାର୍ଡ ୧୭ ର ପରଜା ସମାଜର ସାଂସ୍କୃତିକ ଭବନ କରିବା ପାଇଁ ଏକ ଭୁମି ପୁଜନ କରାଗଲା । ନୁତନ ଓାର୍ଡ କର୍ମକତା ପରଜା କମିଟି ଗଠନ କରାଗଲା । ଏଥିରେ ନୁତନ ଭାବେ ସଭାପତି ତୁଳା ରାମ ଜାନି, ଉପ ସଭାପତି ବଳ ରାମ ଜାନି, ସମ୍ପାଦକ ଚୈତନ୍ୟ ଜାନି, କୋଷାଧକ୍ଷ ଧନ ମୁଦୁଲି, ଉପଦେଷ୍ଟା କୃଷ୍ଣ ଚନ୍ଦ୍ର କୋଷାଗୁଡିଆ, ଲଳିତ ଜାନୀ, ରାମ ମୁଦୁଲ. ଡୁରୁପତି ନାୟକ ପ୍ରମୁଖ ଉପସ୍ଥିତ ଥିଲେ । କୁମ୍ଭାରସାହି ହୁଣ୍ଡି ଠାକୁରାଣି ଙ୍କ ଠାରୁ ଅନୁମତି ନେଇ ଶୋଭାଯାତ୍ରା ବାହାର କରାଯାଇଥିଲା। ପରଜା ଢେମସାନୃତ୍ୟ ରେ ଶୋଭାଯାତ୍ରା ବାହାରି ଲାଲଗୁଡା ଝିଙ୍କର ତୋଟାରେ ଏକ ସଭା କାଯ୍ୟ ଆୟୋଜନ କରାଯାଇଥିଲା । ଏଥିରେ କୋରାପୁଟ ଜିଲା ପରଜା ସମାଜ ବିକାଶ ପରିଷଦର ଅଧକ୍ଷ ହରିଶ ମୁଦୁଲି, ଜିଲା ସଭାପତି କମୁଲୁ ଜାନୀ, ତ୍ରିନାଥ ମୁଦୁଲି, ଚନ୍ଦ୍ର ପରଜା, ରାମ ମୁଦୁଲି, ଜିଲା ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ମମତା ଝୋଡିଆ , ଶଶି ରଖା ପରିଜା ପ୍ରମୁଖ ଉପସ୍ଥିତ ଥିଲେ ।

# ଦୋକାନ ସଟର ଭାଙ୍ଗି ଚୋରି, ସନ୍ଧାନୀ କୁକୁର ଓ ସାଇନଟିଫିକ ଟିମ ଦ୍ୱାରା ତଦନ୍ତ ଆରମ୍ଭ

କୋରାଇ, ୦୫/୧୧ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥ କଡ ତାଲୁଙ୍ଗା ମୌଜାର ଏକ ଜର୍ଦା ନିଉ ମହାବୀର ଜର୍ଦା ଷ୍ଟୋର ଦୋକାନର ସର୍ଟର ଭଙ୍ଗା ଯାଇ ଯିବାର ରାତ୍ରୀରେ ଚୋରି ହେବା ନେଇ ପାଣିକୋଇଲି ଥାନାରେ ଅଭିଯୋଗ ହୋଇଛି । ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ପଂଚାୟତର ତାଲୁଙ୍ଗା ଗ୍ରାମର ଚୈତନ୍ୟ ମଲିକଙ୍କ ପୁଅ ସୁରଥଙ୍କ ଅଭିଯୋଗ ମୁତାବକ ୨୦ ନମ୍ବର ଜାତୀୟ ରାଜପଥ କଡରେ ସେ ଏକ ନିଉ ମହାବୀର ଜର୍ଦା ଦୋକାନ କରିଥିଲେ । ଗତ ଶନିବାରଦିନ ରାତ୍ରୀରେ ପ୍ରତିଦିନ ଭଳି ଦେକାନ ବନ୍ଦ କରି ଘରକୁ ଯାଇଥିଲେ । ସକାଳୁ ଆସି ଦେଖିବା ବେଳକୁ କେହି ସର୍ଟର କାର୍ଟି ଦେକାନରେ ଥିବା ସାମଗ୍ରୀ ଚୋରି କରି ନେଇଛି । ଏନେଇ ସୁରଥ ପାଣିକୋଇଲି ଥାନା ଅଭିଯୋଗ କରିଥିଲେ । ଥାନାଧିକାରୀ ଚିନ୍ମୟୀ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ଉଦୟନାଥ ସୋରେନ ଓ ହାବିଲଦାର ସୁଲୋଚନ ବେହେରା ସଦଳବଳେ ଘଟଣାସ୍ଥଳେ ପହଂଚି ତଦନ୍ତ ଆରମ୍ଭ କରିଥିଲେ । ପରେ ଅପରାହ୍ନରେ ସବଇନ୍ସପେକ୍ଟର ପ୍ରକାଶ ପ୍ରଧାନ ସଦଳବଳେ ପହଂଚି ସାଇନିଟିଫିକ ଟିମ ଓ ସନ୍ଧାନୀ କୁମୁର ସହାୟତାରେ ତଦନ୍ତ କରିଥିଲେ । ମାତ୍ର କୁକୁର ଉକ୍ତ ଗୃହ ଚାରିକଡେ ବୁଲି ରାଜପଥ କଡରେ ଅଟକି ରହିଥିଲା । ଫଳରେ ଦୃର୍ବତ ମାନେ ଚୋରି କରି ରାଜପଥରେ ଚାଲିଯିବା ସନ୍ଦେହ କରାଯାଉଛି । ଏନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

# ହସ୍ପିଟାଲ ପରିସରକୁ ସଫାକଲେ କୁଡୁମୁଲୁଗୁମ୍ମା ବିଏସଏଫ ଯବାନ

ମାଲକାନଗିରି, ୦୫/୧୧ (ନି.ପ୍ର): ଆଜି ଏକ ସ୍ୱତନ୍ତ୍ର ସଫେଇ ଅଭିଯାନ ଅନ୍ତର୍ଗତ ବିଏସଏଫ ୧୫୧ ବାଟାଲିୟନ ଯବାନ ମାନେ କୁଡୁମୁଲୁଗୁମ୍ମା ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ସଫା କରିଥିଲେ । ଆଜିର ଏହି ଅଭିଯାନର ନେତୃତ୍ୱ ବିଏସଏଫ କମାଣ୍ଡାଂଟ ନୀରଜ ଶର୍ମା ନେଇଥିବା ବେଳେ ଇନ୍ସପେକ୍ଟର ଜସଓ୍ୱନ୍ତ ସିଂ, ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡଃ. ସନ୍ତୋଷ କୁମାର ଷଡଙ୍ଗୀ, ଫାର୍ମାସିଷ୍ଟ ସନ୍ଜୟ କୁମାର ପୃଷ୍ଟି,ଏଲ.ଟି ପଦ୍ମ ଚରଣ ପଣ୍ଡା, ବିପିଏମ୍ ରଞ୍ଜନ ନାୟକ ଓ ପଦ୍ମନାଭ ରାଓ ପ୍ରମୁଖ ଉପସ୍ଥିତ ରହି ସଫେଇ ଅଭିଯାନକୁ ସଫଳତାର ସହ ତ୍ୱରାନ୍ୱିତ କରିଥିବା ଜଣାପଡିଛି । ଏହି ସଫେଇ କାର୍ଯ୍ୟରେ ବିଏସଏଫ ର ପାଖାପାଖି ୪୦ ଜଣ ଯବାନ ନିୟୋଜିତ ହୋଇ ମେଡିକାଲ୍ ପରିସର, ପାଖରେ ଥିବା ଯାତ୍ରୀ ବିଶ୍ରାମଗାର ଓ ମୁଖ୍ୟ ଫାଟକ ସାମନାରେ ଥିବା ଡ୍ରେନ୍ ର ଅଳିଆ ଆବର୍ଜନା ଏକତ୍ରିତ କରି ନିକଟରେ ଥିବା ଗାର୍ବେଜ ୟାର୍ଡ ରେ ପକାଇଛନ୍ତି । ବିଏସଏଫର ଏଭଳି ମହନୀୟ ଉଦ୍ୟମ ପାଇଁ ଜନସାଧାରଣ ବେଶ୍ ପ୍ରଶଂସା କରିଛନ୍ତି ।

# କାଗଜ କଳକୁ ବଂଚାଇବା ପାଇ ସିପିଆଇ ଶକ୍ତି ମୁତାବକ ଲଢିବ

ଜୟପୁର , ୦୫/୧୧ (ନି.ପ୍ର): ଜୟପୁର ପେପର ମିଲର ବିଭିନ୍ନ ସମସ୍ୟା ନେଇ କୋରାପୁଟ ଜିଲା ସିପିଆଇ ତରଫରୁ ଏକ ସାମ୍ବାଦିକ ସମ୍ମିଳନି ଆୟୋଜନ କରାଯାଇଥିଲା । ଏହି ସାମ୍ବାଦିକ ସମ୍ମିଳନିରେ ଜିଲା ସମ୍ପାଦକ ଯୁଧିଷ୍ଟିର ରାଉଳ, ରାଜ୍ୟ କାଯ୍ୟକାରିଣି ସଭ୍ୟ ପ୍ରମୋଦ ମହାନ୍ତି, ରାମ କୃଷ୍ଣ ଦାସ, ସତ୍ୟ ବ୍ରତ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ଚଳିତ ବିଧାନସଭାରେ ପେରେ ମିଲ ପ୍ରସଙ୍ଗରେ ବିଧାୟକ ତାରା ପ୍ରସାଦ ବାହିନିପତି ପ୍ରଶ୍ନ ପଚାରିବା ସହ ସରକାରଙ୍କୁ ଘେରିଥିଲେ। ପେପର ମିଲର କର୍ମଚାରିଙ୍କୁ ଠିକ ସମୟରେ ଦରମା ମୁଳୁ ନଥିବା ୫ ଦିନ ମିଲ ଖୋଲା ରହି ଥିବା ବେଳେ ୨୫ ଦିନ ବନ୍ଦ ହେବା ଆଦି ପଚାରିଥିଲେ ଯାହାକୁ ଦଳ ସ୍ୱାଗତ କରିଛି । ଆଗାମି ବିଧାନସଭାରେ ବିଧାୟକ ମୁଲତବି ପ୍ରସ୍ତାବ ଆଣି କମ୍ପାନି କର୍ତୃପକ୍ଷ ୧୫୦ କୋଟି ଟଙ୍କା ଋଣ ନେଲା କାହିକି କାରାଖାନାରେ ଲଗାଇଲା ନାହିଁ କାହିକି, କେଉ ଆଧାରରେ ଗୋଟିଏ ଅନାମ ଧେୟ କମ୍ପାନିକୁ ଏତେ ବଡ କାରଖାନା ଚଳାଇବା ପାଇ ଏନଓସି ଦେଲେ ।

# ଜେସିଆଇ ବଲାଙ୍ଗୀର ସିଟିର ୧୫ ତମ ଅଧିସ୍ଥାପନ ଦିବସ

ବଲାଙ୍ଗିର, ୦୫/୧୧ (ନି.ପ୍ର): ବଲାଙ୍ଗୀରର ସାମାଜିକ ସଂଗଠନ ଜେସିଆଇ ବଲାଙ୍ଗୀର ସିଟି ର ୧୫ ତମ ଅଧିସ୍ଥାପନ ଦିବସ ମାରଓ୍ୱାଡି ସେବା ସଦାନରେ ପାଳନ କରାଯାଇଛି । ଜେସିଆଇ ବଲାଙ୍ଗିର ସିଟି ର ସଭାପତି ଜେସି ପରେଶ ଅଗ୍ରଓ୍ୱାଲଙ୍କ ଅଧକ୍ଷତାରେ ସଂଗଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ବଲାଙ୍ଗିର ପୌରପାଳିକା ଶ୍ରୀମତୀ ଲୀକା ସାହୁ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ । ସେ ତାଙ୍କ ବିବୃତିରେ କହିଛନ୍ତି ଯେ, ସ୍କୁଲ ଏବଂ କଲେଜ ଅଧୟନ ବ୍ୟତୀତ ନିଜେ ପରିପକ୍ୱତା ଆଣିବା ପାଇଁ ଜେସିଆଇ ଏକ ଶକ୍ତିଶାଳୀ ମାଧ୍ୟମ । ଅନ୍ୟତମ ଅତିଥି ଜୋନାଲ ମୁଖ୍ୟ ଜେସି ଆକାଶ ସୁନ୍ଦରାନୀ କହିଛନ୍ତି ଯେ, ଅଧିକରୁ ଅଧିକ ଲୋକ ଜେସିଆଇରେ ଯୋଗଦେଇ ସମାଜ ତଥା ଦେଶର ସେବାରେ ସହଯୋଗ କରିବା ଉଚିତ । ଜେସିଆଇ ଜୋନାଲ ଉପାଧକ୍ଷ ଜେସି ପଲାଶ ଜୈନ ଆଗାମୀ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ ।

ଜେସିଆଇ ବଲାଙ୍ଗୀର ସିଟି ସଭାପତି ଜେସି ପରେଶ ଅଗ୍ରଓ୍ୱାଲ ୨୦୨୨ କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ରଖିଥିଲେ । ଏହା ପରେ ବର୍ଷସାରା କାର୍ଯ୍ୟ କରୁଥିବା କାର୍ଯ୍ୟନିର୍ବାହୀ ସଦସ୍ୟ ଏବଂ ପୂର୍ବତନ ଅଧକ୍ଷ ମାନଙ୍କୁ ସମ୍ମାନିତ କରିଥିଲେ । ଜେସି ପରେଶ ଅଗ୍ରଓ୍ୱାଲ ୨୦୨୩ ଅଧକ୍ଷ ସୃଷ୍ଟି ଅଗ୍ରଓ୍ୱାଲଙ୍କୁ ଶପଥ ପାଠ କରାଇଥିଲେ । ନୂତନ ଅଧକ୍ଷ ସୃଷ୍ଟି ଅଗ୍ରଓ୍ୱାଲ କହିଛନ୍ତି ଯେ, ଜେସିଆଇ ସମସ୍ତ ସଦସ୍ୟଙ୍କ ସହ ବର୍ଷସାରା ବିଭିନ୍ନ କାର୍ଯ୍ୟକ୍ରମ କରି ଜେସିଆଇ ବଲାଙ୍ଗୀର ସିଟିକୁ ଏକ ନୂତନ ଉଚ୍ଚତାକୁ ନେଇଯିବେ ଏବଂ ସମାଜରେ ଏକ ଭିନ୍ନ ପରିଚୟ ଦେବାକୁ ଚେଷ୍ଟା କରିବେ । ଜେସି ସୃଷ୍ଟି ଅଗ୍ରଓ୍ୱାଲ ନୂତନ କାର୍ଯ୍ୟନିର୍ବାହୀ ସଦସ୍ୟ ତଥା ନୂତନ ଭାବେ ଜେସିର ସଦସ୍ୟତା ଗ୍ରହଣ କରିଥିବା ଆଠଜଣ ସଦସ୍ୟ ଅରବିନ୍ଦ ମହାନ୍ତି, ପ୍ରିୟଙ୍କା ଭମର, ଶିବ ଅଗ୍ରଓ୍ୱାଲ, ରିତେଶ ଅଗ୍ରଓ୍ୱାଲ, ରିଚା ଅଗ୍ରଓ୍ୱାଲ, ନୀତେଶ ଜୈନ, ମନୀଷା ଜୈନ ଏବଂ ସୁଭମ ଅଗ୍ରଓ୍ୱାଲଙ୍କୁ ଶପଥ ପାଠ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସାମ୍ବାଦିକ ଏବଂ ସହରର ସମସ୍ତ ଜେସି ସଦସ୍ୟ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ସମ୍ପାଦକ ଜେସି ଅଭିଲାଶ ଅଗ୍ରଓ୍ୱାଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ଫୁଲବାଣୀରେ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ

କନ୍ଧମାଳ , ୦୫/୧୧ (ନି.ପ୍ର): ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଫୁଲବାଣୀ ଗୋଷ୍ଠୀ ଶିକ୍ଷା ବିଭାଗର ଅୟୋଜନରେ, ଫୁଲବାଣୀ ଏଜେଓ ଉଚ୍ଚ ବିଦ୍ୟାଳୟ ଛାତ୍ରାବାସରେ ଅନୁଷ୍ଠିତ ହୋଇଯାଇଛି । ଫୁଲବାଣୀ ବ୍ଲକରେ ଅଧୟନ କରୁଥିବା ସମସ୍ତ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଛାତ୍ରଛାତ୍ରୀଙ୍କ ସହିତ ଅଭିଭାବକ ମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ସଙ୍ଗୀତ,ମାନସିକ ଦକ୍ଷତା, ମ୍ୟୁଜିକଚେୟାର, ନାଚ, ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଫୁଲବାଣୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଞ୍ଜନ କୁମାର କହଁର ଆନୁଷ୍ଠାନିକ ଉଦଘାଟନ କରିଥିଲେ ।

# ନବୋଦୟ ବିଦ୍ୟାଳୟରେ ରୌପ୍ୟ ଜୟନ୍ତୀ

କେନ୍ଦ୍ରାପଡ଼ା, ୦୫/୧୧ (ନି.ପ୍ର): କେନ୍ଦ୍ରାପଡା ଜବାହାର ନବୋଦୟ ବିଦ୍ୟାଳୟର ୨୫ ବର୍ଷ ପୁର୍ତି ଉପଲକ୍ଷେ ରୌପ୍ୟ ଜୟନ୍ତୀ ଓ ଆଲୁମିନି ଆସୋସିଏସନ୍ ର ପଂଚମ ବାର୍ଷିକ ବନ୍ଧୁ ମିଳନ ମହା ଆଡମ୍ବରରେ ପାଳୀତ ହୋଇ ଯାଇଛି । ଏହି ଅବସରରେ ସ୍କୁଲର ପୁରାତନ ଶହ ଶହ ଛାତ୍ରଛାତ୍ରୀ ସ୍କୁଲରେ ଏକତ୍ରିତ ହୋଇ ପୁରୁଣା ଅନୁଭୁତିକୁ ବାଣ୍ଟିଥିଲେ । ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଡିଏସପି ବିରଂଚି ନାରାୟଣ ଜଗତ ଏବଂ ମୁଖ୍ୟ ବକ୍ତା ଭାବେ ନବୋଦୟ ବିଦ୍ୟାଳୟ ସମିତିର କମିଶନର ଶ୍ରୀମତୀ ପାର୍ବତୀ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ କମିଶନର ଶ୍ରୀହରଣ ବୋଷ ପ୍ରମୁଖ ଯୋଗ ଦେଇଥିଲେ । ବିଦ୍ୟାଳୟର ଅଧକ୍ଷ ଆର.କେ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମାରୋହରେ ଆଲୁମିନି ଆସୋସିଏସନ୍ ର ସଭାପତି ଉଦୟଭାନୁ ରାଉତ,ସଂପାଦକ ବିଦ୍ୟରାଜ ମିଶ୍ର, କୋଷାଧକ୍ଷ ଅନିଲ ମିଶ୍ର, ସହ ସଂପାଦକ ଲିଆକତ ଅଲ୍ଲୀ, ରାଜେଶ ଦାସ, ବିଶ୍ୱ ବିଜୟୀ ପରିଡା, ରାହୁଲ ବିଶ୍ୱାଳ, ଅହେମଦ ରାଜା ଖାନ ପ୍ରମୁଖ ଯୋଗ ଦେଇ ସ୍କୁଲ ତରଫରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇ ଥିଲା । ପୁରାତନ ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟରେ ବିତାଇଥିବା ପିଲାଦିନର ପ୍ରତିଟି ମୁହୂର୍ତ କିପରି ଭାବେ ପରିବାର ବର୍ଗ ଠାରୁ ଦୂରରେ ରହି ନବୋଦୟ ପରିବେଶରେ ଆଉ ଏକ ପରିବାର ପାଇଁ ଜୀବନ ଗଢିଥିଲେ,ତାହାକୁ ବର୍ଣ୍ଣନା କରି ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା । ସଭା ଶେଷରେ ଓଲିଉଡ ଜଗତର ଗାୟକ, ଗାୟିକାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ଥିଲା । ଏହି ସମାରୋହରେ ରାହୁଲ ବିଶ୍ୱାଳ, ଲିପସିତା ନାୟକ, ରାଜେଶ ମିଶ୍ର, ଚନ୍ଦନ କୁମାର ସାହୁ, ସୌମ୍ୟ ରଞ୍ଜନ ମହାପାତ୍ର, ପଦ୍ମନାଭ ବେହେରା, ସିତେନ ରାୟଙ୍କ ସହ ୫୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ରେ ଯୋଗ ଦେଇ ସହଯୋଗ କରିଥିଲେ ।

# ଫିରିଙ୍ଗିଆରେ ଅନୁଷ୍ଠିତ ହେଲା ବ୍ଲକସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମ

କନ୍ଧମାଳ , ୦୫/୧୧ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଠାରେ ଥିବା ଆଦିବାସୀ ଉନ୍ନୟନ ବିଭାଗ ଅଧିନରେ ପରିଚାଳିତ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ର ନେଡିପଦର ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଫିରିଙ୍ଗିଆ ବ୍ଲକ ସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମ କ୍ରମ ଅନୁଷ୍ଠିତ ହୋଇଛି ଓ ଫିରିଙ୍ଗିଆ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଣବ କୁମାର ପରିଡା ଓ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ପାଢ଼ୀ ଙ୍କ ଅଧକ୍ଷୟତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଫିରିଙ୍ଗିଆ ଗୋଷ୍ଠି ଉନ୍ନୟନ ଅଧିକାରୀ ରଶ୍ମିରଞ୍ଜନ ମହନ୍ତ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଅନୁଷ୍ଠାନିକ ଭାବରେ ଉଦଘାଟନ କରିଥିବା ବେଳେ ଥାନା ଅଧିକାରୀ ତପନ କୁମାର ନାହାକ, ଫିରିଙ୍ଗିଆ ବାଳକ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ସିଂ, ଗୋଛାପଡା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ ଓ କାର୍ଯ୍ୟକ୍ରମ କୁ ବିଦ୍ୟାଳୟ ର ଶିକ୍ଷକ ଅଶୋକ କୁମାର ଷଡଙ୍ଗୀ ପରିଚାଳନା କରିଥିବା ବେଳେ କନ୍ଧମାଳ ଜିଲ୍ଲାର ସଂଗୀତ ନିର୍ଦ୍ଦେଶକ ଅସିତ କୁମାର ନନ୍ଦ, ଗୀତିକାର ଗୋପୀନାଥ ରାଉତ, ଗୀତିକାର ମନୋଜ କୁମାର ନାୟକ, ମଂଚ ଅଭିନେତା ତଥା ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି, ନାଟ୍ୟ ନିର୍ଦ୍ଦେଶକ ପ୍ରଦୀପ କୁମାର ମହାପାତ୍ର, ଜିଲ୍ଲା କଳାକାର ସଙ୍ଘ ସଭାପତି ଅକ୍ଷୟ କର୍ଣ୍ଣ ବିଚାରକ ଭାବରେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ରେ ବ୍ଲକ ର ଆଦିବାସୀ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ବିଭିନ୍ନ ବିଦ୍ୟାଳୟ ରୁ ଆସିଥିବା ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଡଟ୍ୱିଟ, ସଂଗୀତ,କୁଇଜ, ଚିତ୍ରାଙ୍କନ,ନୃତ୍ୟ,ଏକକ ଅଭିନୟ ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ସନ୍ଧ୍ୟା ସମୟରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା କନ୍ଧମାଳ ର ପରମ୍ପରା ଓ ସାମାଜିକ ଚଳଣି ,ବାଲ୍ୟ ବିବାହ ଉପରେ ଆଧାରିତ ବିଭିନ୍ନ ସାଂସ୍କୃତିକ କାର ?ୟକ୍ରମ ପରିବେଷଣ ହୋଇଥିଲା । ଫିରିଙ୍ଗିଆ ବାଳକ ଉଚ୍ଚବିଦ୍ୟାଳୟ, ନ୍ଡେିପଦର ବାଳିକା ବିଦ୍ୟାଳୟ ଓ ଏକଲବ୍ୟ ଆବାସିକ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପରିବେଷଣ ହୋଇଥିବା ପାରମ୍ପରିକ ଗ୍ରୁପ ଡ୍ୟା ନସ୍ ବେଶ ମନଛୁଆଁ ହୋଇ ପାରିଥିବା ବେଳେ ନ୍ଡେିପଦର ବାଳିକା ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ପରିବେଷଣ ହୋଇଥିବା ନୃତ୍ୟ ଜିଲ୍ଲା ସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମ ପାଇଁ ମନୋନୀତ ହୋଇଥିଲା ।

## ଶହୀଦ ସଂଗ୍ରାମୀ...

(ପୃଷ୍ଠା ୫ର ଅବଶିଷ୍ଟାଂଶ)

ଜୟୀ ରାଜଗୁରୁ ହଠାତ୍ ଇଂରେଜ ସୈନ୍ୟଙ୍କ ଉପରେ ଅତର୍କିତ ଆକ୍ରମଣ କରି ସେମାନଙ୍କୁ ନିରସ୍ତ୍ର କରିଦେଲେ । ରାଜାଜ୍ଞା ପାଇଁ ଜୟୀକୃଷ୍ଣ ଡେଲାଙ୍ଗ ଅଧିକୃତ କଲେ, ଇଂରଜ ସୈନ୍ୟମାନେ ଡେଲାଙ୍ଗ ଛାଡି ପଳାଇଲେ । କ୍ୟାପ୍ଟେନ୍ ହିକ୍ ଲ୍ୟାଣ୍ଡଙ୍କ ନେତୃତ୍ୱରେ ସୈନ୍ୟମାନେ ପିପିଲି ଦୁର୍ଗଠାରେ ପାଇକମାନଙ୍କୁ ଆକ୍ରମଣ କଲେ । ପିପିଲିରୁ ଫେରିବା ବାଟରେ ହିକ୍ ଲ୍ୟାଣ୍ଡ ପାଇକମାନଙ୍କ ଦ୍ୱାରା ପରାସ୍ତ ହେଲେ । ମୁସ୍ତଫା ଖାଁ ରାଜାଙ୍କ ଆଦେଶରେ ଟାଙ୍ଗିଆପଡା ଅଭିମୁଖେ ଯାତ୍ରା କଲେ । ସେ ମେଜର ଫ୍ଲେଚରଙ୍କ ଦ୍ୱାରା ପରାସ୍ତ ହେଲେ । ମେଜର ଫ୍ଲେଚର ନୟାଗଡ, ଖଣ୍ଡପଡା ଓ ରଣପୁର ରାଜାମାନଙ୍କ ସହାୟତାରେ ଖୋର୍ଦ୍ଧାର ଦକ୍ଷିଣରୁ ଆକ୍ରମଣ କଲେ । କର୍ଣ୍ଣେଲ ହାର୍କୋର୍ଟ ଓ ମେଲ୍‌ଭିଲେ ବାଙ୍କି ରାଜାଙ୍କ ସହାୟତାରେ ଖୋରଧା ଅଭିମୂଖେ ଯାତ୍ରା କଲେ । ଶୁଣାଯାଏ ଖୋର୍ଦ୍ଧାଗଡର ଅଧିଷ୍ଠାତ୍ରୀ ଦେବୀ ବରୁଣାଇ ଓ କରୁଣାଇ ଜୟୀ ରାଜଗୁରୁଙ୍କ ତନ୍ତ୍ର ସାଧନା ବଳରେ ସିଂହବାହନରେ ବସି ଯୁଦ୍ଧକଲେ । କିନ୍ତୁ କାଞ୍ଚିଦେବ୍ୟା ଇଂରେଜମାନଙ୍କୁ ଜଣାଇଲେ ଷଣ୍ଢ ବଳି ଦେଇ ତା ରକ୍ତରେ ଗୋଳା ବର୍ଷଣ କଲେ ଦେବୀ ଯୁଦ୍ଧ କ୍ଷେତ୍ରରୁ ପଳାୟନ କରିବେ । କର୍ଣ୍ଣେଲ୍ ଫ୍ଲେଚର ଗାଈର ମୁଣ୍ଡ କାଟି ତା ରକ୍ତରେ ଗୋଳା ବୁଡାଇ ଆକ୍ରମଣ କଲେ । ଦେବୀ ଯୁଦ୍ଧ କ୍ଷେତ୍ରରୁ ପଳାୟନ କଲେ । ଇଂରେଜମାନେ ଗଡକୁ ଚାରି ଦିଗରୁ ଆକ୍ରମଣ କରି ନଅର ଭିତରକୁ ଗୁଳି ବର୍ଷଣ କଲେ । ମେଜର ଫ୍ଲେଚର ଦୁର୍ଗ ଭିତରକୁ ପ୍ରବେଶ କରି ଜୟ ରାଜଗୁରୁଙ୍କ ଗୃହରେ ତାଲା ପକାଇ ଦେଲେ । ଦୁର୍ଗ ମଧ୍ୟରେ ଜୟୀ ରାଜଗୁରୁଙ୍କ ସହିତ ଇଂଜେମାନଙ୍କର ଘମାଘୋଟ ଯୁଦ୍ଧ ହେଲା । ଜୟ ରାଜଗୁରୁ ତାଙ୍କ ଗୃହରୁ ସୁନା କୁଲାଇ ଆଣିପାରିଲେ ନାହିଁ । ଫଳରେ ତାଙ୍କର ଧୂମାବତୀ ସାଧନା ବିଫଳ ହେଲା । ରାଜା ପୂର୍ବରୁ ଦୁର୍ଗ ଛାଡି କାଇପଦରଗଡର କାଶିଆ ଗୋହରି ଜଙ୍ଗଲରେ ଆତ୍ମଗୋପନ କରିଥିଲେ । ଜୟ ରାଜଗୁରୁ ଦୁର୍ଗରୁ ପଳାଇ ଯାଇ ସେଠାରେ ରାଜାଙ୍କୁ ଭେଟିଲେ ।

୧୮୦୪ ମସିହା ଡିସେମ୍ବର ମାସରେ ଇଂରେଜ ଶାସନର ବିରୋଧୀ ଚରଣ କରିଥିବାରୁ ଦ୍ୱିତୀୟ ମୁକୁନ୍ଦ ଦେବଙ୍କୁ ରାଜପଦରୁ ଇଂରେଜମାନେ ବହିଷ୍କାର କରିଥିଲେ । ଇଂରେଜମାନଙ୍କ ନିର୍ଦ୍ଦେଶରେ ଶ୍ରୀମନ୍ଦିରର କେତେକ କର୍ମଚାରୀ ପୂଜା ସମୟରେ ରାଜାଙ୍କ ନାମ ଉଚ୍ଚାରଣ କଲେ ନାହିଁ ।

କମଳ ବଡଜେନା ନାମକ ବ୍ୟକ୍ତି ଷଡଯନ୍ତ୍ର କରି ଜୟ ରାଜଗୁରୁଙ୍କୁ ଇଂରେଜମାନଙ୍କୁ ଧରାଇ ଦେଲେ । କେହି କେହି ପିଣ୍ଡିକି ହରିଚନ୍ଦନଙ୍କୁ ଦାୟୀ କରିଥାଆନ୍ତି । ଇଂରେଜ ସୈନ୍ୟମାନେ ଜୟୀ ରାଜଗୁରୁଙ୍କୁ ମେଜର ଫ୍ଲେଚରଙ୍କ ପାଖକୁ ଆଣିଥିଲେ । ତାପରେ କର୍ଣ୍ଣେଲ ହାର୍କୋର୍ଟଙ୍କ ନିକଟକୁ ଜୟୀ ରାଜଗୁରୁଙ୍କୁ ପ୍ରେରଣ କରାଗଲା । ମେଦିନୀପୁରସ୍ଥିତ ବାଳିତୋଟା ଠାରେ ତାଙ୍କର ବିଚାର କରି ୧୮୦୬ ମସିହା ଡିସେମ୍ବର ୬ ତାରିଖରେ ଏକ ବରଗଛରେ ଇଂରେଜମାନେ ଫାଶୀ ଦଣ୍ଡରେ ଦଣ୍ଡିତ କରିଥିଲେ । କେହି କେହି କୁହନ୍ତି ଖୋର୍ଦ୍ଧାର ମଧ୍ୟସ୍ଥଳରେ ଏକ ବରଗଛରେ ଜୟୀ ରାଜଗୁରୁଙ୍କୁ ଚାରିଡାଳିଆ କରି ଫାଶୀ ଦିଆଯାଇଥିଲା ।

ଇଂରେଜଙ୍କ ସହିତ ସଂଗଠିତ ସଂଗ୍ରାମରେ ଜୟୀ ରାଜଗୁରୁ ବ୍ୟର୍ଥ ହେଲେ ସତ, କିନ୍ତୁ ସେ ସବୁ ଦୋଷ ନିଜ ଉପରକୁ ନେଇ ଯେପରିଭାବେ ଚରିତ୍ରବତ୍ତା, ଦେଶଭକ୍ତି ଓ ମହାନ ସଂଗ୍ରାମ ଇତିହାସକୁ ଦୃଷ୍ଟାନ୍ତ ଦେଇଛନ୍ତି ତାହା ବିରଳ ।

+ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର
ମୋ: ୯୯୩୭୬୯୧୪୭୫

## ମୃତ୍ୟୁ ଏମିତି ଆସେ : ରୋଷେଇ ବେଳେ ଟଳି ପଡିଲେ ବୃଦ୍ଧ ବ୍ୟବସାୟୀ



ଖଇରା, ୦୫/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ବୁଢାଗଡିଆ ଛକର ଚାଜଲଖିଆ ଦୋକାନୀ ଦାମୋଦର ସାହୁ(୮୦) ରବିବାର ଅପରାହ୍ନରେ ଦୋକାନରେ ଜଳଖିଆ ତିଆରି କରୁଥିବା ବେଳେ ହଠାତ ହୃଦ୍‌ଘାତ ଯୋଗୁଁ ଗୁରୁତର ହୋଇ ପଡିଥିଲେ । ତୁରନ୍ତ ତାଙ୍କୁ ଚିକିତ୍ସାପାଇଁ ବାଲେଶ୍ୱର ଡାକ୍ତରଖାନା ନିଆଯାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ସରସ୍ୱତିଆ ଗ୍ରାମର ଦାମୋଦର୫୦ବର୍ଷ ଧରି ଉକ୍ତ ଛକରେ ଚା ଜଳଖିଆ ପ୍ରସ୍ତୁତ କରି ଗରାଖିଙ୍କ ପ୍ରିୟର ମଣିଷ ହୋଇ ଯାଇଥିଲେ । ରାସ୍ତା ତିଆରି ବେଳେ ନିଜର ଦୋକାନ ଉଠିଯିବା ପରେ ପରେ ଛୋଟିଆ ଝୁମ୍ପୁଡି ତିଆରି କରି ପରିବାର ଚଳାଉଥିଲେ ଏବଂ ମନସ୍ତାପରେ ଥିଲେ ।ତାଙ୍କ ମର ଶରୀର ବୁଢାଗଡିଆରେ ପହଞ୍ଚିବା ପରେ କାଳିପୁଜା କମିଟି ସଭାପତି ପ୍ରଫୁଲ୍ଲ ଖଣ୍ଡା ଓ ସମ୍ପାଦକ ଅନନ୍ତ ପ୍ରସାଦ ବାରିକ ତଥା ସମସ୍ତ ସଭ୍ୟ ଶେଷ ଦର୍ଶନ କରିବା ସହ ପରିବାରକୁ ସମବେଦନା ଜଣାଇଛନ୍ତି ।

## ସାପ କାମୁଡାରେ ଯୁବକ ମୃତ

ଖଇରା, ୦୫/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଡୁଙ୍ଗୁରା ଗ୍ରାମ ପଞ୍ଚାୟତ ସୁବଳିଆ ପାଟଣା ଗ୍ରାମର ଭଗବାନ ବାରିକ(୫୨) ସାପକାମୁଡାରେ ମୃତ୍ୟୁ ବରଣ କରିଛନ୍ତି । ଶ୍ରୀ ବାରିକ ରବିବାର ବିଳମ୍ବିତ ରାତିରେ ବାହାରକୁ ଝାଡା ଯାଇଥିବା ବେଳେ ବିଷଧର ସର୍ପ ଦଂଶନ କରିଥିଲେ । ପରେ ସେ ଘରକୁ ଚାଲିଆସି ପୁଣି ଶୋଇ ପଡିଥିଲେ । ସକାଳେ ଯନ୍ତ୍ରଣା ହେବାରୁ ଗୁରୁତର ଅବସ୍ଥାରେ ଖଇରା ଡାକ୍ତରଖାନାକୁ ଅଣାଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ପଦ୍ମପୁର ଉପନିର୍ବାଚନ....

କହିଛନ୍ତି । ନିର୍ବାଚନମଣ୍ଡଳୀରେ ସମୁଦାୟ ୩୧୯ଟି ବୁଥ୍ ରୁ ୪୬ଟି ମାଓ ଅଧ୍ୟୁଷିତ ଇଲାକାରେ ରହିଛି । ୧୫୨ଟି ସମ୍ବେଦନଶୀଳ ଓ କ୍ରିଟିକାଲ୍ ବୁଥ୍ ରହିଛି । ଏହି ବୁଥ୍ ଗୁଡ଼ିକରେ ଶାନ୍ତି ଶୃଙ୍ଖଳାର ସହିତ ମତଦାନ ପାଇଁ ସିସିଟିଭି ଓ ୱେବ୍ କ୍ୟାମେରା ବ୍ୟବହାର ସହ ବୁଥ୍ ପିଛା ଜଣେ ମାଇକ୍ରୋ ଅବଜର୍ଭର ରହିଛନ୍ତି । ମୋଟ ୩୧୯ଟି ବୁଥ୍ ରେ ୧୨୭୬ ଜଣ ପୋଲିଂ ଅଧିକାରୀ ୧୨୮ ଜଣ ରିଜର୍ଭ ପୋଲିଂ ଅଧିକାରୀ ରହିଛନ୍ତି । ୩୮ ଜଣ ପୁଲିସ ଅଧିକାରୀ, ୩୪ ସେକ୍ସନ ସିଆର୍ପିଏଫ୍, ୩୧୯ ସୁରକ୍ଷା କର୍ମୀ, ୧୨୩ ଜଣ ହୋମଗାର୍ଡ ସୁରକ୍ଷା ଦାୟିତ୍ୱରେ ରହିଛନ୍ତି । ନିର୍ବାଚନମଣ୍ଡଳୀର ପ୍ରତି ବ୍ଲକ୍ରେ ୨ଟି ଲେଖାଏଁ ମୋଟ୍ ୬ଟି ପିଙ୍କ୍ ବୁଥ୍ ଓ ୧୫ଟି ଆଦର୍ଶ ଭୋଟ ଗ୍ରହଣ କେନ୍ଦ୍ର କରାଯାଇଛି । ସୂଚନାଯୋଗ୍ୟ ଯେ ବିଜେଡି ବିଧାୟକ ବିଜୟ ରଂଜନ ସିଂ ବରିହାଙ୍କ ବିୟୋଗ ଯୋଗୁଁ ପଦମପୁରରେ ଉପନିର୍ବାଚନ ଅନୁଷ୍ଠିତ ହେଉଛି । ସ୍ୱର୍ଗତ ବରିହାଙ୍କ ଝିଅ ବର୍ଷା ଓ ପୂର୍ବତନ ବିଜେପି ବିଧାୟକ ପ୍ରଦୀପ ପୁରୋହିତଙ୍କ ସମେତ ନିର୍ବାଚନ ମଇଦାନରେ ମୋଟ ୧୦ ଜଣ ପ୍ରାର୍ଥୀ ରହିଛନ୍ତି । ପଦ୍ମପୁର ନିର୍ବାଚନମଣ୍ଡଳୀର ମୋଟ୍ ୩୧୯ ବୁଥିରେ ୨ ଲକ୍ଷ ୬୯ ହଜାର ୩୨୬ଜଣ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରୁଛନ୍ତି । ମୋଟ ୩୧୯ଟି ବୁଥ୍ ରେ ୧୨୭୬ ଜଣ ପୋଲିଂ ଅଧିକାରୀ ୧୨୮ ଜଣ ରିଜର୍ଭ ପୋଲିଂ ଅଧିକାରୀ ରହିଛନ୍ତି । ୩୮ ଜଣ ପୁଲିସ ଅଧିକାରୀ, ୩୪ ସେକ୍ସନ ସିଆରପିଏଫ୍, ୩୧୯ ସୁରକ୍ଷା କର୍ମୀ, ୧୨୩ ଜଣ ହୋମଗାର୍ଡ ସୁରକ୍ଷା ଦାୟିତ୍ୱରେ ରହିଛନ୍ତି ।

### ଏକଜିଟ ପୋଲ : ଗୁଜରାଟରେ....

ଅନ୍ୟାନ୍ୟ ଦଳ ଗୁଜରାଟରେ ୨ରୁ ୬ଟି ଆସନ ଜିତିପାରନ୍ତି । ଜନ କୀ ବାତ, ଟିଭି ୯ ଓ ପି-ଏମଏଆରକ୍ୟୁ ମଧ୍ୟ ବିଜେପି ୧୦୦ରୁ ଅଧିକ ଆସନ ଜିତିବ ବୋଲି ଏକଜିଟ ପୋଲ ରିପୋର୍ଟରେ କହିଛନ୍ତି । ଜନ କୀ ବାତ କହିଛି ଯେ ବିଜେପି ୧୧୭ରୁ ୧୪୦, କଂଗ୍ରେସ ୩୪ରୁ ୫୧ ଓ ଆପ ୬-୧୩ଟି ଆସନ ଜିତିବ । ଟିଭି ୯ ଗୁଜରାଟୀ କହିଛି ଯେ ବିଜେପି ୧୨୫-୧୩୦, କଂଗ୍ରେସ ୪୦-୫୦, ଆପ୍ ୩-୫ ଓ ଅନ୍ୟାନ୍ୟ ଦଳ ୩-୭ଟି ଆସନରେ ଜିତିବେ । ଟାଇମ୍ସ ନାଓ କହିଛି ଯେ ବିଜେପି ୧୩୧ଟି, କଂଗ୍ରେସ ୪୧, ଆପ୍ ୬ ଓ ଅନ୍ୟାନ୍ୟ ଦଳ ୪ଟି ଆସନରେ ବାଜିତମାତ କରିବେ । ପି-ଏମଏଆରକ୍ୟୁର ଏକଜିଟ ପୋଲ ଅନୁଯାୟୀ, ବିଜେପି ଗୁଜରାଟରେ ୧୨୮-୧୪୮, କଂଗ୍ରେସ ୩୦-୪୨, ଆପ ୨-୧୦ ଓ ଅନ୍ୟାନ୍ୟ ଦଳ ସର୍ବାଧିକ ୩ଟି ଆସନ ଜିତିବେ । ଏବିପି-ସି ଭୋଟର କହିଛି, ୧୨୮ରୁ ୧୪୦, କଂଗ୍ରେସ ୩୧ରୁ ୪୩, ଆପ ୩-୧୧ ଓ ଅନ୍ୟାନ ଦଳ ୨ରୁ ୬ଟି ଆସନ ଜିତିବେ । ଜୀ ନ୍ୟୁଜ କହିଛି ୧୧୦-୧୨୫, କଂଗ୍ରେସ ୪୫ରୁ ୬୦, ଆପ ୧ରୁ ୫ ଓ ଅନ୍ୟାନ୍ୟ ଦଳ ୦-୪ଟି ଆସନ ଜିତିବେ । ପୋଲ ଅଫ ପୋଲ୍ସ କଥା ବିଚାରକୁ ନେଲେ ବିଜେପି ୧୩୨ଟି, କଂଗ୍ରେସ ୩୮, ଆପ ୮ ଓ ଅନ୍ୟାନ୍ୟ ଦଳ ୪ଟି ଆସନରେ ବାଜିମାତ କରିବେ ।

### ଏକଜିଟ୍ ପୋଲ : ଦିଲ୍ଲୀ....

ଆଜତକ କରିଥିବା ଏକଜିଟ ପୋଲ ରିପୋର୍ଟ ଅନୁସାରେ, ଅରବିନ୍ଦ କେଜ୍ରିୱାଲଙ୍କ ଆପ୍ ଦିଲ୍ଲୀ ମହାନଗର ନିଗମର ୨୫୦ଟି ୱାର୍ଡରୁ ୧୪୯ରୁ ୧୭୧ଟିରେ ଜିତିବ । ସେହିପରି ଟାଇମ୍ସ ନାଓରେ କୁହାଯାଇଛି ଯେ ଆପ୍ ୧୪୬ରୁ ୧୫୬ଟି ଆସନ ଜିତିବ । ଆଜତକ କହିଛି ଯେ ବିଜେପି ୬୯ରୁ ୯୧ଟି ଓ ଟାଇମ୍ସ ନାଓରେ ବିଜେପି ୮୪-୯୪ ଆସନ ମଧ୍ୟରେ ସୀମିତ ରହିବ ବୋଲି ରିପୋର୍ଟ ପ୍ରକାଶ ପାଇଛି । ଉଭୟ ଚ୍ୟାନେଲ କଂଗ୍ରେସ ୧୦ କିମ୍ବା ତା'ଠାରୁ କମ ୱାର୍ଡରେ ସୀମିତ ରହିବ ବୋଲି କହିଛନ୍ତି । ସେହିପରି ଅନ୍ୟାନ୍ୟ ଦଳଗୁଡ଼ିକ ୫-୯ଟି ଆସନ ପାଇବେ ବୋଲି ଏକଜିଟ ପୋଲରେ କୁହାଯାଇଛି । ଜନ କୀ ବାତର ଏକଜିଟ ପୋଲରେ କୁହାଯାଇଛି ଯେ ଆପ୍ ୧୫୯ରୁ ୧୭୫, ବିଜେପି ୭୦ରୁ ୯୨ ଓ କଂଗ୍ରେସ ୪ରୁ ୭ଟି ଆସନ ଜିତିବେ । ଟିଭି ୯ କହିଛି, ଆପ୍ ୧୪୫, ବିଜେପି ୯୪, କଂଗ୍ରେସ ୮ ଓ ଅନ୍ୟାନ୍ୟ ଦଳ ୩ଟି ଆସନରେ ବାଜିମାତ କରିବେ । ଯଦି ଆପ୍ ଏକଜିଟ ପୋଲ ଅନୁଯାୟୀ ବିଜୟୀ ହୁଏ, ତା'ହେଲେ ଏହା ବିଜେପି ପାଇଁ ଶକ୍ତ ଝଟକା ସଦୃଶ ହେବ । କାରଣ ଏମସିଡି ବା ଦିଲ୍ଲୀ ମହାନଗର ନିଗମରେ ବିଜେପି ୧୫ ବର୍ଷ ହେଲା କ୍ଷମତାରେ ରହିଛି । ଏହି ଧାରାକୁ ଭାଙ୍ଗିବା ପାଇଁ ଆପ୍ ଏମସିଡି ନିର୍ବାଚନରେ ଜୋରଦାର ପ୍ରଚାର କରିଥିଲା । ଏମସିଡିରେ ହୋଇଥିବା ଦୁର୍ନୀତିକୁ ମୂଳପୋଛ କରିବାକୁ ଆପ୍ ଦେଇଥିବା ନାରା ସମ୍ଭବତଃ କାମ ଦେବ ବୋଲି ଏଜଜିଟ୍ ପୋଲରୁ ଜଣାପଡୁଛି ।

### ମୁଣ୍ଡ ନୁଆଁଇଲେ ଇରାନ୍ ସରକାର....

ଯୁବପିଢ଼ି ହିଜାବ ବିରୋଧୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଏହି ହିଜାବ ବିରୋଧୀ ଆନ୍ଦୋଳନ ଅନେକ ରାଷ୍ଟ୍ରକୁ ବ୍ୟାପିଛି । ଏହି ଆନ୍ଦୋଳନ ଦେଶରେ ଉଗ୍ରରୂପ ନେବା ପରେ ପୁଲିସ କାର୍ଯ୍ୟାନୁଷ୍ଠାନରେ ୩୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା ଏବଂ ହଜାର ହଜାର ଲୋକ ଆହତ ହୋଇଥିଲେ । ପ୍ରାୟ ୧୪ ହଜାର ଆନ୍ଦୋଳନକାରୀ ଗିରଫ ହୋଇ ବିଭିନ୍ନ ଜେଲ୍‌ରେ ଅଛନ୍ତି । ଏଭଳି ସ୍ଥିତିରେ ସରକାର ତାଙ୍କ ଆଭିମୁଖ୍ୟ ନରମ କରି କଠୋର ହିଜାବ ଆଇନ ସମ୍ପର୍କରେ ପୁନର୍ବିଚାର କରିବା ପାଇଁ ନିଷ୍ପତ୍ତି ନେଇଥିବାରୁ ଏହାକୁ ଲୋକେ ସ୍ୱାଗତ କରିଛନ୍ତି ।

## ଖଜୁରିପଡାରେ ହାତୀ ଉପଦ୍ରବ, ବିପୁଳ ଫସଲ ନଷ୍ଟ

କନ୍ଧମାଳ, ୦୫/୧୨ (ନି.ପ୍ର): ଖଜୁରୀପଡା ଗ୍ରାମପଂଚାୟତ ନେଡ୍ରିଖୋଲ ସମେତ ଆଖପାଖ ଗ୍ରାମରେ ହାତୀ ଆତଙ୍କ । ହାତୀପଲଙ୍କ ଦୌରାତ୍ମ୍ୟରେ ବ୍ୟାପକ ଭାବେ ନଷ୍ଟ ହେଉଛି ଫସଲ । ଆଖପାଖରେ ଥିବା ଛଅଖଣ୍ଡ ଗ୍ରାମବାସୀ ଚାରିଦିନ ହେଲା ଭୟଭୀତ ହୋଇ ରହିଛନ୍ତି । ଗାଁ ଗାଁ ରେ ପୁରୁଷ ମହିଳା ରାତ୍ରି ଉଜାଗର ରହି ଗାଁ ମୁଣ୍ଡରେ ନିଆଁ ଜାଳି ଜଗି ରହୁଥିବା ବେଳେ ଘଂଟ, ବାଜାବାଦ୍ୟ ଓ ବାଣ ମାଧ୍ୟମରେ ଶବ୍ଦ କରି ହାତୀପଲକୁ ଘଉଡାଇବା ପାଇଁ ଉଦ୍ୟମ କରୁଥିବା ଦେଖିବାକୁ ମିଳୁଛି । ଏ ନେଇ ସ୍ଥାନୀୟ ବନପାଳଙ୍କୁ ଗ୍ରାମବାସୀଙ୍କ ତରଫରୁ ସୁଚନା ପ୍ରଦାନ କରାଯାଇଛି । ଖବର ପାଇ ଫରେଷ୍ଟର ଅଜିତ କୁମାର ସାହାଣୀଙ୍କ ସହ ବନ କର୍ମଚାରୀମାନେ ଗ୍ରାମଗୁଡ଼ିକୁ ଯାଇ ହାତୀପଲର ଆତ୍ମସ୍ତୁଳି ପର୍ଯ୍ୟନ୍ତ ପହଂଚି ପରିସ୍ଥିତି ଉପରେ ନଜର ରଖିଥିବା ଜଣାପଡିଛି । ଖଜୁରୀପଡା ବନପାଳ ଶିଶିର କୁମାର ଝାଙ୍କରଙ୍କ ସୂଚନା ଅନୁଯାୟୀ, ନିକଟସ୍ଥ ଜଙ୍ଗଲରେ ଏକ ହାତୀପଲ ରହିଛନ୍ତି । ପଲରେ ୬ଟି ହାତୀ ରହିଥିବା ଅନୁମାନ କରାଯାଉଛି । ପ୍ରାୟ ୪ ଦିନ ହେଲା ମାଧପୁର ଜଙ୍ଗଲରୁ ଆସି ଏହି ହାତୀପଲ ଏଠାରେ ଘୁରି ବୁଲୁଥିବା କହିଛି ବନବିଭାଗ । ଶନିବାର ରାତିରେ ଏହି ହାତୀପଲ ନେଡ୍ରିଖୋଲ ଗ୍ରାମର ଶ୍ରୀହରି ମଲିକଙ୍କ ତିନୋଟି ଧାନ ବିଲକୁ ସମ୍ପୂର୍ଣ୍ଣ ଭାବେ ଦଳିମକଚି ମାଟିରେ ମିଶେଇ ଦେଇଥିବା ଦେଖିବାକୁ ମିଳିଛି । ବର୍ଷସାରା ବହୁ ପରିଶ୍ରମ କରି ଚାଷ କରିଥିବା ଶ୍ରୀହରି ବର୍ତମାନ ନଷ୍ଟ ହୋଇଥିବା ଧାନବିଲ ଦେଖି ହତାଶ ହୋଇ ପଡିଥିବା ସହ ତୁରନ୍ତ ତାଙ୍କୁ ସରକାର କ୍ଷତିପୂରଣ ଦେବାପାଇଁ ଅନୁରୋଧ କରିଛନ୍ତି ।

## ପ୍ରଶାସନର ଦୃଷ୍ଟି ଆଢୁଆଳରେ ଦିବ୍ୟାଙ୍ଗ ବିଜୟ : ଟ୍ରାଇ ସାଇକେଲ ହିଁ ସାହା ଭରସା

ବାଲେଶ୍ୱର, ୦୫/୧୨ (ନି.ପ୍ର): ଦିନ ଥିଲା ବଢ଼େଇ କାମ କରି ଜୀବିକା ନିର୍ବାହ କରି ପରିବାର ଭରଣପୋଷଣ କରିଆସୁଥିଲା । ପର ଘରେ ସୁନ୍ଦର ବଢ଼େଇ କାମ କରି ବେଶ୍ ସୁନାମ ଅର୍ଜନ କରିଥିବା ବେଳେ ଏକମାତ୍ର ୧୨ବର୍ଷର ଝିଅଟିକୁ ନେଇ ରହୁଥିବା ବେଳେ ଝିଅ ୩ବର୍ଷ ହୋଇଥିବା ବେଳେ ସ୍ତ୍ରୀ ଋନ୍ଦିନୀ ସିଂ ଆରପାରିକୁ ଚାଲିଯାଇଥିଲା । ଏକମାତ୍ର ଝିଅର ମୁହଁକୁ ଚାହିଁ ବଂଚିରହୁଥିବା ବେଳେ ହଠାତ୍ ତାର ଜୀବନକୁ କଳାବାଦଲ ମାଡ଼ି ବସିଲା । ହଠାତ୍ ଏକ ବାଇକ ଧକ୍କାରେ ଅକର୍ମଣ୍ୟ ହୋଇ ପଡ଼ିଥିଲା । ବାଲେଶ୍ୱର ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ଭଙ୍ଗା ଗୋଡ଼ଟି ଆଉ ଯୋଡ଼ି ହୋଇ ପାରିଲା ନାହିଁ । ଏପଟେ ଝିଅଟିକୁ ପାଠ ପଢ଼ାଇବା କଷ୍ଟ ହୋଇ ପଡ଼ିଲା । ଶେଷରେ ରେମୁଣାର ଏକ ସିମେଂଟ ବ୍ୟବସାୟୀ ତାଙ୍କୁ ଏକ ଟ୍ରାଇସାଇକେଲ ମାଗଣାରେ ଦେବା ଫଳରେ ତାର ଏହି ସାଇକେଲଟା ହିଁ ସାହାଭରସା । ନୀଳଗିରି ଥାନା କେ.ପି.ଲାଖରାଜ ପଂଚାୟତର ଚଣ୍ଡିପୁର ଗ୍ରାମର ଦିବ୍ୟାଙ୍ଗ ବିଜୟ ସିଂ । ଯେଉଁ ବିଜୟ ନିଜର ନିହାଣ ମୁନରେ ସୁନ୍ଦର କାରୁକାର୍ଯ୍ୟ କରି ଅର୍ଥ ଉପାର୍ଜନ କରୁଥିଲେ, ସେହି ବିଜୟ ଆଜି ପଲିଥିନ ଘେରା ଟ୍ରାଇସାଇକେଲ ରେ ଭିକ୍ଷାମାଗି ନିଜ ପେଟ ପାଇଁ ଆହର ଯୋଗଡ଼ା କରୁଛି । ଅର୍ଥାଭାବରୁ ୧୨ବର୍ଷର ଝିଅକୁ ଔପଦା ଅଂଚଳର ଏକ ଆଶ୍ରମ ସ୍କୁଲରେ ଛାଡ଼ି ଦେଇଛି । ଦିବ୍ୟାଙ୍ଗ ସାର୍ଟିଫିକେଟ ପାଇଁ ଏ ଅଫିସରୁ ସେ ଅଫିସକୁ ଯାଇ ଯାଇ ନିରାଶ ହେବାକୁ ପଡ଼ିଛି । ନା ଅଛି ଆବାସ ଘରଟିଏ ନା ଅଛି ବିକଳାଙ୍ଗ ଭତା ବି ପାଉ ନାହିଁ । ୫କି.ଗ୍ରା. ଚାଉଳ ହିଁ ତାର ଜୀବନ ସମ୍ବଳ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଗରିବଙ୍କ ପାଇଁ ବହୁବିଧ ଯୋଜନା କରିଥିବା ବେଳେ ସ୍ଥାନୀୟ ପ୍ରଶାସନର ଆଢୁଆଳରେ ବିଜୟ ସିଂ ରହିଥିବା ବେଳେ ସ୍ଥାନୀୟ ଲୋକପ୍ରତିନିଧିଙ୍କ ଦୃଷ୍ଟି କ'ଣ ବିଜୟ ଉପରେ ପଡୁନାହିଁକି ? ନିର୍ବାଚନ ସମୟରେ ବିଭିନ୍ନ ରାଜନୈତିକ ଦଳ ବହୁ ପ୍ରତିଶୃତି ବିଜୟ ଦେଇଥାନ୍ତି । ମାତ୍ର ପ୍ରତିଶୃତି ହିଁ ପାଣିର ଗାର ହୋଇ ରହିଗଲା ବିଜୟଙ୍କ ଠାରେ । ନୀଳଗିରି ଉପଜିଲ୍ଲାପାଳ ଉକ୍ତ ଘଟଣାକୁ ଗୁରୁତ୍ୱ ଦେଇ ବିଜୟର ଏକ ଦିବ୍ୟାଙ୍ଗ ସାର୍ଟିଫିକେଟ କରାଇ ଭତା ଦେବାର ବ୍ୟବସ୍ଥା ସହ ଆବାସ ଘର ଟିଏ ଯୋଗାଇ ଦେବା ପାଇଁ ସାଧାରଣରେ ଦାବୀ ହୋଇଛି ।

## ଖଇରା ମହାବିଦ୍ୟାଳୟ ସଂସ୍କୃତ ବିଭାଗର ଆଲୋଚନା ଚକ୍ର



ଖଇରା, ୦୫/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ମହାବିଦ୍ୟାଳୟ ସଂସ୍କୃତ ବିଭାଗ ପକ୍ଷରୁ ସ୍ୱାଗତ ଉତ୍ସବ ଓ ଆଲୋଚନା ଚକ୍ର ସୋମବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ଅଧ୍ୟକ୍ଷ ଅରୁଣ କୁମାର ପାଢୀଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ଗୋଲାପ ଫୁଲ୍ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଶୀର୍ଷକ "ଶକୁନ୍ତଳା ନାଟକରେ ସାମାଜିକ ଦିଗ୍‌ଦର୍ଶନ"ଉପରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମହାବିଦ୍ୟାଳୟର ବିଭାଗୀୟ ମୁଖ୍ୟ ନିରଞ୍ଜନ ପଣ୍ଡା ଭିତ୍ତିପ୍ରବନ୍ଧ ପାଠ କରିଥିଲେ । ମୁଖ୍ୟ ଅତିଥି ଭାବେ ସୋର ୟୁଏନ କଲେଜ ର ବିଭାଗୀୟ ମୁଖ୍ୟ ସୁରେନ୍ଦ୍ର ପ୍ରସାଦ ଦଳେଇ ମୁଖ୍ୟ ଅତିଥି,ଇଂରାଜୀ ଅଧ୍ୟାପକ ବନମାଳି ବାରିକ ମୁଖ୍ୟବକ୍ତା, ଓଡିଆ ପ୍ରଧ୍ୟାପକ ଡ ଲକ୍ଷ୍ମଣ ଶତପଥି ସମ୍ମାନନୀୟ ବକ୍ତା ଭାବେ ଯୋଗ ଦେଇଥିଲେ । ପ୍ରଖ୍ୟାତ କବି କାଳିଦାସଙ୍କ ରଚିତ ଶଙ୍କୁନ୍ତଳା ନାଟକରେ ଦୁଷ୍ମନ୍ତ ଶଙ୍କୁନ୍ତଳା ଓ ଅନ୍ୟାନ୍ୟ ଚରିତ୍ର ଅତ୍ୟନ୍ତ ଯୁଗପୋଯୋଗୀ ସମାଜଧର୍ମୀ ବୋଲି କହିଥିଲେ । ଏହା ପ୍ରେମରେ ଶାଳିନତା ଓ ଗୋପନୀୟତା,ଜିବଜନ୍ତୁଙ୍କ ପ୍ରତି ଦୟାଭାବ, ରାଜଧର୍ମ ପାଳନରେ ପ୍ରଜାଙ୍କ ପ୍ରତି ଦରଦି ମନୋଭାବ, ବୃକ୍ଷରୋପଣ ମାଧ୍ୟମରେ ପରିବେଶ ପ୍ରତି ଉତ୍ତରଦାୟୀତ୍ୱ ପ୍ରଦର୍ଶନ ଭଳି ବାର୍ତ୍ତା ସମାଜକୁ ପ୍ରଦାନ କରୁଥିବା ନେଇ ବକ୍ତାମାନେ ଉଲ୍ଲେଖ କରିଥିଲେ । ବିଭାଗୀୟ ଅଧ୍ୟାପିକା ଚିନ୍ମୟୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜ୍ୟସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ

ଭୁବନେଶ୍ୱର, ୦୫/୧୨ (ନି.ପ୍ର): ମାଟି ପ୍ରକୃତିର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଏବଂ ମଣିଷ ତଥା ସଂପୂର୍ଣ୍ଣ ଜୀବଜଗତ ଓ ଉଦ୍ଭିଦଜଗତ ନିମନ୍ତେ ମୃତ୍ତିକା ସ୍ୱାସ୍ଥ୍ୟ ସୁରକ୍ଷାର ଏକାନ୍ତ ପ୍ରୟୋଜନ ରହିଛି । ଏହି ପରିପ୍ରେକ୍ଷୀରେ ମୃତ୍ତିକାର ସ୍ୱାସ୍ଥ୍ୟଗତ ପରିଚାଳନା ଆଜିର ଆହ୍ୱାନ ବୋଲି କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି । ସୋମବାର କୃଷିଭବନଠାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ମୃତ୍ତିକା ଦିବସରେ ଅଧ୍ୟକ୍ଷତା କରି ପ୍ରମୁଖ ଶାସନ ସଚିବ ଡ. ପାଢ଼ୀ କହିଲେ ଯେ ଚଳିତ ବର୍ଷ ବିଶ୍ୱ ମୃତ୍ତିକା ଦିବସ ପାଳନର ବିଷୟ'ମାଟି ଖାଦ୍ୟର ଜନନୀ' ରଖାଯାଇଛି । ମାଟିର ଗୁଣାତ୍ମକ ମାନର ଅବକ୍ଷୟ, ଏହାର ମଣିଷ ସମାଜ ଓ ଜୀବଜଗତ ଉପରେ ପ୍ରଭାବ ଓ ଏହାର ପ୍ରତିଷେଧକ ବ୍ୟବସ୍ଥା ସଂପର୍କରେ କୃଷକ ତଥା ଜନସାଧାରଣଙ୍କୁ ସଚେତନ କରାଇବା ଆଜି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ମାଟିର ଜୈବିକ ଗୁଣାବଳୀ କମିଯିବା ଯୋଗୁଁ ଉର୍ବରତା ମଧ୍ୟ ହ୍ରାସ ପାଇଛି । ମୃତିକା ସଂପଦ ସମ୍ମୁଖୀନ ହେଉଥିବା ବିଭିନ୍ନ ଆହ୍ୱାନଗୁଡ଼ିକର ସଫଳ ପରିଚାଳନା କରି ଜନସାଧାରଣଙ୍କ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ବିଭାଗ ପକ୍ଷରୁ ଅନେକଗୁଡ଼ିଏ ପଦକ୍ଷେପ ଗ୍ରହଣ କରାଯାଇଛି । ମୃତିକାର ଅବକ୍ଷୟ, ସଘନ ଚାଷ, ପ୍ରଦୂଷଣ, ଅସନ୍ତୁଳିତ ସାର ଓ କୀଟନାଶକ ପ୍ରୟୋଗ, ଜଳବାୟୁ ପରିବର୍ତନ ଆଦି ଯୋଗୁଁ ମୃତିକାର ସ୍ୱାସ୍ଥ୍ୟରେ ଅବନତି ଦେଖାଯିବା ଓ ମୃତିକାର ସୁପରିଚାଳନା କରି ଆବଶ୍ୟକମତେ ନିରନ୍ତର ଫସଲ ଉତ୍ପାଦନ କରିବା ଆବଶ୍ୟକ ।

## ଭାରତ ବାଂଲାଦେଶ ଶାନ୍ତିମୈତ୍ରୀ ଆଲୋଚନା ବେଶ ଫଳପ୍ରଦ ହୋଇଛି



ଢାକା, ୦୫/୧୨ (ନି.ପ୍ର): ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରଣାଳୟ, ଗୃହ ମନ୍ତ୍ରଣାଳୟ, ସଂସ୍କୃତି ମନ୍ତ୍ରଣାଳୟ ଓ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏବଂ ପଡ଼ୋଶୀ ବାଂଲାଦେଶର ଅନୁରୂପ ବିଭାଗ ପକ୍ଷରୁ ଦ୍ୱିପାକ୍ଷିକ ଆଲୋଚନା ସଂପ୍ରତି ବାଂଲାଦେଶର ରାଜଧାନୀ ଢାକା ଠାରେ ଉଭୟ ଦେଶର ସାଂସ୍କୃତିକ, ସାମାଜିକ ଓ ଅର୍ଥନୈତିକ ଭାବ ବିନିମୟ ଅନୁଷ୍ଠିତ ହୋଇଯାଇଛି । ଉଭୟ ଦେଶ ମଧ୍ୟରେ ଥିବା ଭାବଗତ, ଭୌଗଳିକ, ସାମାଜିକ, ସାଂସ୍କୃତିକ ସମ୍ପର୍କକୁ ସୁଦୃଢ଼ କରିବା କ୍ଷେତ୍ରରେ ତଥା ସାମାଜିକ ଶାନ୍ତି ମୈତ୍ରୀକୁ ସୁସ୍ଥ ଓ ସର୍ବଜନାଦୃତ କରିବା ଏହାର ଲକ୍ଷ୍ୟ । ଏହି ଲକ୍ଷ୍ୟ ସଫଳ ହେବ ବୋଲି ଆଲୋଚନାରେ ମତବ୍ୟକ୍ତ ହୋଇଥିଲା । ଦୁଇ ଦେଶର ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସମେତ ଦୁଇ ଦେଶର ବରିଷ୍ଠ ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଅଭିଜ୍ଞ ତଥା ବରିଷ୍ଠ କର୍ମକର୍ତ୍ତା ଓ ସଭ୍ୟ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ଦୁଇଦିନିଆ ଆଲୋଚନା ବେଶ ଫଳପ୍ରଦ ହେବ ବୋଲି ସଭ୍ୟମାନେ ଦୃଢ଼ ଆଶା ପୋଷଣ କରିଥିଲେ । ଭାରତ ପକ୍ଷରୁ ଏହି ୨୨ ଜଣିଆ ପ୍ରତିନିଧି ଦଳରେ ଓଡ଼ିଶାର ଶ୍ରୀ ସୁରେନ୍ଦ୍ର ଦାସ ବରିଷ୍ଠ ସାମାଜିକ ଓ ସାଂସ୍କୃତିକ ଅଭିଜ୍ଞ ସଭ୍ୟ ଭାବେ ଯୋଗ ଦେଇଥିଲେ । ଶ୍ରୀ ଦାସ, ଭାରତ ପାକିସ୍ତାନ, ଚୀନ ଓ ବ୍ରହ୍ମଦେଶ ପାଇଁ ସଦସ୍ୟ ଭାବେ ମନୋନିତ ହୋଇଛନ୍ତି ।

## ଶ୍ରୀରାମଚନ୍ଦ୍ର ଭଂଜଦେଓଙ୍କ ଜୟନ୍ତୀକୁ ସରକାରୀ ଛୁଟି ଘୋଷଣା ଦାବିରେ ଧାରଣା



ବାରିପଦା, ୦୫/୧୨ (ନି.ପ୍ର): ନବ ଉତ୍କଳର ଅନ୍ୟତମ ନିର୍ମାତା ମୟୂରଭଂଜ ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓ ଙ୍କର ଜୟନ୍ତୀ ଡିସେମ୍ବର ୧୭ ତାରିଖ କୁ ସରକାରୀ ଛୁଟି ଘୋଷଣା ଦାବୀରେ ଆଜି ଓଡିଆ ଜାଗରଣ ମଂଚ, ପ୍ରତିଶୃତି ପ୍ରତିଷ୍ଠାନ, ମୟୂରଭଂଜ ସାହିତ୍ୟ ପରିଷଦ ଏବଂ ଅନ୍ୟାନ୍ୟ ଭାଷା ସାହିତ୍ୟ ଓ ସାମାଜିକ ସଂଗଠନ ସମୁହର କର୍ମକର୍ତା ମାନେ ଜିଲ୍ଲାପାଳଙ୍କ ଅଫିସ ପରିସର ରେ ଥିବା ମହାରାଜାଙ୍କ ପ୍ରତିମୂର୍ତୀ ସମ୍ମୁଖରେ ମିଳିତ ଧାରଣା ଦେଇଥିଲେ । ମୟୂରଭଂଜ ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓଙ୍କର ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ପ୍ରମୁଖ ଭୂମିକା ରହିଥିବା ସହ ସମଗ୍ର ଓଡିଶା ତଥା ଭାରତ ବର୍ଷର ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ଏବଂ ସାଂସ୍କୃତିକ ବିକାଶ ପାଇଁ ବହୁ ଅବଦାନ ମଧରହିଛି । ଦୀର୍ଘବର୍ଷ ଧରି ଜିଲ୍ଲାବାସୀଙ୍କ ତରଫରୁ ମହାରାଜାଙ୍କ ଜନ୍ମ ଜୟନ୍ତୀ ଡିସେମ୍ବର ୧୭ ତାରିଖକୁ ସରକାରୀ ଛୁଟି ଘୋଷଣା କରିବା ପାଇଁ ଦାବୀ ହୋଇ ଆସୁଥିବା ବେଳେ, ଓଡିଆ ଜାଗରଣ ମଂଚ ପକ୍ଷରୁ ଜିଲ୍ଲା ପ୍ରସାଶନ ମାଧ୍ୟମରେ ରାଜ୍ୟ ସରକାରଙ୍କ ନିକଟରେ ବାରମ୍ବାର ଦାବୀପତ୍ର ପ୍ରଦାନ କରାଯାଇଥିଲା । ଡିସେମ୍ବର ୧୭ ମହାରାଜାଙ୍କ ଜୟନ୍ତୀ ପହଂଚି ଆସୁଥିବାରୁ ସରକାରଙ୍କ ପକ୍ଷରୁ ଅଦ୍ୟାବଧି କୌଣଷି ନିଷ୍ପତି ନିଆଯାଇ ନଥିବାରୁ ଆଜି ଧାରଣା ପ୍ରଦର୍ଶନ କରାଯାଇଥିବା ବେଳେ, ଜିଲ୍ଲାପାଳ ଆନ୍ଦୋଳନ କାରୀଙ୍କ ସହ ଆଲୋଚନା କରି ଜିଲ୍ଲା ବାସୀଙ୍କ ଭାବାବେଗ ସହ ଜଡିତ ଥିବା ଏହି ନ୍ୟାର୍ଯ୍ୟଦାବୀ ବିଷୟରେ ସରକାରଙ୍କୁ ଲେଖିସାରିଛନ୍ତି ଏବଂ ପୁଣିଥରେ ସରକାରୀ ସ୍ତରରେ ଆଲୋଚନା କରି ମହାରାଜାଙ୍କ ଜୟନ୍ତୀ ଦିବସକୁ ଛୁଟି ଘୋଷଣା କରାଯିବ ବୋଲି ପ୍ରତିଶୃତି ଦେଇ ଧାରଣାରୁ ଓହରି ଯିବାକୁ କହିବା ପରେ ଧାରଣାକୁ ଆନ୍ଦୋଳନ କାରୀ ମାନେ ସ୍ଥଗିତ ରଖିଛନ୍ତି । ଯଦି ଦାବୀ ବିଷୟରେ ସରକାର ତୁରନ୍ତ କୌଣଷି ପଦକ୍ଷେପ ନନିଅନ୍ତି ତେବେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଓଡିଆ ଜାଗରଣ ମଂଚର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ କହିଛନ୍ତି । ଆଜିର ଧାରଣା ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ମଂଚର ସଭାପତି ଡ. ଜଗତବନ୍ଧୁ ଆଚାର୍ଯ୍ୟ, ପ୍ରତିଶୃତି ପ୍ରତିଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ପଣ୍ଡିତ ଭାଗବତ ପଣ୍ଡା, ଉଦୟ ନାଥ ଜେନା, ଗୋଲୋକ ମହାନ୍ତି, ଦୋଳଗୋବିନ୍ଦ ମହାନ୍ତ, ପିତାମ୍ବର ମଲ୍ଲିକ, ଶ୍ୟାମ ସୁନ୍ଦର ଦାସ, ସୁକାନ୍ତ କୁମାର ଜୀଉ, ଆର୍ଯ୍ୟଭଟ୍ଟ ମହାନ୍ତି, ଭୋଲାଲାଲ ଗୁପ୍ତା, ସୁରେଶ କୁମାର ପାଣିଗ୍ରାହୀ, ନନ୍ଦଲାଲ ସିଂ, ଦୀପକ କୁମାର ନାୟକ, ଅଭିଜିତ ମହାନ୍ତି, ଦିଲ୍ଲିପ କୁମାର ପାତ୍ର ପ୍ରମୁଖ ବିଭିନ୍ନ ଅନୁଷ୍ଠାନର କର୍ମକର୍ତା ମାନେ ଉପସ୍ଥିତ ଥିଲେ ।

## ଦୃଷ୍ଟି ଆଢୁଆଳରେ ଦିବ୍ୟାଙ୍ଗ ଅର୍ଗାନ ବାଦକ କାହ୍ନା : ଇଛା ଥିଲେ ବି ଆଗକୁ ବଢିପାରୁନାହାଁନ୍ତି



ଖଇରା, ୦୫/୧୨ (ନି.ପ୍ର): ଶନିବାର ଥିଲା ବିଶ୍ୱ ଦିବ୍ୟାଙ୍ଗ ଦିବସ । ଦେଶରେ ଓ ଦେଶ ବାହାରେ ଏଥିପାଇଁ କେତେ ବଡ ବଡ କାର୍ଯ୍ୟକ୍ରମର ଆୟୋଜନ ଚାଲିଥିଲା । ନେତା ପ୍ରଶାସନ ଙ୍କ ଭାଷଣ ବାଜିରେ ମଞ୍ଚ କମ୍ପୁଥିଲା । ଦିବ୍ୟାଙ୍ଗଙ୍କ ପାଇଁ ବହୁମୁଖି ଯୋଜନା ବିଷୟରେ ନେତା ମାନେ ବଖାଣି ଚାଲିଥିଲେ । ଟିଭି ପରଦାରେ ଦିବ୍ୟାଙ୍ଗଙ୍କ ଜିବନ ଜିବିକାକୁ ନେଇ ଅନେକ ବିତର୍କ ମଧ୍ୟ ଚାଲିଥିଲା । ହେଲେ ମନ ଦୁଃଖ ମନରେ ମାରି ଘରେ କେଉଁ ଏକ ଅନ୍ଧାର କୋଣରେ ବସି ରହିଥିଲେ ଜନ୍ମରୁ ଦିବ୍ୟାଙ୍ଗ ପାଲଟିଥିବା କରୁଣାକର ମହାନ୍ତି(୩୭) ।ବାଲେଶ୍ୱର ଜିଲା ସିଙ୍ଗିଡି ଗ୍ରାମରେ କାହ୍ନାଭାବେ ବୋଲକରା ଏହି ଅନ୍ଧ ଯୁବକ ଜଣକ ଜଣେ ଅର୍ଗାନ ବାଦକ ଭାବେ ସ୍ଥାନୀୟ ଅଞ୍ଚଳରେ ଦେଶ ପରିଚିତି ଲାଭ କରିଥିବା ବେଳେ ତାଙ୍କର ଛୋଟ ଅର୍ଗାନଟି ବହୁ ଦିନରୁ ଖରାପ ହୋଇ ପଡିଛି । ଏବଂ ତାଙ୍କ ପାଖରେ ଅର୍ଥନଥିବାରୁ ବଡଧରଣର ନୂଆ ଅର୍ଗାନ ଟିଏ କିଣିବାକୁ ଇଛାଥିଲେ ମଧ୍ୟ କିଣି ପାରୁନଥିବାରୁ ତାଙ୍କ ମନ ଦୁଃଖର କାରଣ ବୋଲି କଥାବାର୍ତ୍ତା ବେଳେ ଜଣା ପଡିଥିଲା । ଗାଁ ଗହଳିରେ ପରିବେଷିତ ଭଜନ ସଂଧ୍ୟା ହେଉ କି ଯାତ୍ରା ପରିବେଷଣ ହେଉ ଅର୍ଗାନ ସାଙ୍ଗକୁ ତବଲାରେ ନିଜ ପାରଦର୍ଶୀତା ଦେଖାଇ ଆସୁଥିବା କାହ୍ନାର ଆଗକୁ କିଛି ବଡକରି ଦକ୍ଷତା ଦେଖାଇବାକୁ ଭାରି ଇଛାଥିଲେ ଥିଲେ ହେଁ ନିଜର ପରିବାରର ଆର୍ଥୀକ ଦୁରାବସ୍ଥା ପ୍ରତି ମୂହୁର୍ତ୍ତରେ ତାଙ୍କୁ ପଛକୁ ଟାଣୁଛି । ଏଥିପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ନିଜର ଗୁହାରି କରିବାକୁ ନିଷ୍ପତ୍ତି ନେଇଛନ୍ତି । ଜଣେ ଦିବ୍ୟାଙ୍ଗର କଣ ସ୍ୱାଧିନ ଭାବେ ବଞ୍ଚିବାର ଅଧିକାର ନାହିଁକି ବୋଲି ଚିଠିରେ ଉଲ୍ଲେଖ କରି ଜଣାଇବେ ବୋଲି କହିଛନ୍ତି । ଘରେ ଅଳ୍ପ କିଛି ଜମିବାଡି ଥିବା ବେଳେ ୫ଭଉଣୀ ବାହାଘର ଓ ତାର ଏବଂ ସାନ ଭାଇର ଚଳନି ପାଇଁ ତାହା ପର୍ଯ୍ୟାପ୍ତ ନଥିବା ବେଳେ ତାଙ୍କ ପାଇଁ ବାଦ୍ୟଯନ୍ତ୍ର କିଣିବା ବାପା ଦୈତାରୀଙ୍କ ପାଇଁ ସ୍ୱପ୍ନ ହୋଇ ଯାଇଛି । ତାଙ୍କୁ ସହଯୋଗର ହାତ ବଢାଇବାକୁ ଦାବି ହୋଇଛି ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ

ଭଦ୍ରକ, ୦୫/୧୨ (ନି.ପ୍ର): ଜୀବଜଗତ ପାଇଁ ମାଟି ପ୍ରକୃତିର ଏକ ଅମୂଲ୍ୟଦାନ । ମାଟି ବିନା ଆମର ଅସ୍ତିତ୍ୱ ବି କଳ୍ପନା କରାଯାଇପାରିବ ନାହିଁ । କେବଳ ମଣିଷ ନୁହେଁ ମାଟି ଅସଂଖ୍ୟ ଜୀବଜନ୍ତୁଙ୍କ ଆଶ୍ରୟସ୍ଥଳୀ । ଖାଦ୍ୟ, ଜଳ, ବସ୍ତ୍ର, ବାସଗୃହ, ଔଷଧ ଆଦି ଆମର ଜୀବନ ଧାରଣ ପାଇଁ ସମସ୍ତ ଉପାଦାନ ଦେଇ ମା'ପରି ଆମକୁ ପାଳୁଥିବା ମାଟି ପ୍ରତି ଆମର ଅପରିଣାମଦର୍ଶିତା ସମାଜ ପାଇଁ କିପରି ହାନିକାରକ ହେବାକୁ ଯାଉଛି ଏ ବିଷୟରେ ତତ୍ତ୍ୱ ଓ ତଥ୍ୟମୂଳକ ଆଲୋଚନା ରଖିଥିଲେ ଆଜିର ଭଦ୍ରକ ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ କୃଷି ବିଜ୍ଞାନ କେନ୍ଦ୍ର ଭଦ୍ରକର ମିଳିତ ଆନୁକୂଲ୍ୟରେ ଆଜି ଜିଲ୍ଲା ସଂସ୍କୃତି ଭବନରେ ଆୟୋଜିତ ହୋଇଥିବା ବିଶ୍ୱ ମୃତ୍ତିକା ଦିବସ ପାଳନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଜିଲ୍ଲାପରିଷଦର ସଭାପତି ପ୍ରଫୁଲ୍ଲ କୁମାର ଜେନା । ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ ଓ ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ଼ା. ଶୁଭେନ୍ଦୁ ମୋହନ ମିଶ୍ର, ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ କନ୍ଦ ଜେନା, କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ କୃଷି ବୈଜ୍ଞାନିକ ଡ଼. ଅରବିନ୍ଦ ଦାସ, ଆର୍.ଆର୍.ଟି.ଟି.ଏସ୍‌ର ସହକାରୀ ନିର୍ଦ୍ଦେଶକ ଡ଼.ଭଗବାନ କବାଟ । ମୁଖ୍ୟ କୃଷି ଅଧିକାରୀ ତରୁଣ କୁମାର ଛୋଟରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସହକାରୀ କୃଷି ନିର୍ଦ୍ଦେଶକ ଶ୍ରୀଧର ଦାସ । ଏହି ଦିବସ ପାଳନ ଅବସରରେ ମୃତ୍ତିକା ସୁରକ୍ଷା, ସୁସ୍ଥ ମୃତ୍ତିକାର ଆବଶ୍ୟକତା ଆଦି ସମ୍ବନ୍ଧରେ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ଚଳିତ ବର୍ଷ ଆଲୋଚନା ପାଇଁ "ଯେଉଁଠି ମାଟି ସେଇଠୁ ଉତ୍ପାଦନ" ର ଆରମ୍ଭ ଶୀର୍ଷକ ବିଷୟ ଉପରେ କୃଷି ବୈଜ୍ଞାନିକମାନେ ସାରଗର୍ଭକ ଉପସ୍ଥାପନ ରଖିଥିଲେ । କାର୍ଯ୍ୟକ୍ରମରେ ଉପସ୍ଥିତ ଚାଷୀ, ଛାତ୍ରଛାତ୍ରୀ, ସଂପୃକ୍ତ ବିଭାଗୀୟ ଅଧିକାରୀ କର୍ମଚାରୀମାନଙ୍କ ମଧ୍ୟରେ ସଚେତନତା ଉଦ୍ଦେଶ୍ୟରେ ମାଟିର ସ୍ୱାସ୍ଥ୍ୟ ରକ୍ଷା ଆମ ପାଇଁ କେତେ ଜରୁରୀ ଓ ସେ ଦିଗରେ ଆମ ସମସ୍ତଙ୍କର ଭୂମିକାକୁ ବିସ୍ତୃତ ଭାବେ ବୁଝାଇଥିଲେ ।

## ଷ୍ଟେ-ଫିଟ ଓ ହସ ପରିବାର ପକ୍ଷରୁ କୁସ୍ତି ଖେଳାଳିଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର, ୦୫/୧୨ (ନି.ପ୍ର): ପୁରୀ ଠାରେ ଆୟୋଜିତ ରାଜ୍ୟସ୍ତରୀୟ କୁସ୍ତି ପ୍ରତିଯୋଗିତାରେ ସଫଳ ହୋଇଥିବା ବାଲେଶ୍ୱର ସହରର ଦୁଇ କୃତି ଖେଳାଳି ସୌମ୍ୟା ବାରିକ ଓ ଇଂ ଜ୍ୟୋତିରଞ୍ଜନ ସାହୁଙ୍କୁ ଷ୍ଟେ-ଫିଟ୍ ଜିମ୍ ଏବଂ ହସ ପରିବାର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଦୁଇ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିବା ସହିତ କ୍ରୀଡ଼ା କ୍ଷେତ୍ରରେ ବାଲେଶ୍ୱରର ସମ୍ଭାବନା ସମ୍ପର୍କରେ ଆଲୋଚନା କରିଥିଲେ । କୁସ୍ତି ଭଳି ପୁରାତନ ଖେଳରେ ଅଂଶଗ୍ରହଣ ସହ ସଫଳତା ପାଇ ସୌମ୍ୟା ଓ ଜ୍ୟୋତିରଞ୍ଜନ ସମଗ୍ର ବାଲେଶ୍ୱର ଜିଲ୍ଲା ପାଇଁ ଗୌରବ ଆଣି ପାରିଛନ୍ତି ବୋଲି ସେ କହିଛନ୍ତି । ଅବସରପ୍ରାପ୍ତ ପୁଲିସ ଅଧିକ୍ଷକ ତଥା ସ୍ଥାୟୀ ଲୋକ ଅଦାଲତ ସଦସ୍ୟ ସନ୍ତୋଷ କୁମାର ନାୟକ, ଅବସରପ୍ରାପ୍ତ ଅତିରିକ୍ତ ପୋଲିସ ଅଧିକ୍ଷକ କୈଳାସ ଚନ୍ଦ୍ର ପରିଡା, ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ସ୍ଥାନୀୟ କାଉନସିଲର ତଥା ବାଲେଶ୍ୱର ଆଥଲେଟିକ ଆସୋସିଏସନର ସହ ସମ୍ପାଦକ ପଦ୍ମଲୋଚନ ଲେଙ୍କା, ଆସୋସିଏସନର ଉପ-ସଭାପତି ବସନ୍ତ ମହାନ୍ତି, ହସ ପରିବାରର ସଭାପତି ଗୋପାଳ ଜେନା ପ୍ରମୁଖ ଏଥିରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ଦୁଇ ଖେଳାଳିଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ବାଲେଶ୍ୱର ସହରରେ କ୍ରୀଡ଼ାଭ୍ୟାସରେ ଉପୁଜିଥିବା ସମସ୍ୟା ଓ ତା'ର ନିରାକରଣ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ । ରାଜ୍ୟସ୍ତରୀୟ କୁସ୍ତି ପ୍ରତିଯୋଗିତା ପାଇଁ ଖେଳାଳିଙ୍କୁ ପ୍ରସ୍ତୁତ କରାଇବାରେ ଷ୍ଟେ-ଫିଟ୍ ଜିମ୍‌ର ଉଦ୍ୟମ ବାସ୍ତବିକ ପ୍ରଶଂସନୀୟ ବୋଲି ସେମାନେ କହିଥିଲେ । ଷ୍ଟେ-ଫିଟ୍ ଜିମ୍‌ର ମୁଖ୍ୟ ମନୋଜ ଦାସ ଏଥିରେ ସଭାପତିତ୍ୱ କରିଥିଲେ । ବରିଷ୍ଠ ସାମ୍ବାଦିକ ତଥା ଷ୍ଟେ-ଫିଟ୍ ଜିମ୍‌ର ସଦସ୍ୟ ଶିବଦାସ କୁଣ୍ଡୁ ଏଥିରେ ଅତିଥି ପରିଚୟ ପ୍ରଦାନ କରିଥିଲେ । ଗତ ନଭେମ୍ବର ୩୦ ତାରିଖରୁ ଡିସେମ୍ବର ୨ ତାରିଖ ପର୍ଯ୍ୟନ୍ତ ପୁରୀର ପଞ୍ଚମୁଖୀ ଜିମ୍‌ନାସିୟମ୍ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ କୁସ୍ତି ପ୍ରତିଯୋଗିତାରେ ବିଭିନ୍ନ ବର୍ଗରେ ସୌମ୍ୟା ଓ ସୌମ୍ୟରଞ୍ଜନ ଦ୍ୱିତୀୟ ହୋଇଥିଲେ ।

# ୨୨ ତମ ଭଦ୍ରକ ପୁସ୍ତକମେଳା ଉଦ୍‌ଯାପିତ



ଭଦ୍ରକ, ୦୫/୧୨ (ନି.ପ୍ର): ଅଧୁନା ପୃଥିବୀର ଚିନ୍ତା ଜଗତରେ ଯେଉଁ ଅଭୁତପୂର୍ବ ପରିବର୍ତ୍ତନ ସଂଘଟିତ ହେଉଛି, ସେଥିପାଇଁ ବ୍ୟାପକ ଅଧ୍ୟୟନ ହିଁ ଜରୁରୀ । ଇଣ୍ଟରନେଟର ବହୁଳ ବ୍ୟବହାର ଯୋଗୁଁ ପୁସ୍ତକ ଅଧ୍ୟୟନ ଓ କ୍ରୟବିକ୍ରୟର ପ୍ରବଣତା ଆମ ନୂଆପିଢିଙ୍କଠାରେ ଊଣା ହୋଇଥିଲେ ମଧ ମୌଳିକ ପୁସ୍ତକର କୌଣସି ବିକଳ୍ପ ନାହିଁ । ବ୍ୟକ୍ତି ମନରେ ପଠନପିପାସା ଜଗାଇ ଜାତୀୟ ସ୍ରୋତରେ ସାମିଲ କରାଇବା ପୁସ୍ତକମେଳାର ଆହ୍ୱାନ ବୋଲି ସନସାଇନ ମିଶନ ସ୍କୁଲ୍ ନିକଟସ୍ଥ ମନମୋହନ ସଂଗୀତ ପରିଷଦ ପଡ଼ିଆରେ ନଭେମ୍ବର ୨୫ ତାରିଖରୁ ଆରମ୍ଭ ହୋଇଥିବା ୨୨ ତମ 'ଭଦ୍ରକ ପୁସ୍ତକମେଳା'ର ଉଦଯାପନୀ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ପୁସ୍ତକମେଳା କମିଟି ସଭାପତି ଅଜୟ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ 'ଜଗତୀକରଣ ଦ୍ୱାରରେ ପୁସ୍ତକ ଓ ପତ୍ରପତ୍ରିକା' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଭେଷଜ ବିଶେଷଜ୍ଞ ଡାକ୍ତର ରବୀନ୍ଦ୍ର କୁମାର ନାୟକ ଯୋଗଦେଇ ପୁସ୍ତକ ସର୍ବଦା ସମାଜ, ସଭ୍ୟତା ଓ ସଂସ୍କୃତିର ଜାଗ୍ରତ ପ୍ରହରୀ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଭଦ୍ରକ ମହିଳା ମହାବିଦ୍ୟାଳୟ ଅଧ୍ୟାପକ ଡକ୍ଟର ଅଭୟ କୁମାର ଦାସ ମଣିଷର ଭାବ ଓ ଜାତିର ଭାଷାକୁ ପୁସ୍ତକ ଓ ପତ୍ରପତ୍ରିକା ହିଁ ଜୀବନ୍ୟାସ ଦିଏ ବୋଲି ପ୍ରକାଶ କରିଥିଲେ । ବରେଣ୍ୟ ଅତିଥି ଭାବେ ଅଖିଳମୋହନ ପାଢୀ ଯୋଗଦେଇ ମୁଖ୍ୟ ଅତିଥି ଡାକ୍ତର ନାୟକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ଡକ୍ଟର ରାଧାବିନୋଦ ନାୟକଙ୍କୁ 'ପ୍ରେମ ପୃଥିବୀ'ର ସମ୍ପାଦକ କୈଳାସ ପଣ୍ଡା ସମ୍ବର୍ଦ୍ଧନା ପ୍ରଦାନ କରିଥିବା ବେଳେ ଡକ୍ଟର ଶୈଳେନ୍ଦ୍ର ମହାପାତ୍ରଙ୍କୁ ଡାକ୍ତର ଦୁର୍ଯ୍ୟୋଧନ ଦାସ ଓ ଡକ୍ଟର ମନୀନ୍ଦ୍ର ମହାନ୍ତିଙ୍କୁ ପ୍ରାଧ୍ୟାପକ ମନୋଜ କୁମାର ସ୍ୱାଇଁ ସମ୍ମାନିତ କରିଥିଲେ । ପୁସ୍ତକମେଳା କମିଟି ସଂପାଦକ ରୂପକ ବିହାରୀ ରାୟ ବିବରଣୀ ପ୍ରଦାନ କରିଥିଲେ ଓ ଅଧ୍ୟାପକ ଦତ୍ତାତ୍ରେୟ ଦାସ ସ୍ୱାଗତ ଭାଷଣ ଦେଇଥିଲେ । ଡକ୍ଟର ମମତା ସାହୁଙ୍କ ସଭାପତିତ୍ୱରେ ଅପରାହ୍ଣରେ ଅନୁଷ୍ଠିତ କବିତା ପାଠୋତ୍ସବରେ ମୁଖ୍ୟବକ୍ତା ଭାବେ ଦୀପ୍ତିମୟୀ ସାହୁ, ସଂଯୋଜିକା ଭାବେ ମନୋରମା ରାୟ ଓ ଚୈତାଳୀ ଖିଲାର ଯୋଗ ଦେଇଥିଲେ ।

# କପ୍ତିପଦା ଭିନ୍ନକ୍ଷମ ମଞ୍ଚ ତରଫରୁ ଧାରଣା



ଉଦଳା, ୦୫/୧୨ (ନି.ପ୍ର): ୯ଦଫା ଦାବୀ ନେଇ କପ୍ତିପଦା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆଜି ଡ଼ିସେମ୍ବର ୫ ତାରିଖ ସୋମବାର ଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଭିନ୍ନକ୍ଷମ ମଞ୍ଚ ତରଫରୁ ଧାରଣାର ପର୍ବ ଆରମ୍ଭ ହୋଇଛି । ଭିନ୍ନକ୍ଷମ ମଞ୍ଚର ସଭାପତି ମନୋରଂଜନ ଜେନା ଏହାର ନେତୃତ୍ୱ ନେଇଥିବା ବେଳେ ଦାବୀ ଗୁଡ଼ିକ ମଧ୍ୟରେ ଭିନ୍ନକ୍ଷମ ଭତ୍ତା ୫୦୦ଟଙ୍କାରୁ ପରିବର୍ତ୍ତନ କରି ୫୦୦୦ଟଙ୍କା କରାଯାଉ । ପ୍ରତିଜନସେବା ଦିବସ ଦିନ ସମସ୍ତ ଭତ୍ତା ପ୍ରଦାନ କରାଯାଉ । ଯୋଗ୍ୟ ଭିନ୍ନକ୍ଷମ ହିତାଧିକାରୀଙ୍କୁ ଚିହ୍ନଟ କରି ଅନ୍ତଦ୍ୱୟ ଯୋଜନାରେ ସାମିଲ କରାଯାଉ । ଯୋଗ୍ୟ ଭିନ୍ନକ୍ଷମ ହିତାଧିକାରୀଙ୍କୁ ତୁରନ୍ତ ବାସଗୃହ ପ୍ରଦାନ କରାଯାଉ । ସେହିପରି ଭୂମିହୀନ ହିତାଧିକାରୀଙ୍କୁ ତୁରନ୍ତ ଘରବାରୀ ପଟ୍ଟା ପ୍ରଦାନ କରାଯାଉ । ଭିନ୍ନକ୍ଷମ ମାନଙ୍କୁ ନିମ୍ନ ମାନର ଉପକରଣ ପ୍ରଦାନ ନକରି ଉଚିତ ମୂଲ୍ୟରେ ସଠିକ ଉପକରଣ ପ୍ରଦାନ କରାଯାଉ । ବ୍ଲକରେ ଥିବା ସମସ୍ତ ଭିନ୍ନକ୍ଷମ ମାନଙ୍କୁ ନେଇ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଉ । ଅଧ୍ୟୟନ କରୁଥିବା ଭିନ୍ନକ୍ଷମ ଛାତ୍ର ଛାତ୍ରୀ ମାନଙ୍କୁ ବାଣିଶ୍ରୀ ଭତ୍ତା ପ୍ରଦାନ କରାଯାଉ ପ୍ରଭୃତି ଦାବୀ ରହିଛି । ଆନ୍ଦୋଳନକୁ ସଫଳ କରିବା ପାଇଁ ମଞ୍ଚର ସଂପାଦକ ସଂଜୟ ସ୍ୱାଇଁ, ପ୍ରଦୀପ ପଟ୍ଟନାୟକ, ଭାନୁଚରଣ ଦାସ, ରାଜେନ୍ଦ୍ର ନାୟକ, ମୂଷା ବେହେରା, ସୁପ୍ରଭା ମଞ୍ଜରୀ ସାହୁ, ପୂର୍ଣ୍ଣିମା ଦାସ ପ୍ରମୁଖ ସହଯୋଗ କରୁଛନ୍ତି ।

# ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ସଂଘ ବୈଠକ

ବାଲେଶ୍ୱର, ୦୫/୧୨ (ନି.ପ୍ର): ଆସନ୍ତା ୯ ତାରିଖ ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘର ନେତୃତ୍ୱରେ ରାଜଧାନୀରେ ହେବାକୁ ଯାଉଥିବା ମିଳିତ ବିକ୍ଷୋଭ ସମାବେଶକୁ ସଫଳ କରିବା ପାଇଁ ବାଲେଶ୍ୱର ଜିଲା କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି । ସହରର ପଦ୍ମାପଦା ସ୍ଥିତଏଆଇଟିୟୁସି ସଭାଗୃହରେ ଆୟୋଜିତ ବୈଠକରେ ବରିଷ୍ଠ ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ ଅଧକ୍ଷତା କରିଥିଲେ ।ଏଆଇଟିୟୁସି ରାଜ୍ୟ ଉପ-ସଭାପତି ତଥା ସିପିଆଇର ରାଜ୍ୟ ସଂପାଦକ ଅଭୟ ସାହୁ ଏହି ବୈଠକରେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଶ୍ରମଜୀବୀ ବିରୋଧୀ ନୀତିକୁ ଦୃଢ଼ ସମାଲୋଚନା କରିଥିଲେ । ଅଧିକ ସଂଗଠିତ ହୋଇ ମିଳିତ ଆନ୍ଦୋଳନକୁ କରିବା ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଏଆଇଟିୟୁସିର ଉପ-ସଭାପତି ସାଥୀ ନିରଞ୍ଜନ ବାରିକ ଓ ଜିଲ୍ଲା ସଂପାଦକ ଶ୍ୟାମସୁନ୍ଦର ଜେନା ଓ ବରିଷ୍ଠ ବାମପନ୍ଥୀ ନେତା କୈଳାସ ପଣ୍ଡା ଓ ସଂଘର ଜିଲ୍ଲା ସଂପାଦିକା ଗୌରୀ ଦାସ ପ୍ରମୁଖ ଏଥିରେ ଯୋଗଦେଇ ଐକ୍ୟବଦ୍ଧ ସଂଗ୍ରାମ ଉପରେ ଗୁରୁତ୍ୱାରୋପ କରିଥିଲେ । ମାସିକ ସର୍ବନିମ୍ନ ୨୧ ହଜାର ଟଙ୍କା ବେତନ, ଅବସର ପରେ ପେନ୍‌ସନ୍ ଓ ସାମାଜିକ ସୁରକ୍ଷା, ଶିଶୁ ଓ ଗର୍ଭବତୀ ମହିଳାମାନଙ୍କୁ ସଠିକ୍ ମାନର ଖାଦ୍ୟ, ବଜାର ଦରରେ ସଂଶୋଧିତ ମୂଲ୍ୟ ତାଲିକା, ଅଧିକ କାମକୁ ଅଧିକ ପାରିଶ୍ରମିକ, ପଦୋନ୍ନତି ପ୍ରଭୃତି ଦାବିରେ ଆସନ୍ତା ୯ ତାରିଖରେ ଆୟୋଜନ ହେବାକୁ ଥିବା ମିଳିତ ଆନ୍ଦୋଳନକୁ ସଫଳ କରିବା ପାଇଁ ସେମାନେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ବିଭିନ୍ନ ବ୍ଲକ୍ ଓ ଜିଲ୍ଲା କମିଟି ପକ୍ଷରୁ ଆରତୀ ଦାସ ମହାପାତ୍ର, ରେଣୁବାଳା ପାତ୍ର, କାଞ୍ଚନ ଦାସ, ରାଧାରାଣୀ ପଣ୍ଡା, ଅନସୂୟା ଦଳେଇ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ସଂଯୁକ୍ତା ସିଂହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ମିଳିତ ଜନ ଶୁଣାଣିରେ ୧୭ଟି ଅଭିଯୋଗ



ଭଦ୍ରକ, ୦୫/୧୨ (ନି.ପ୍ର): ଜିଲ୍ଲାପାଳ ଭଦ୍ରକଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନ ଶୁଣାଣି ଶିବିରରେ ଆଜି ଉପସ୍ଥିତ ୧୭ଜଣ ଆବେଦନକାରୀ ମାନଙ୍କର ଅଭିଯୋଗ ଶୁଣାଣି କରାଯାଇଥିଲା । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍.ପି. ଚରଣ ସିଂ ମୀନା ଏହି ଶିବିରରେ ଯୋଗ ଦେଇ ଶୁଣାଣି କରିଥିଲେ । ୧୭ଟି ଅଭିଯୋଗ ମଧ୍ୟରେ ୩ଟି ବ୍ୟକ୍ତିଗତ ଓ ୧୪ଟି ସାମୂହିକ ସମସ୍ୟାଭିତ୍ତିକ ଅଭିଯୋଗ ଥିଲା । ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ, ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା ସନ୍ତୋଷ କୁମାର ପାତ୍ର ମଧ ଏହି ଶିବିରରେ ଯୋଗ ଦେଇଥିଲେ । ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀମାନେ ଏହି ଶିବିରରେ ଉପସ୍ଥିତ ରହି ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ । ଅଭିଯୋଗ ମଧ୍ୟରେ ୨ଟି ରେଡ୍‌କ୍ରସ୍ ସମ୍ବନ୍ଧୀୟ ଥିଲା । ଜଣେ ଦୃଷ୍ଟି ବାଧିତ ଆବେଦନକାରୀଙ୍କୁ ପାଠ ପଢ଼ିବାପାଇଁ ୧୦,୦୦୦ ଟଙ୍କା, ଜଣେ ଦିବ୍ୟାଙ୍ଗ ଆବେଦନକାରୀଙ୍କୁ ଔଷଧ କ୍ରୟ ପାଇଁ ୫୦୦୦ ଟଙ୍କାର ରେଡ଼କ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ଜିଲ୍ଲାପାଳ ମଂଜୁର କରିଥିଲେ । ଗୋଟିଏ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ସହାୟକ ଜିଲ୍ଲାପାଳ ବସନ୍ତ କୁମାର ଲେଙ୍କା ଅଭିଯୋଗ ଉପସ୍ଥାପନାରେ ସହଯୋଗ କରିଥିଲେ ।

# ମହିଳାଙ୍କ ପ୍ରତି ଘରୋଇ ହିଂସା ନିରୋଧ ସପ୍ତାହ ପାଳିତ




ଉଦଳା, ୦୫/୧୨ (ନି.ପ୍ର): ଉଦଳା ସହର ସ୍ଥିତ ସ୍ୱଧାର ଗୃହ ପରିସରରେ ମହିଳାଙ୍କ ପ୍ରତି ଘରୋଇ ହିଂସା ନିରୋଧ ସପ୍ତାହ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଉଦଳା ଏନ୍ ଏ ସି ର ଅଧକ୍ଷା ପ୍ରମିଳା ପଣ୍ଡା ଯୋଗଦେଇ କହିଥିଲେ ଯେ ସାଧାରଣତଃ ଘରୋଇ ହିଂସା ମହିଳା ମାନଙ୍କ ଦ୍ୱାରା ଏବଂ ମହିଳା ମାନଙ୍କ ଉପରେ ହୋଇଥାଏ । ପ୍ରତ୍ୟେକ ମହିଳା ଯଦି ସ୍ନେହ, ମମତା ଦ୍ୱାରା ପରିବାରର ସଦସ୍ୟ ମାନଙ୍କ ହୃଦୟ ଯିଣିବାକୁ ଚେଷ୍ଟା କରନ୍ତେ ତାହାହେଲେ ଏ ସମସ୍ୟା ବହୁପରିମାଣରେ କମିଯାଆନ୍ତା । ମୁଖ୍ୟ ବକ୍ତା ଭାବରେ ଉଦଳା ଜେଲ୍ ର ଜଲର୍ ଅଜୟ କୁମାର ଗୁରୁ ଯୋଗଦେଇ କହିଲେ ଯେ ମହିଳା ମାନେ ନିଜକୁ ଦୁର୍ବଳ ନଭାବି ସମସ୍ୟା କୁ ସାମ୍ନା କରି ଦୃଢମନା ହୋଇ ବିଭିନ୍ନ କ୍ଷେତ୍ର ରେ ଆଗକୁ ବଢିବା ଉଚିତ୍ । ୩ନଂ ୱାର୍ଡ ର କାଉନ୍ସିଲର୍ ବିଶ୍ୱରଞ୍ଜନ ମୋଦି ଏଥିରେ ଅଧକ୍ଷତା କରିଥିବା ବେଳେ ଅନୁଷ୍ଠାନର କାଉନ୍ସିଲର୍ ସୁଷମା ସିଂ ମଞ୍ଚ ପରିଚାଳନା କରୁଥିଲେ । ପରିଶେଷରେ ବାସନ୍ତି ହେମ୍ବ୍ରମ୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଅଧ୍ୟକ୍ଷା ଶ୍ରୀମତୀ ପଣ୍ଡା ଅନ୍ତ ବାସୀ ମାନଙ୍କର ସମସ୍ୟା ପଚାରି ବୁଝିବା ସହିତ ସେମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

## ଗୋପାଳଗାଁ ଶିରିଡ଼ି ସାଇ ମନ୍ଦିର ବାର୍ଷିକ ଉତ୍ସବ

ବାଲେଶ୍ୱର, ୦୫/୧୨ (ନି.ପ୍ର): ବାଲେଶ୍ୱର ସହରର ଗୋପାଳଗାଁ ସ୍ଥିତ ଶିରିଡ଼ି ସାଇ ମନ୍ଦିରର ବାର୍ଷିକ ଉତ୍ସବ ଦିବସବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପାଳିତ ହୋଇଯାଇଛି । ଓମ ଶ୍ରୀ ଶିରିଡ଼ି ସାଇ ମହିମା ସଂସ୍ଥାନ ପକ୍ଷରୁ ସକାଳେ ବିଶେଷ ରୀତିନୀତିରେ ପୂଜାର୍ଚ୍ଚନା ସହ ଏକ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଥିଲା । ପ୍ରାତଃକାଳରେ ପ୍ରଥମେ ସାଇ ବାବାଙ୍କ ସ୍ନାନ ପରେ ଆଳତୀ କରାଯାଇଥିଲା । ମନ୍ଦିରରେ ସାଇଭକ୍ତମାନେ ବେଶ୍ ଭକ୍ତି ଓ ଶ୍ରଦ୍ଧାର ସହ ବାବାଙ୍କୁ ଆରଧନା କରୁଥିବା ଦେଖିବାକୁ ମିଳିଥିଲା । ପରେ ଘୃତାହୁତି ଯଜ୍ଞ ସମେତ ସାଇ ପାରାୟଣ, ୧୦୦୮ ନାମଯଜ୍ଞ ପ୍ରଭୃତି ଅନୁଷ୍ଠିତ ହୋଇଥିଲା ।ଏହି ଅବସରରେ ଭଜନ, କୀର୍ତ୍ତନ, ପ୍ରବଚନ କାର୍ଯ୍ୟକ୍ରମ ଆଦି ଆୟୋଜିତ ହୋଇଥିଲା । ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ବାବାଙ୍କୁ ସ୍ମରଣ କରିଥିଲେ । ଏହି ଅବସରରେ ଆୟୋଜିତ ସାମୂହିକ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ । ସାଇମନ୍ଦିରର ପରିଚାଳନା କମିଟିର ସଦସ୍ୟ ଅମର କୁମାର ମହାନ୍ତି, ନିକୁଞ୍ଜ ମହାନ୍ତି, ଶ୍ୱେତ କୁମାର ମହାପାତ୍ର, ଶିରିଶ କୁମାର ଜେନା, ଜୟନ୍ତ କୁମାର ମହାନ୍ତି, ନିରୋଦ ମହାନ୍ତି, ପ୍ରଶାନ୍ତ କୁମାର ମହାନ୍ତି, ରମେଶ ଦାସ, ପ୍ରଦୀପ ଦାସ, ରାମକୃଷ୍ଣ ଧଳ, ଚିତ୍ତରଂଜନ ଔଝା ପ୍ରମୁଖ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ ।

# ବନ୍ଦେ ଉତ୍କଳ ଜନନୀ ରାଜ୍ୟ ସଙ୍ଗୀତ ଇତିହାସ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, ୦୫/୧୨ (ନି.ପ୍ର): ୨୦୨୦ ମସିହା ଜୁନ ମାସ ୭ ତାରିଖ ଦିନ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତକୁ ରାଜ୍ୟ ସଙ୍ଗୀତ ମାନ୍ୟତା ମିଳିଥିଲା । ଏହା ପୁର୍ବରୁ ୧୯୯୪ ମସିହା ଡିସେମ୍ବର ମାସ ୨୧ ତାରିଖ ଦିନ ଠାରୁ ବିଧାନ ସଭାରେ ମର୍ଯ୍ୟଦାର ସହିତ ପ୍ରଥମେ ଗାନ କରାଯାଇଥିଲା । ଏହି ୧୯୯୪ ମସିହାରୁ ୨୦୨୦ ମସିହା ପର୍ଯ୍ୟନ୍ତ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତକୁ ରାଜ୍ୟ ସଙ୍ଗୀତ ମାନ୍ୟତା ପାଇଁ ବହୁ ସଂଗ୍ରାମ କରାଯାଇଥିଲା । ଏହି ସବୁ ତଥ୍ୟ ସମ୍ବଳିତ ରାଜ୍ୟ ସଙ୍ଗୀତର ଇତିହାସ ପୁସ୍ତକକୁ ଆଜି ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଉନ୍ମୋଚନ କରିଛନ୍ତି । ଉନ୍ମୋଚନ ପରେ ଶ୍ରୀ ପଟ୍ଟନାୟକ ପ୍ରଥମ ତିନି ଖଣ୍ଡ ପୁସ୍ତକ ଗାନ୍ଧୀବାଦି ନେତା, ଲେଖକ ଓ ସ୍ତମ୍ଭକାର ପଦ୍ମ ଚରଣ ନାୟକ, ପୁର୍ବତନ ମନ୍ତ୍ରୀ ତଥା ଲେଖକ ପଂଚାନନ କାନୁନଗୋ ଓ ବନ୍ଦେ ଉତ୍କଳ ଜନନୀର ରଚୟୀତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଦାୟଦ ଗୁରୁ କଲ୍ୟାଣ ମହାପାତ୍ରଙ୍କୁ ପ୍ରଦାନ କରିଥିଲେ ।

# ଶିକ୍ଷାବିତ୍ ଭାସ୍କର ଅଗସ୍ତୀଙ୍କ ୮୨ତମ ଜୟନ୍ତୀରେ ସାଧନାଗୃହ 'ବାଞ୍ଛାବଟ' ଉଦ୍‌ଘାଟିତ



ବାଲେଶ୍ୱର, ୦୫/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ବାହାନଗା ବ୍ଲକ୍ ଅନ୍ତର୍ଗତ ପ୍ରସିଦ୍ଧ ଅଭଣା ଗ୍ରାମର 'ନୀଳଉପତ୍ୟକା' ଗ୍ରନ୍ଥର ରଚୟିତା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସୁଲେଖକ ତଥା ଶିକ୍ଷାବିତ୍ ଭାସ୍କର ଚନ୍ଦ୍ର ଅଗସ୍ତୀଙ୍କ ସାଧନାଗୃହ 'ବାଞ୍ଛାବଟ'ର ଶୁଭ ଉଦ୍‌ଘାଟନ ଓଡ଼ିଶା ସାହିତ୍ୟ ଏକାଡ଼େମୀର ରାଜ୍ୟ ସଦସ୍ୟ କବି କାଳୀପଦ ପଣ୍ଡାଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ୪ତାରିଖ ପୂର୍ବାହ୍ନରେ କବିଙ୍କର ଜନ୍ମସ୍ଥାନ ପ୍ରସିଦ୍ଧ ଅଭଣା ଗ୍ରାମସ୍ଥ ବାସଭବନ ପରିସରରେ ନବନିର୍ମିତ ସାଧନାଗୃହ ଯେଉଁଥିରେ କି ତାଙ୍କ ସଂଗୃହୀତ ପୁସ୍ତକ, ପତ୍ରପତ୍ରିକା, ସର୍ବସାଧାରଣଙ୍କ ପାଇଁ ସମର୍ପିତ କରାଯାଇଛି, ସେହି ସବୁକୁ ନିଜ ପରଲୋକଗତ ପିତା ବାଞ୍ଛାନିଧି ଅଗସ୍ତୀଙ୍କ ନାମରେ ନାମିତ କରି ବାଞ୍ଛାବଟ ନାମରେ ଉଦ୍‌ଘାଟନ କରାଯାଇଥିଲା । କବି ଶ୍ରୀ ପଣ୍ଡା ଏହାକୁ ଉଦ୍‌ଘାଟନ କରି କହିଲେ ଯେ କବିଙ୍କର ନୀଳଉପତ୍ୟକା ଏକ ଉପନ୍ୟାସଧର୍ମୀ ଆତ୍ମଜୀବନୀ । ଯେଉଁଥିରେ ଅଭଣା ଅଞ୍ଚଳର ରାଜନୈତିକ, ସାଂସ୍କୃତିକ ଓ ସାମାଜିକ ଇତିହାସ ଭରପୂର ହୋଇ ରହିଛି । ସେ ଜଣେ ଆଦର୍ଶଶିକ୍ଷକ, ରାଜ୍ୟପାଳ ଓ ରାଷ୍ଟ୍ରପତି ପୁରସ୍କାର ଲାଭ କରି ଅଭଣା ମାଟିକୁ ଗୌରବାନ୍ୱିତ କରିଛନ୍ତି । ତାଙ୍କୁ ମିଳିଥିବା ପୁରସ୍କାର ଓ ତାଙ୍କଦ୍ୱାରା ସଂଗୃହୀତ ରାଶି ରାଶି ପୁସ୍ତକକୁ ସଂରକ୍ଷିତ କରି ରଖିବା ପାଇଁ ସେ 'ବାଞ୍ଛାବଟ' ନାମରେ ସାଧନାଗୃହକୁ ଉଦ୍‌ଘାଟନ କରି ପରପିଢ଼ିଙ୍କ ପାଇଁ ଉଦାହରଣ ସୃଷ୍ଟି କଲେ । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୌରଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସମାବେଶରେ ଶତାଧିକ ଗ୍ରାମବାସୀ, ତାଙ୍କର ଜାମାତା, କନ୍ୟା, ଭଣଜା, ଭାଣିଜୀବୋହୂ, ନାତି ଓ ନାତୁଣୀ ଉପସ୍ଥିତ ଥିଲେ । ଶ୍ରୀଯୁକ୍ତ ଅଗସ୍ତୀଙ୍କ ପ୍ରଚେଷ୍ଟାରେ ଅଭଣା ଗ୍ରାମରେ ଅଭଣା ହାଇସ୍କୁଲ୍, ବେଳାଭୂମି ମହାବିଦ୍ୟାଳୟ ଓ ଅଭଣା ସଂସ୍କୃତ ବିଦ୍ୟାଳୟ ପ୍ରତିଷ୍ଠା ହୋଇପାରିଛି । ତାଙ୍କ ଦାନ ଦ୍ୱାରା ଗ୍ରାମରେ ଏକ ବିରାଟ ଜଳାଶୟ ଲୋକହିତକର କାର୍ଯ୍ୟରେ ଲାଗୁଛି । ୮୨ବର୍ଷ ବୟସରେ ସେ ମଧ ଲେଖାପଢ଼ାରେ ଚଳଚଞ୍ଚଳ ରହିଛନ୍ତି । ସାଧନାଗୃହ ପ୍ରତିଷ୍ଠା ହେବାଦ୍ୱାରା ଆଗାମୀ ପିଢ଼ି ଦିନେ ନା ଦିନେ ଶ୍ରୀଯୁକ୍ତ ଅଗସ୍ତୀଙ୍କ କୃତି ଓ କୀର୍ତ୍ତିକୁ ଏଠାରୁ ଜାଣିପାରିବେ । ଜିଲ୍ଲା ମୁଖ୍ୟ ଡାକଘରର ହେଡ଼ପୋଷ୍ଟମାଷ୍ଟର ଶ୍ରୀମତୀ ରତ୍ନପ୍ରଭା ଅଗସ୍ତି ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲା ବେଳେ ଅଞ୍ଚଳର ଶହଶହ ଜନସାଧାରଣ ଏହି ସମାବେଶରେ ଯୋଗଦେଇ ପଂକ୍ତିଭୋଜନରେ ଆପ୍ୟାୟିତ ହୋଇଥିଲେ ।

# ପ୍ରମୁଖ ସଚିବ ଡ଼କ୍ଟର ଅରବିନ୍ଦ ପାଢ଼ୀଙ୍କ ଦିନିକିଆ ମୟୁରଭଂଜ ଗସ୍ତ



ବାରିପଦା, ୦୫/୧୨ (ନି.ପ୍ର): ଆଜି କୃଷି ଓ କୃଷକ ସାଶକ୍ତିକରଣ ବିଭାଗ ପ୍ରମୁଖ ସଚିବ ଡ଼କ୍ଟର ଅରବିନ୍ଦ କୁମାର ପାଢ଼ୀ ଏବଂ ଚଳଚିତ୍ର ନିର୍ମାତା ମିଷ୍ଟର ରିକି କେଜ ଓ ତାଙ୍କ ଟିମ ଭୁବନେଶ୍ୱର ରୁ ହାଲିକ୍ୟାପ୍ଟର ଯୋଗେ ଆସି ବାରିପଦା ଠାରେ ପହଂଚିବା ପରେ ଜିଲ୍ଲାପାଳ ଶ୍ରୀ ବିନୀତ ଭରଦ୍ୱାଜ ଏବଂ ଅନ୍ୟାନ୍ୟ ଜଲ୍ଲା ସ୍ତରୀୟ ଅଧିକାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଏହି ଅବସରରେ ସେ ମିଲେଟ ମିଶନର ଅଗ୍ରଗତି ସମ୍ପର୍କ ରେ ସମୀକ୍ଷା କରିବା ସହିତ ବାଙ୍ଗରିପୋଷୀ ବ୍ଲକର ସିମଳା ଠାରେ ସିମଳେଶ୍ୱର ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ମାଣ୍ଡିଆ ରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ଦ୍ରବ୍ୟ ଦୋକାନ ପରିଦର୍ଶନ କରି ସେମାନଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଏହା ପରେ ଅଁଳାଯୋଡି ଗ୍ରାମକୁ ଯାଇ ମାଣ୍ଡିଆ ଚାଷୀ ମାନଙ୍କୁ ଭେଟି ସେମାନଙ୍କ ସହିତ ଆଲୋଚନା କରିବା ସହିତ ମାଣ୍ଡିଆ ଚାଷକୁ ପ୍ରୋତ୍ସାହନ ପାଇଁ ସରକାରଙ୍କ ଯୋଜନା ବିଷୟରେ ଚାଷୀମାନଙ୍କୁ ଅବଗତ କରାଇ ଥିଲେ । ଏହାପରେ ଦିଗୀ ପଂଚାୟତ ର ଦରକଂଟିଆ ଗ୍ରାମ ଏବଂ ନିଶ୍ଚିତା ପଂଚାୟତ ର ଦୋଷୀଶୋଳ ଗ୍ରାମ ପରିଦର୍ଶନ କରିବା ସହିତ ଧାନ କ୍ଷେତ ବୁଲି ଦେଖି ଥିଲେ । ଡ଼କ୍ଟର ପାଢ଼ୀ ଙ୍କ ଉକ୍ତ ଗସ୍ତ କାର୍ଯ୍ୟକ୍ରମ ଅବସରରେ ତାଙ୍କ ସହିତ ଆସିଥିବା ନିର୍ମାତା ମି. ରିକି କେଜ ଓ ତାଙ୍କ ଟିମ ଆସନ୍ତା ବର୍ଷ ପାଳନ ହେବାକୁ ଯାଉଥିବା ଅନ୍ତର୍ଜାତୀୟ ମିଲେଟ ବର୍ଷ ପାଇଁ ଏକ ଉଚ୍ଚ କୋଟିର ଭିଡ଼ିଓ ମ୍ୟୁଜିକ ପ୍ରସ୍ତୁତ ପାଇଁ ବିଭିନ୍ନ ସ୍ଥାନରୁ ଫୋଟ ଚିତ୍ର ସମେତ ପାରମ୍ପରିକ ଆଦିବାସୀ ସମ୍ପ୍ରଦାୟର ନୃତ୍ୟ, ଗୀତ ଓ ସଂସ୍କୃତି ଆଦିର ଭିଡ଼ିଓ ସୁଟିଂ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପ୍ରମୁଖ ସଚିବ ଙ୍କ ସହିତ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ଅତିରିକ୍ତ ଜିଲ୍ଲପାଳ ରୁଦ୍ରନାରାୟଣ ମହାନ୍ତି, ଜିଲ୍ଲା ପରିଷଦ ସି. ଡି. ଓ. ଇ. ଓ. ଦୌଲତ ଚନ୍ଦ୍ରକାର, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ସୁଜୟ କୁମାର ପତି, ବାଙ୍ଗରିପୋଷୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସତ୍ୟବାନ ନାୟକ, ଜିଲ୍ଲା କୃଷି ଅଧିକାରୀ ପ୍ରମୁଖ ଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ଏହି ଗସ୍ତ କାର୍ଯ୍ୟକ୍ରମ ପରେ ପ୍ରମୁଖ ସଚିବ ଡ଼କ୍ଟର ପାଢ଼ୀ ଜିଲ୍ଲାର ଜିଲ୍ଲପାଳ ତଥା ଅନ୍ୟାନ୍ୟ ସମସ୍ତ ପଦାଧିକାରୀ ମାନଙ୍କୁ ଆଜିର କାର୍ଯ୍ୟକ୍ରମର ସଫଳତା ପାଇଁ ଧନ୍ୟବାଦ ଜଣାଇ ଥିଲେ ଏବଂ ପରେ ପରେ ଅପରାହ୍ନ ରେ ଭୂନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo